ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25. No.255 Bhubaneswar Wednesday November 30, 2022 ୨୫ତମ ବର୍ଷ ସଂଖ୍ୟା-୨୫୫ ଭୁବନେଶ୍ୱର, ବୁଧବାର, ନଭେମ୍ବର ୩୦,୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦₹1.50 (Air Surcharge - 0.50P) Member-INS

# ଶିକ୍ଷକଙ୍କ ପାଇଁ ଗୃହ ଅଚଳ କଲେ ବିରୋଧୀ



**ଭୁବନେଶ୍ୱର (ପିଏନ):** ନିଜର ୩ଦଫା ଦାବି ପୂରଣ ଜିଦରେ ଅଟଳ ରହି ପ୍ରାଥମିକ ସ୍କୁଲ ଶିକ୍ଷକମାନେ ରାଜଧାନୀରେ ଅହୋରାତ୍ର ଧାରଣା ଦେଇଥିବାବେଳେ ଆଜି ବିଧାନସଭାରେ ଶିକ୍ଷକମାନଙ୍କ ସମସ୍ୟା ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଗୃହକୁ ଚ଼ଳାଇ ଦେଇନି । ଗଣଶିକ୍ଷା ମନ୍ତ୍ରୀ ଏଠାରେ ରହି ଶିକ୍ଷକଙ୍କ ସମସ୍ୟା ଶୁଣିବା ପରିବର୍ତ୍ତେ ପଦ୍ମପୁରରେ ନିର୍ବାଚ଼ନ ପ୍ରଚ଼ାର ଚ଼ଳାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଖରା କାକରରେ ବସିଥିବା ଶିକ୍ଷକମାନଙ୍କ ଦାବିର ସମାଧାନ ସରକାର ତୁରନ୍ତ କରନ୍ତୁ ବୋଲି ବିରୋଧୀ କଂଗ୍ରେସ ଓ ବିଜେପି ସଦସ୍ୟମାନେ ଦାବି କରି ଗୃହରେ ହଟ୍ଟଗୋଳ ଓ ପୋଡିୟମ ତଳେ ଧାରଣା ଦେଇଥିଲେ । ଏପରିକି ବାଚ଼ସ୍ପତି ବିକ୍ରମ କେଶରୀ ଆରୁଖ ଆଜି ସର୍ବଦଳୀୟ ବୈଠକ ଡାକି ସ୍ଥିତି ସ୍ୱାଭାବିକ କରିବାକୁ ଚ଼ାହିଁଥିଲେ ମଧ୍ୟ ଅଚ଼ଳାବସ୍ଥା ଲାଗି ରହିଥିଲା ।

ଆଜି ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେପି ଓ କଂଗ୍ରେସ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ଶିକ୍ଷକମାନଙ୍କ ଆନ୍ଦୋଳନ ପ୍ରସଙ୍ଗକୁ ନେଇ ପ୍ରବଳ ହଟ୍ଟଗୋଳ କରିବାରୁ ଗୃହକୁ ବାଚ଼ସ୍ପତି ୧୦ଟା ୩୩ମିନିଟରୁ ସାଢେ ୧୧ଟା ପର୍ଯ୍ୟନ୍ତ ଓ ପରେ ୧୧ଟା ୪୫ମିନିଟ୍ ପର୍ଯ୍ୟନ୍ତ ମୁଲତବୀ କରିଥିଲେ । ବାଚ଼ସ୍ପତି ସର୍ବଦଳୀୟ ବୈଠକ ଡାକି ଗୃହକୁ ସ୍ୱାଭାବିକ କରିବା ନିମନ୍ତେ ପ୍ରୟାସ କରିଥିଲେ ଓ ଗୃହକୁ ୧୧ଟା ୪୫ରୁ ୧୦ମିନିଟ୍ ପାଇଁ ମୁଲତବୀ ରଖିଥିଲେ । ସର୍ବଦଳୀୟ ବୈଠକ ପରେ ଗୃହ ସ୍ୱାଭାବିକ ହୋଇଥିଲା । କିନ୍ତୁ ସରକାରଙ୍କ ଉତ୍ତର ପରେ ବିରୋଧୀ ପୁଣିଥରେ ହଟ୍ଟଗୋଳ କରିଥିଲେ । ଯେଉଁଥିପାଇଁ ଗୃହକୁ ବାଚ଼ସ୍ପତି ସାଢେ ୧୨ଟାରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।ବିଜେପି ମୁଖ୍ୟ ସଚେତକ ମୋହନ ମାଝୀ କହିଛନ୍ତି ଯେ, ବାଚ଼ସ୍ପତିଙ୍କ ରୁଲିଂ ପରେ ଗଣଶିକ୍ଷା ସଚ଼ିବ ଗତକାଲି ପ୍ରାଥମିକ ଶିକ୍ଷକ ସଂଘ ସହ ଆଲୋଚ଼ନା କରିଛନ୍ତି । କିନ୍ତୁ ଦୁର୍ଭାଗ୍ୟର କଥା ହେଉଛି ସଚ଼ିବ କହିଛନ୍ତି ଯେ ସେ ନୂଆ କରି ଆସିଛନ୍ତି, ତେଣୁ ଦାବି ସମ୍ପର୍କରେ ଅଜ୍ଞ । ତେବେ ଆମର ପ୍ରଶ୍ନ ହେଲା, ଶିକ୍ଷକମାନେ ଦାବି ସମ୍ପର୍କରେ ପୂର୍ବରୁ ଜଣାଇଥିବାବେଳେ ସଚ଼ିବ କିପରି ଏହା କହୁଛନ୍ତି । ଶିକ୍ଷକଙ୍କ ଆନ୍ଦୋଳନ ଯୋଗୁ ସ୍କୁଲରେ ତାଲା ପଡିଛି । ଆଉ ଗଣଶିକ୍ଷା ମନ୍ତ୍ରୀ ପଦମପୁର ଯାଇ ସେଠାରେ ପ୍ରଚ଼ାର କରୁଛନ୍ତି । ଏହାଠୁ ଦୁର୍ଭାଗ୍ୟଜନକ ଆଉ କ'ଣ ଥାଇପାରେ ।ସେହିପରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଶିକ୍ଷକଙ୍କ ଅନ୍ଦୋଳନ ପ୍ରସଙ୍ଗ ଉଠାଇ ସରକାରଙ୍କୁ କଡା ସମାଲୋଚ଼ନା କରିଛନ୍ତି । ସେ କହିଛନ୍ତି ଯେ, ବାଚ଼ସ୍ପତିଙ୍କ ନିର୍ଦ୍ଦେଶ ପରେ ବି ସରକାର କୌଣସି ପଦକ୍ଷେପ ନେଉନାହାନ୍ତି । କେବଳ ଧର୍ମକୁ ଆଖିଠାର ମାରିବା ଭଳି ପଦକ୍ଷେପ ନେଉଛନ୍ତି । ଶିକ୍ଷକ ସଂଘ ଓ ସଚ଼ିବଙ୍କ ମଧ୍ୟରେ ଆଲୋଚ଼ନା ହୋଇଥିଲା । କିନ୍ତୁ ସଚ଼ିବ କହୁଛନ୍ତି ସେ ନୂଆ, କରିବେ କ'ଣ ? ଆଉ ଶିକ୍ଷା ମନ୍ତ୍ରୀ ଯାଇ ପଦମପୁରରେ ଅଛନ୍ତି । ଶିକ୍ଷକଙ୍କ ସମସ୍ୟା କିଏ ବୁଝିବ ବୋଲି ସେ ପ୍ରଶ୍ନ କରିଛନ୍ତି । କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି ଯେ, ଲକ୍ଷଲକ୍ଷ ଶିକ୍ଷକ ରାଜରାସ୍ତାରେ ବସି ରହିଛନ୍ତି । ଗଣଶିକ୍ଷା ମନ୍ତ୍ରୀ ପଦ୍ମପୁରରେ ଯାଇ ନିର୍ବାଚ଼ନ ପ୍ରଚ଼ାର କରୁଛନ୍ତି । ଏହା ଦୁର୍ଭାଗ୍ୟଜନକ । ଶିକ୍ଷକମାନଙ୍କ ୩ ଦଫା ଦାବି ନେଇ ସରକାର ତୁରନ୍ତ ନିଷ୍ପତ୍ତି ନିଅନ୍ତୁ । ନଚେତ୍ ଗୃହକୁ ଚ଼ଳାଇ ଦିଆଯିବ ନାହିଁ ।ଅନ୍ୟପକ୍ଷରେ ବିଜେଡି ବିଧାୟକ ଶଶୀଭୂଷଣ ବେହେରା କହିଥିଲେ ଯେ, ଶିକ୍ଷକମାନେ ଜିଦରେ ଆନ୍ଦୋଳନ କରିବା ଉଚ଼ିତ୍ ନୁହେଁ । ସରକାର ସେମାନଙ୍କ ଦାବି ପ୍ରତି ସଚେତନ ଅଛନ୍ତି । ଆର୍ଥିକ ବ୍ୟବସ୍ଥାକୁ ଆକଳନ କରି ସରକାର କିଛି ପଦକ୍ଷେପ ନିଶ୍ଚିତ ନେବେ । ଶିକ୍ଷକମାନେ ରାସ୍ତାରେ ଶୋଇବା ପସନ୍ଦର କଥା ହେଉନି ।

ବାଚ଼ସ୍ପତିଙ୍କ ନିର୍ଦ୍ଦେଶରେ ଗଣଶିକ୍ଷା ମନ୍ତ୍ରୀଙ୍କ ଅନୁପସ୍ଥିତିରେ ବିଜ୍ଞାନ ଓ କାରିଗରି କୌଶଳ ମନ୍ତ୍ରୀ ଅଶୋକ ପଣ୍ଡା ଗୃହରେ ବିବୃତ୍ତି ରଖି କହିଥିଲେ ଯେ, ଶିକ୍ଷକ ଆନ୍ଦୋଳନ ପ୍ରସଙ୍ଗରେ ସରକାର ସଚେତନ ଅଛନ୍ତି । ଗତକାଲି ଶିକ୍ଷକ ସଂଘ ସହ ବିଭାଗୀୟ ସଚ଼ିବ ପ୍ରାୟ ୪୫ମିନିଟ୍ ଧରି ଆଲୋଚ଼ନା କରିଛନ୍ତି । ବିଭାଗୀୟ ସଚ଼ିବ ସେମାନଙ୍କ ଦାବି ସମ୍ପର୍କରେ ସମ୍ପୂର୍ଣ୍ଣ ଅବଗତ ଅଛନ୍ତି । ଏବେ ଆଲୋଚ଼ନା ପାଇଁ ଦ୍ୱାର ଖୋଲା ଅଛି । ଆମେ ଆଲୋଚ଼ନାର ଦ୍ୱାର ବନ୍ଦ କରିନୁ । ଆନ୍ତଃ ବିଭାଗୀୟ ବିଷୟବସ୍ତୁ କିଛି ରହୁଥିବାରୁ ତା' ଉପରେ ଆଲୋଚ଼ନା ଚ଼ାଲିଛି । ଆଜି ମଧ୍ୟ ମୁଖ୍ୟ ସଚ଼ିବ ଏକ ବୈଠକ ଡାକିଛନ୍ତି ସେଠାରେ ଶିକ୍ଷକ ସଂଘ ସହ ଆଲୋଚ଼ନା କରିବେ । କିନ୍ତୁ ସରକାରଙ୍କ ଏହି ଉତ୍ତରରେ ବିରୋଧୀ ତୀବ୍ର ଅସନ୍ତୋଷ ପ୍ରକାଶ କରି ହଟ୍ଟଗୋଳ ଜାରି ରଖିବାରୁ ଆଜି ଗୃହରେ ଅଚ଼ଳାବସ୍ଥା ଲାଗି ରହିଥିଲା । ଅପରାହ୍ନ ୪ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିଥିବାବେଳେ ସରକାର ଗୃହରେ ଜିଲ୍ଲା ଯୋଜନା କମିଟି ସଂଶୋଧନ ବିଲକୁ ଗୃହରେ ପାରିତ କରାଇ ନେଇଛନ୍ତି ।

# ମିଶନ ଶକ୍ତି ମା'ମାନଙ୍କୁ ବିନା ସୁଧରେ ୩ ଲକ୍ଷ ପରିବର୍ତ୍ତେ ମିଳିବ ୫ ଲକ୍ଷ ଟଙ୍କାର ଋଣ



**ଭୁବନେଶ୍ୱର(ପିଏନ):** ରାଜ୍ୟର ମିଶନ ଶକ୍ତି ମା'ମାନଙ୍କ କାର୍ଯ୍ୟକ୍ରମରେ ଏକ ବିଶାଳ ପରିବର୍ତ୍ତନ ଆଣିବାର ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ସେମାନଙ୍କ ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଯୋଗାଇ ଦିଆଯିବ ବୋଲି ଘୋଷଣା କରିଛନ୍ତି। ୨୦୨୨ ଅପ୍ରେଲ ପହିଲାରୁ ଏହି ନୂତନ ଋଣ ବ୍ୟବସ୍ଥା ଲାଗୁ ହେବ। ପୂର୍ବରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିନା ସୁଧରେ ଦିଆଯାଉଥିଲା। ଏହାକୁ ଏକ ଯୁଗାନ୍ତକାରୀ ପଦକ୍ଷେପ ରୂପେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ଆମର ମିଶନ ଶକ୍ତି ମା ମାନେ ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ ବା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ ଏବଂ ଆମର ଲକ୍ଷ ଲକ୍ଷ ମା ମାନେ ଅଧିକ ଟଙ୍କାର ଋଣ ନେଇ ବଡ ବଡ ବ୍ୟବସାୟ କରିପାରିବେ।

ଓଡିଶାର ରୂପାନ୍ତର କ୍ଷେତ୍ରରେ ମା'ମାନେ ହେଉଛନ୍ତି ଏକ ଅଭିନ୍ନ ଅଙ୍ଗ। ଆଜିର ଏହି ନିଷ୍ପତ୍ତି ସେମାନଙ୍କୁ ସଶକ୍ତ କରିବାରେ ଓ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହିତ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ମିଶନ ଶକ୍ତି ମା'ମାନଙ୍କୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ ଭାବରେ ପରିଣତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଆଗାମୀ ୫ ବର୍ଷ ମଧ୍ୟରେ ମିଶନ ଶକ୍ତି ଗ୍ରୁପମାନଙ୍କୁ ପ୍ରାୟ ୫୦ ହଜାର କୋଟି ଟଙ୍କାର ଋଣ ଯୋଗାଇ ଦେବାପାଇଁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଏହାଦ୍ୱାରା ମିଶନ ଶକ୍ତିର ମା'ମାନେ ସଫଳ ଉଦ୍ୟୋଗୀ ଭାବରେ ନିଜକୁ ପ୍ରତିଷ୍ଠିତ କରିପାରିବେ।

ଆମ ପ୍ରତିଶ୍ରୁତି ଅନୁଯାୟୀ ରାଜ୍ୟ ସରକାର ମିଶନ ଶକ୍ତି ମା'ମାନଙ୍କୁ ଗତ ୩ ବର୍ଷରେ ସରକାରୀ ଭାବରେ ୪୦୦୦ କୋଟି ଟଙ୍କାର ବିଜିନେସ ଯୋଗାଇ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହାସହିତ ଗତ ୫ ବର୍ଷରେ ମିଶନ ଶକ୍ତି ମା ମାନଙ୍କୁ ୧୭ ହଜାର କୋଟିରୁ ଅଧିକ ଟଙ୍କାର ଋଣ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ଆମର ମିଶନ ଶକ୍ତି ମା'ମାନଙ୍କୁ ଉତ୍ସାହିତ କରିବାପାଇଁ ଓଡିଶା ସରକାର ବିନା ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସୁବିଧା ଯୋଗାଇ ଦେଉଛନ୍ତି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଏହି କାର୍ଯ୍ୟକ୍ରମରେ ଚ଼ାରି ଲକ୍ଷ ଏସ୍‌ଏଚ୍‌ଜି ଗ୍ରୁପର ବ୍ୟାଙ୍କ ଖାତାକୁ ରାଜ୍ୟ ସରକାର ୫୦୦ କୋଟି ଟଙ୍କାର ସୁଧ ଫେରାଇଛନ୍ତି।

ମହିଳା ସଶକ୍ତିକରଣ ଦିଗରେ ମିଶନ ଶକ୍ତି ଏକ ଅଭିନବ ଉଦ୍ୟମ ଭାବେ ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ୭୦ ଲକ୍ଷ ମା'ମାନଙ୍କୁ ୬ ଲକ୍ଷ ଏସ୍‌ଏଚ୍‌ଜି ଜରିଆରେ ଏହା ଏକାଠି କରିପାରିଛି। ଏହି ଆନ୍ଦୋଳନକୁ ଆହୁରି ଆଗକୁ ନେବା ପାଇଁ ତାଙ୍କ ସରକାର ସ୍ୱତନ୍ତ୍ର ଭାବରେ ମିଶନ ଶକ୍ତି ବିଭାଗ ଗଠନ କରିଛନ୍ତି ଏବଂ ସବୁ ଏସ୍‌ଏଚ୍‌ଜି କାର୍ଯ୍ୟକ୍ରମ ଏହି ବିଭାଗ ଜରିଆରେ ହିଁ କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଥିଲେ। ସୂଚ଼ନାଯୋଗ୍ୟ ଯେ ୨୦୨୦ ଜୁନ୍ ୧ ତାରିଖରେ ମିଶନ ଶକ୍ତି ବିଭାଗ ପ୍ରତିଷ୍ଠା କରାଯାଇ ରାଜ୍ୟର ସବୁ ଏସ୍.ଏଚ୍.ଜି କାର୍ଯ୍ୟକ୍ରମକୁ ଗୋଟିଏ ବିଭାଗ ଅଧୀନରେ ରଖାଯାଇଥିଲା।

# ଆଜି 'ମେକ୍ ଇନ୍ ଓଡ଼ିଶା' କନକ୍ଲେଭ

**ଭୁବନେଶ୍ୱର(ପିଏନ):**'ମେକ୍ ଇନ୍ ଓଡ଼ିଶା' କନକ୍ଲେଭ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ। ସ୍ଥାନୀୟ ଜନତା ମଇଦାନରେ ଆୟୋଜିତ ହେବାକୁ ଥିବା ଏହି ବ୍ୟବସାୟିକ ସମାବେଶକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରିବେ। ରାଜ୍ୟ ସରକାର ୧୨୦ରୁ ୧୩୦ ପୁଞ୍ଜି ନିବେଶ ପ୍ରସ୍ତାବ ଆସିବ ବୋଲି ଆଶା ପ୍ରକଟ କରିଛନ୍ତି । ୧୦୦ରୁ ଅଧିକ ବଡ଼ ବଡ଼ ଶିଳ୍ପପତି ଯୋଗଦେବେ । ମେଟାଲ ମିନେରାଲ, ପେଟ୍ରୋକେମିକାଲ, ଟେକ୍ସଟାଇଲ, ଫୁଡ୍ ପ୍ରୋସେସିଂ, ଅକ୍ଷୟ ଶକ୍ତି, ପର୍ଯ୍ୟଟନ, ଆଇ ଟି ସେକ୍ଟର ଉପରେ ଅଧିକ ଫୋକସ ରଖାଯାଇଛି । ଜାପାନ, ଜର୍ମାନ, ନରୱେ କଣ୍ଟ୍ରି ପାର୍ଟନର ରହିଛନ୍ତି ।ରାଜ୍ୟକୁ ସ୍ୱାବଲମ୍ବୀ କରିବା ଏବଂ ରାଜ୍ୟକୁ ସମୃଦ୍ଧ କରିବା ଦିଗରେ ଏହି ପଦକ୍ଷେପ ନିଆଯାଉଛି। ଭାଗ ନେବାକୁ ପ୍ରାୟ ୧୧ ହଜାର ୬ ଶହ ପଞ୍ଜିକରଣ ହୋଇଛି । ସରକାରଙ୍କ ୨୨ ଟି ବିଭାଗର ସହଯୋଗରେ ମେକ ଇନ ଓଡ଼ିଶା ମହାକୁମ୍ଭର ଆୟୋଜନ କରାଯାଇଛି । ଏଥିରେ ଆର୍ସେଲର୍ ମିତ୍ତଲର କାର୍ଯ୍ୟନିର୍ବାହୀ ଚେୟାରମ୍ୟାନ୍ ଏଲ୍. ଏନ୍. ମିତ୍ତଲ, ଆଦିତ୍ୟ ବିର୍ଲା ଗ୍ରୁପ୍ ଚେୟାରମ୍ୟାନ୍ କୁମାର ମଙ୍ଗଲମ୍ ବିର୍ଲା, ବେଦାନ୍ତ ରିସୋର୍ସେସ ଲିମିଟେଡ଼ ଚେୟାରମ୍ୟାନ ଅନିଲ ଅଗ୍ରୱାଲ, ଜେଏସଡବ୍ଲୁ ଗ୍ରୁପ୍ ଚେୟାରମ୍ୟାନ୍ ସାଜନ ଜିନ୍ଦଲ, ଜେଏସପିଏଲ୍ ଚେୟାରମ୍ୟାନ ନବୀନ ଜିନ୍ଦଲ, ଟାଟା ଷ୍ଟିଲ୍ ସିଇଓ ତଥା ଏମ୍ଡି ଟି ଭି ନରେନ୍ଦ୍ରନ୍ ପ୍ରମୁଖ ଯୋଗ ଦେବେ । ଏହା ବ୍ୟତୀତ ଜାପାନ, ନରୱେ ଏବଂ ଜର୍ମାନୀର ସହଭାଗୀ ଦେଶଗୁଡିକର ପ୍ରତିନିଧୀମାନେ ମଧ୍ୟ ଏହି ଉତ୍ସବକୁ ଅନୁଗ୍ରହ ପ୍ରଦାନ କରିବେ।

ବ୍ୟାପକ ପୁଞ୍ଜିନିବେଶ ଦ୍ୱାରା ଓଡ଼ିଶାର ଶିଳ୍ପ ସମୃଦ୍ଧଧାରାକୁ ଆଗେଇ ନେବା ପାଇଁ ଆରମ୍ଭ ହେଉଛି 'ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ୨୦୨୨'। ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି ସମ୍ମିଳନୀରେ ଦେଶବିଦେଶର ପ୍ରତିଷ୍ଠିତ ଉଦ୍‌ଯୋଗୀ ଓ ପୁଞ୍ଜି ନିବେଶକ ସାମିଲ ହେବାକୁ ଯାଉଛନ୍ତି।

ଏହି କନକ୍ଲେଭରେ ୩୮ଟି କାର୍ଯ୍ୟକ୍ରମ ରହିଛି ଯେଉଁଥିରେ ୧୨୪ ଜଣ ବକ୍ତା ରହିଛନ୍ତି । ଏହାପୂର୍ବରୁ ୨୦୧୬ ଓ ୨୦୧୮ରେ ମେକ ଇନ ଓଡ଼ିଶା କନକ୍ଲେଭ ଆୟୋଜିତ ହୋଇସାରିଛି। ଆସନ୍ତା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ମୋଟ ପାଞ୍ଚ ଦିନ ଧରି ଏହି ସମ୍ମିଳନୀ ଜାରି ରହିବ। ତେବେ ୨୦୧୬ରେ ହୋଇଥିବା କନକ୍ଲେଭରେ ୨ ଲକ୍ଷ କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା। ସେଥିରୁ ୩୫ ପ୍ରତିଶତ କାର୍ଯ୍ୟକ୍ଷମ ହୋଇଛି । ୨୦୧୮ରେ ୪ ଲକ୍ଷ ୨ ହଜାର କୋଟି ଟଙ୍କାର ପ୍ରସ୍ତାବ ଆସିଥିଲା । ସେଥିରୁ ୪୦ ପ୍ରତିଶତ ବାସ୍ତବ ରୂପ ନେଇଛି । କୋଭିଡ ମହାମାରୀ ମଧ୍ୟରେ ମଧ୍ୟ ୩ ଲକ୍ଷ କୋଟି ଟଙ୍କା ଇନ୍ଭେଷ୍ଟ ଆସିଥିଲା ।

# ଆଦର୍ଶ ଆଚ଼ରଣ ବିଧି ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ: ସିଇଓ

**ଭୁବନେଶ୍ୱର(ପିଏନ):** ଓଡିଶାର ବରଗଡ ଜିଲ୍ଲା ୧-ପଦ୍ମପୁର ବିଧାନସଭା ଆସନ ପାଇଁ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚ଼ନ ନିମନ୍ତେ ଆଜି ମୁଖ୍ୟ ନିର୍ବାଚ଼ନ ଅଧିକାରୀ ସୁଶୀଲ କୁମାର ଲୋହାନୀ ପଦ୍ମପୁର ଗସ୍ତରେ ଯାଇ ଜିଲ୍ଲା ନିର୍ବାଚ଼ନ ଅଧିକାରୀ ତଥା ଜିଲ୍ଲାପାଳ ଏବଂ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକ କରିଥିଲେ। ଉପନିର୍ବାଚ଼ନ ନିମନ୍ତେ ସମ୍ବେଦନଶୀଳ ବୁଥ୍‌ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା ସହ ସୁରକ୍ଷାକୁ କଡାକଡି କରିବାକୁ ସଂପୃକ୍ତ ଅଧିକାରୀମାନଙ୍କୁ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଉପନିର୍ବାଚ଼ନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚ଼ାରୀମାନଙ୍କର ପ୍ରଶିକ୍ଷଣ ମଡେଲ ଓ ପିଙ୍କ୍ ବୁଥ୍ ସ୍ଥାପନ, ଦିବ୍ୟାଙ୍ଗ ଏବଂ ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ଭୋଟରମାନଙ୍କ ନିମନ୍ତେ ପୋଷ୍ଟାଲ ବାଲାଟ୍ ମାଧ୍ୟମରେ ଭୋଟ ଗ୍ରହଣ ପାଇଁ କି ପ୍ରକାରର ପଦକ୍ଷେପ ନିଆଯାଇଛି, ସେ ସଂପର୍କରେ ଶ୍ରୀ ଲୋହାନୀ ସମୀକ୍ଷା କରିଥିଲେ।

ଉପନିର୍ବାଚ଼ନ ପାଇଁ ବଳବତ୍ତର ଥିବା ଆଦର୍ଶ ଆଚ଼ରଣ ବିଧିକୁ ନିର୍ବାଚ଼ନରେ ଅଂଶଗ୍ରହଣ କରୁଥିବା ପ୍ରାର୍ଥୀମାନେ, ସମସ୍ତ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଓ ନିର୍ବାଚ଼ନ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚ଼ାରୀମାନେ ଯେପରି କଡାକଡି ଭାବେ ଅନୁପାଳନ କରିବେ, ସେ ସଂପର୍କରେ ସମୀକ୍ଷା କରିବା ସହ ଏହାର ଉଲ୍ଲଂଘନ ହେଲେ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ନିର୍ବାଚ଼ନ ଅଧିକାରୀ ବୈଠକରେ ପ୍ରକାଶ କରିଛନ୍ତି। ଏଥି ନିମନ୍ତେ ଫ୍ଲାଇଙ୍ଗ୍ ସ୍କ୍ୱାର୍ଡ ଓ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ମାଧ୍ୟମରେ ଜୋରଦାର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି। ଫ୍ଲାଇଙ୍ଗ୍ ଏବଂ ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍ ମାଧ୍ୟମରେ ବ୍ୟାନର, ପୋଷ୍ଟର, ହୋର୍ଡିଙ୍ଗ ଉଚ୍ଛେଦ ଓ ଯାନବାହନ ତନଖି କରାଯିବା ସହ ଜିଲ୍ଲାରେ ଅବକାରୀ ଚ଼?ଢ଼ଉ ଜୋରଦାର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ଅଧିକ ସଂଖ୍ୟାରେ ମତଦାନ ନିମନ୍ତେ ଭୋଟର ସଚେତନତା କାର୍ଯ୍ୟକ୍ରମ କରିବାକୁ ଶ୍ରୀ ଲୋହାନୀ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ମତଗଣନା କାର୍ଯ୍ୟ ନିମନ୍ତେ ପ୍ରସ୍ତୁତି, ମାଇକ୍ରୋ ପର୍ଯ୍ୟବେକ୍ଷକ ନିଯୁକ୍ତି, ସେକଟର ଅଧିକାରୀଙ୍କ ନିଯୁକ୍ତି ଓ ପ୍ରଶିକ୍ଷଣ ସହ ସ୍ୱଚ୍ଛ, ଅବାଧ ଓ ନିରପେକ୍ଷ ନିର୍ବାଚ଼ନ ଉପରେ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ଗୁରୁତ୍ୱାରୋପ କରିଛନ୍ତି। ଏହି ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନିର୍ବାଚ଼ନ ବ୍ୟୟ ପର୍ଯ୍ୟବେକ୍ଷକ ଡି.ଏମ୍. ରାମପ୍ରସାଦ ଗୁପ୍ତା (ଭାପ୍ରସେ), ଅତିରିକ୍ତ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ଶତ୍ରୁଘ୍ନ କର, ଜିଲ୍ଲା ନିର୍ବାଚ଼ନ ଅଧିକାରୀ ତଥା ଜିଲ୍ଲାପାଳ ମୋନୀଷା ବାନାର୍ଜୀ, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ଯୁଗ୍ମ ମୁଖ୍ୟ ନିର୍ବାଚ଼ନ ଅଧିକାରୀ ପ୍ରମୋଦ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ମିର୍ଦ୍ଧା ଟପ୍ପୋ ଓ କୃତିବାସ ରାଉତ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଆଦିତ୍ୟ ଗୋୟେଲ ଏବଂ ରିଟର୍ଣ୍ଣିଂ ଅଧିକାରୀ ତଥା ପଦମ୍ପୁର ଉପଜିଲ୍ଲାପାଳ ତ୍ରିଲୋଚ଼ନ ପାତ୍ରଙ୍କ ସମେତ ଜିଲ୍ଲାର ନୋଡାଲ ଅଧିକାରୀମାନେ ଉପସ୍ଥିତ ଥିଲେ।

## କେନ୍ଦ୍ରମନ୍ତ୍ରୀଙ୍କ ମାରାଥନ ନିର୍ବାଚ଼ନୀ ପ୍ରଚ଼ାର

# ପଦ୍ମପୁରବାସୀଙ୍କୁ ଶାସକ ଦଳ ପ୍ରଲୋଭନ ଦେଖାଇ ପ୍ରଭାବିତ କରିପାରିବ ନାହିଁ:ଧର୍ମେନ୍ଦ୍ର ପ୍ରଧାନ

**ପାଇକମାଲ/ବରଗଡ଼,(ପିଏନ):** ବୀର ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂହଙ୍କ ବଂଶଜ ପଦ୍ମପୁରବାସୀଙ୍କୁ ଶାସକ ଦଳ ଲୋକ କିମ୍ବା ପ୍ରଲୋଭନ ଦେଖାଇ ପ୍ରଭାବିତ କରିପାରିବ ନାହିଁ ବୋଲି ବୁଧବାର ବରଗଡ଼ ଜିଲ୍ଲା ପାଇକମାଲ ବ୍ଲକ ମାଣ୍ଡୋସିଲ, ଭେଙ୍ଗରାଜପୁର ଓ ବିଜାଡୀହି ସମେତ ଅନେକ ସ୍ଥାନରେ ଦଳୀୟ ପ୍ରାର୍ଥୀ ପ୍ରଦୀପ ପୁରୋହିତଙ୍କ ପାଇଁ ମାରାଥନ ନିର୍ବାଚ଼ନ ପ୍ରଚ଼ାର କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ସେହିପରି ବିଧାନସଭାରେ ରାଜ୍ୟର ମନ୍ତ୍ରୀମାନେ ଦେଇଥିବା ଦେଇଥିବା ତଥ୍ୟ ରାଜ୍ୟ ସରକାରଙ୍କ ପାରିବାପଣିଆକୁ ପଦାରେ ପକାଇଛି ବୋଲି ସେ କହିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ପଦ୍ମପୁର ହେଉଛି ବୀର ସ୍ୱାଧୀନତା ସଂଗ୍ରାମୀ ଶହୀଦ ମାଧୋ ସିଂହ, ହଟ୍ଟେ ସିଂହ, କୁଞ୍ଜଲ ସିଂହ, ବୈରୀ ସିଂହ ଓ ଐରୀ ସିଂହଙ୍କ ମାଟି । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କର୍ମଭୂମି । ଏହି ପବିତ୍ର ଭୂମିକୁ ଆସିବା ମୋ ପାଇଁ ସୌଭାଗ୍ୟ । ଆଜି ସେହି ବୀର ଓ ସ୍ୱାଭିମାନୀ ମାଟିକୁ ମୋର ପ୍ରଣାମ । ଆଜି ସେହି ମାଟିରେ କଳ ବଳ କୌଶଳ ପଇସା ଲଗେଇ ନିର୍ବାଚ଼ନ ଲଢେଇ କରିବାକୁ ଶାସକ ଦଳ ଚେଷ୍ଟା କରୁଛନ୍ତି । ମାତ୍ର ଯେତେ ଚେଷ୍ଟା କଲେ ବି ଶାସକ ଦଳ ଶହୀଦ ମାଧୋ ସିଂହଙ୍କ ବଂଶଜ ପଦ୍ମପୁରବାସୀଙ୍କୁ ଟଙ୍କା ଦେଇ କିଣିପାରିବେ ନାହିଁ । ପଦ୍ମପୁରରେ ନିଶ୍ଚୟ ପଦ୍ମଫୁଲ ଫୁଟିବ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ସବୁଠି କହୁଛନ୍ତି, ମୁଁ ଦାୟିତ୍ୱ ନେଉଛି, ସେ କେଉଁଠି ଦାୟିତ୍ୱ ନେଇଛନ୍ତି । ସ୍ଥିତି ଏପରି ହୋଇଛି, ବିଧାନସଭାରେ ଧାମନଗରର ନବନିଯୁକ୍ତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଥିବା ନିର୍ବାଚ଼ନମଣ୍ଡଳୀର ବିକାଶ କଥା ପଚ଼ାରିଲେ ତଥ୍ୟ ସଂଗ୍ରହ କରାଯାଉଥିବା କୁହାଯାଉଛି । ବିଧାନସଭାରେ ବିଧାୟକ ଶ୍ରୀ ନରସିଂହ ମିଶ୍ର ନାରୀ ନିର୍ଯ୍ୟାତନା ପଚ଼ାରିଥିବା ପ୍ରଶ୍ନର ଉତ୍ତରରେ ରାଷ୍ଟ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କ ଉତ୍ତରରେ ଆସିଛି ରାଜ୍ୟରେ ଧର୍ଷଣ ମାମଲା ୨୦୧୯ରେ ୨୯୫୦ ଥିଲା । ୨୦୨୧ରେ ନିୟନ୍ତ୍ରଣ ହେବା ପରିବର୍ତ୍ତ ? ୩୩୨୭ ଧର୍ଷଣ ମାମଲା ଥିବା ମନ୍ତ୍ରୀ ଉତ୍ତର ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଖୋଦ୍ ଗୃହମନ୍ତ୍ରୀ ଅଛନ୍ତି । ଏ କ'ଣ ନାରୀ ସଶକ୍ତିକରଣର ଉଦାହରଣ ବୋଲି ପ୍ରଶ୍ନ କରିଛନ୍ତି ଶ୍ରୀ ପ୍ରଧାନ।

ସେହିପରି ବିଧାନସଭାରେ ଶାସକ ଦଳର ବରିଷ୍ଠ ନେତା ସୌମ୍ୟ ରଞ୍ଜନ ପଟ୍ଟନାୟକ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଗତ ୫ ବର୍ଷରେ କେନ୍ଦ୍ରୀୟ ସହାୟତା ବିନିଯୋଗ ଉପରେ ପଚ଼ାରିଥିବା ପ୍ରଶ୍ନ ରାଜ୍ୟ ସରକାରଙ୍କ ଗୁମର ଫିଟାଇଛି । କେନ୍ଦ୍ର ଦେଉଥିବା ପଇସା ରାଜ୍ୟ ସରକାର ଖର୍ଚ୍ଚ ନକରି କେନ୍ଦ୍ର ଉପରେ ଦୋଷ ଲଦୁଛନ୍ତି । ଏହାବ୍ୟତିତ ବିଧାନସଭାରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦେଇଥିବା ତଥ୍ୟରୁ ଜଣାପଡିଛି ୨୦୨୧-୨୨ ବର୍ଷ ଶେଷ ସୁଦ୍ଧା ରାଜ୍ୟରେ ମୋଟ ଋଣ ଭାର ୯୭ ହଜାର ୨୦୫ କୋଟି ୩ ଲକ୍ଷ ଟଙ୍କା ଅଛି । ମୁଣ୍ଡ ପିଛା ଋଣ ଭାରର ପରିମାଣ



ହେଉଛି ୨୨ ହଜାର ୪୨ ଟଙ୍କା । ରାଜ୍ୟ ସରକାର ମିଛ ପ୍ରହେଳିକା ରଚ଼ନା କରିବାର କୌଣସି ସୁଯୋଗ ନାହିଁ । ରାଜ୍ୟ ସରକାର ନିଜେ ଏ ସବୁ ତଥ୍ୟ ବିଧାନସଭା ଗୃହରେ ଦେଇଛନ୍ତି । ରାଜ୍ୟରେ କା' ସରକାର ଚ଼ାଲିଛି ବୋଲି ପ୍ରଶ୍ନ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଆବାସ ଯୋଜନାରେ ଘର ପାଇଁ ଟଙ୍କା ଦେଉଥିଲେ ମଧ୍ୟ ଘର ଆବଣ୍ଟନରେ ପଶ୍ଚିମ ଓଡ଼ିଶାକୁ ନଗଣ୍ୟ କରାଯାଇଛି । ମୋଦି ସରକାର ସ୍ୱଚ଼୍ଛ ଭାରତ ଯୋଜନାରେ ଶୌଚ଼ାଳୟ, ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ ଚ଼ାଷୀଙ୍କୁ ଟଙ୍କା, ପ୍ରତି ଘରକୁ ପାଇପରେ ପାଣି, ଉଜ୍ଜ୍ୱଳା ଯୋଜନାରେ ଗ୍ୟାସର ବ୍ୟବସ୍ଥା କରିଛନ୍ତି । ରାଜ୍ୟ ସରକାର ଚ଼ାଷୀଙ୍କ ଦେଇଥିବା ପ୍ରତିଶ୍ରୁତି ପାଳନ ନକରି ମିଲରଙ୍କ ସହ ମଧୁଚ଼ନ୍ଦ୍ରିକା କରୁଛନ୍ତି । ଗତ ବର୍ଷ ପ୍ରଧାନମନ୍ତ୍ରୀ ମୋଦିଙ୍କ ସରକାର ଧାନର ଏମଏସପି କ୍ୱିଣ୍ଟାଲ ପିଛା ୧୯୪୦ ଟଙ୍କା ଧାର୍ଯ୍ୟ କରିଥିଲେ । ଚ଼ଳିତ ବର୍ଷ ଏହି ମୂଲ୍ୟ ୨୦୪୦ ଟଙ୍କା ଧାର୍ଯ୍ୟ କରାଯାଇଛି । ମାତ୍ର ଏଠାରେ ରାଜ୍ୟ ସରକାର ଓ ମିଲରଙ୍କ ମଧୁଚ଼ନ୍ଦ୍ରିକା କାରଣରୁ ଧାନ କ୍ୱିଣ୍ଟାଲ ପିଛା ୧୨୦୦ରୁ ୧୩୦୦ ଟଙ୍କାରେ ବିକ୍ରି ହେଉଛି । ସୋହେଲାରେ ୨୦୧୬ ମସିହାରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା କେନ୍ଦ୍ର ଅନୁଦାନ ବ୍ୟତିତ ଚ଼ାଷୀଙ୍କୁ ଅତିରିକ୍ତ ୧୦୦ ଟଙ୍କା ବୋନସ ରାଜ୍ୟର ଜଣେ ବି ଚ଼ାଷୀଙ୍କୁ ମିଳିପାରିନାହିଁ । ମୋଦି ସରକାର ଧାନ କିଣା ପାଇଁ ପଇସା ଦେବା ସତ୍ତ୍ୱେ ନବୀନ ସରକାର ଚ଼ାଷୀଙ୍କ ପଇସାକୁ ହଡପ କରୁଛନ୍ତି । ବିଜେପୁରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ଗଙ୍ଗାଧର ମେହେର କେନାଲ ପ୍ରକଳ୍ପରେ ଏ ଯାଏଁ ମୁନ୍ଦେ ପାଣି ଜମିକୁ ମାଡିନାହିଁ।

ପଦ୍ମପୁରରେ ପ୍ରଧାନମନ୍ତ୍ରୀ ଫସଲ ବୀମା ସମ୍ପର୍କରେ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ମନ୍ତବ୍ୟ ଏବଂ ନୂଆପଡ଼ା-ବରଗଡ଼ ରେଳଲାଇନରେ କେନ୍ଦ୍ର ରେଳ ମନ୍ତ୍ରୀଙ୍କ ଅଭିଭାଷଣ ରାଜ୍ୟ ସରକାରଙ୍କ ପାରିବାପଣିଆକୁ ପଦାରେ ପକାଇଛି । ମୋଦି ସରକାରଙ୍କ ଅନେକ ସହଯୋଗ ସତ୍ତ୍ୱେ ମଧ୍ୟ କେନ୍ଦୁପତ୍ର ତୋଳାଳିଙ୍କ ଦୁଃଖ ରାଜ୍ୟ ସରକାର ବୁଝୁନାହାନ୍ତି । ଭାତହାଣ୍ଡିରୁ ଗୋଟିଏ ଭାତ ଭଳି ମାଣ୍ଡୋସିଲ ଧାନମଣ୍ଡି, କିଛି ସୁବିଧା ନାହିଁ । ସୁନାର ଅଞ୍ଚଳ ବରଗଡ ଓ ମାଣ୍ଡୋସିଲରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳସେଚ଼ନ, ପାଇପ ଯୋଗେ ପିଇବା ପାଣିର ବ୍ୟବସ୍ଥା ନହେବା ଦୁର୍ଭାଗ୍ୟଜନକ । ଲମ୍ବା ସମୟର ଶାସନରେ ରହିବା ପରେ ମଧ୍ୟ ଯୁବକମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ରାଜ୍ୟରେ ରେଡ୍ ନେଇ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୁଇଟି ସଂସ୍ଥା ରେଡ୍ କରୁଛି । ଉଭୟ ସଂସ୍ଥାକୁ ନିଜ ନିଜର କାମ କରିବାକୁ ଦିଆଯାଉ । ଗରିବ ଲୋକଙ୍କ ଟଙ୍କା ହଡପ କରିବାର ଅଧିକାର କାହାର ନାହିଁ । କେଉଁଟା କେଉଁଟା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ, ତାହା ସମୟ କହିବ । ଶାନ୍ତିପୂର୍ଣ୍ଣ ଅଞ୍ଚଳରେ ବିଜେଡି କଣ ଅହଙ୍କାର ଦେଖାଇବାକୁ ଚ଼ାହୁଁଛି । ମତ ପରିବର୍ତ୍ତନ ଭୟରେ ନୀରିହ ଲୋକଙ୍କ ଡରାଯାଉଛି, ଭୟ ଦେଖାଯାଉଛି । ଗରିବ ଜନଜାତିଙ୍କୁ ଡରାଇବା କାମରେ କାହିଁକି ପୋଲିସକୁ ଲଗାଯାଉଛି ? ଆଇନ ତା' ବାଟରେ ଯାଉ । ଭୟ କଣ ପାଇଁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରଶ୍ନ କରିଛନ୍ତି ।




# ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ 'ସମ୍ବିଧାନ ଦିବସ' ପାଳିତ



ଭୁବନେଶ୍ୱର (ପିଏନ୍)-ଅଖିଳ ଭାରତ କଂଗ୍ରେସ କମିଟି ନିର୍ଦ୍ଦେଶକ୍ରମେ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ନିଷ୍ପତିକ୍ରମେ 'ସମ୍ବିଧାନ ଦିବସ' କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ 'ଆମ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକ ଆଜି ସୁରକ୍ଷିତ କି' ? ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ ସଭାପତିତ୍ୱ କରିଥିଲେ ଏବଂ ସେବାଦଳ ଅଧ୍ୟକ୍ଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର ଏହାକୁ ପରିଚାଳନା କରିଥିଲେ ଓ ଶେଷରେ ମୁଖପାତ୍ର ଶ୍ରୀ ଅମିୟ ପାଣ୍ଡବ ଧନ୍ୟବାଦ ଅର୍ପଣ କରିଥିଲେ। ସଂପ୍ରତି ପଦ୍ମପୁର ଉପନିର୍ବାଚନରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ପ୍ରଚାର କାର୍ଯ୍ୟରେ ବ୍ୟସ୍ତ ଥିବାରୁ ନିଜର ଅନୁପସ୍ଥିତି ଯୋଗୁଁ ଏକ ବାର୍ତା ପଠାଇଥିଲେ। ଉକ୍ତ ବାର୍ତାକୁ ଆଲୋଚନା ଚକ୍ରରେ ଶ୍ରୀ ହରିଚନ୍ଦନ ପାଠକରି ଅତିଥି ବୃନ୍ଦ ସ୍ୱଳ୍ପ ସମୟ ମଧ୍ୟରେ ପ୍ରଦେଶ କଂଗ୍ରେସର ନିମନ୍ତ୍ରଣ ରକ୍ଷା କରିଥିବା ହେତୁ ଶ୍ରୀ ପଟ୍ଟନାୟକ ଧନ୍ୟବାଦ ଜ୍ଞାପନ କରିବା ସହିତ କୃତଜ୍ଞତା ଜଣାଇଥିବା ପ୍ରକାଶ କରିଥିଲେ। ଶ୍ରୀ ପଟ୍ଟନାୟକ ତାଙ୍କ ବାର୍ତାରେ ପୁନଶ୍ଚ କହିଥିଲେ ଯେ ସମ୍ବିଧାନ ହେଉଛି ସ୍ୱାଧୀନ ଭାରତବର୍ଷର ସମସ୍ତ ଆଇନ କାନୁନ ମୂଳ ଉତ୍ସ। ସମ୍ବିଧାନର ସୁରକ୍ଷା ଓ ସାମ୍ବିଧାନିକ ଅନୁଷ୍ଠାନ ମାନଙ୍କର ସ୍ୱାତନ୍ତ୍ର୍ୟତା, ନିରପେକ୍ଷତା ଓ ସ୍ୱାଧୀନତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଆମେ ସମସ୍ତେ ବଦ୍ଧପରିକର ହେବା ଉଚିତ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ଜଷ୍ଟିସ ମନୋରଂଜନ ମହାନ୍ତି କହିଲେ ଯେ, ଭାରତବର୍ଷରେ ଏକ ନିର୍ଦ୍ଦିଷ୍ଟ କୁଚକ୍ରୀ ଗୋଷ୍ଠି ଆଜି ଭାରତବର୍ଷର ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରିବାପାଇଁ ଉଦ୍ୟମ ଜାରି ରଖିଛନ୍ତି। ସ୍ୱାଧୀନତାର ପରେ ପରେ ଏହି ଭିନ୍ନ ଚିନ୍ତାଧାରା ବ୍ୟକ୍ତିବିଶେଷ ବା ଗୋଷ୍ଠିମାନେ ଗାନ୍ଧୀ ଓ ନେହେରୁଙ୍କ ଚିନ୍ତାଧାରାକୁ ଆଜି ସଂପୂର୍ଣ୍ଣ ନଷ୍ଟଭ୍ରଷ୍ଟ କରିଦେବାକୁ ବସିଛନ୍ତି। ଆଜି ଯେଉଁ ଭାରତବର୍ଷ ଆମେ ଦେଖୁଛୁ ବା ଦ୍ୱିତୀୟ ଗଣତନ୍ତ୍ର ରାଷ୍ଟ୍ରଭାବେ ନିଜକୁ ଗର୍ବିତ ଅନୁଭବ କରୁଛୁ ସେ ସବୁର ମୂଳଦୁଆ ହେଉଛି ସ୍ୱାଧୀନ ଭାରତବର୍ଷର ହୃତପିଣ୍ଡ ସମ୍ବିଧାନ ପାଇଁ। ଗାନ୍ଧୀ ଓ ନେହେରୁଙ୍କ ଚିନ୍ତାଧାରାକୁ କେବେ ବଦଳାଯାଇ ପାରିବ ନାହିଁ। ନିଜର ହୀନ ରାଜନୈତିକ ଉଦ୍ଦେଶ୍ୟକୁ ଚରିତାର୍ଥ କରିବାପାଇଁ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରିଦିଆଯାଉଛି।

ବରିଷ୍ଠ ସାମ୍ବାଦିକ ଶ୍ରୀ କେଦାର ମିଶ୍ର ପ୍ରମୁଖ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦଙ୍କୁ ନିଜ ବକ୍ତବ୍ୟରେ କହିଥିଲେ ଯେ, ଭାରତ ବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଆରଏସଏସ ଏବଂ ହିନ୍ଦୁ ମହାସଂଘ କେବେ ଅଂଶଗ୍ରହଣ କରି ନ ଥିଲେ। ଭାରତ ଛାଡ଼ ଆନ୍ଦୋଳନ, ଅସହଯୋଗ ଆନ୍ଦୋଳନକୁ ସେମାନେ ବିରୋଧ କରିବା ସହିତ ବ୍ରିଟିଶ ସରକାରକୁ ସହଯୋଗ କରିବା ଏବଂ ଜାତୀୟ କଂଗ୍ରେସକୁ ଘୋର ବିରୋଧ କରିବା ଏମାନଙ୍କର ଧର୍ମ ଓ କର୍ତବ୍ୟ ଥିଲା। ଜାତୀୟ ପତାକାକୁ ଆରଏସଏସ ନିଜ କାର୍ଯ୍ୟାଳୟରେ ଦୀର୍ଘବର୍ଷ ଧରି ଉଡାଇନଥିଲା। ୨୦୦୨ ଗୋଧ୍ରା ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ଆଜି ଭାରତ ବର୍ଷର ଗୃହମନ୍ତ୍ରୀ। ଦୀର୍ଘବର୍ଷ ଧରି ଗାନ୍ଧୀ ନେହେରୁଙ୍କ ଚିନ୍ତାଧାରା ତଥା ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନମାନଙ୍କୁ ଦୁର୍ବଳ କରିବାପାଇଁ ଆରଏସଏସ ନିର୍ଦ୍ଦେଶରେ ଭାରତୀୟ ଜନତାପାର୍ଟି ଏ କାର୍ଯ୍ୟ କରିଚାଲୁଛି। ଆଜି ଭାରତ ବର୍ଷର ବିଚାରାଳୟ, ନିର୍ବାଚନ ଆୟୋଗ ଏବଂ ଅନ୍ୟାନ୍ୟ ସାମ୍ବିଧାନି ଅନୁଷ୍ଠାନକୁ ନିଜ ଆୟତକୁ ନେଇ ସାରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେଉଁ ସିଏଜି ଏକ ଆନୁମାନିକ କ୍ଷତିକୁ ଏକ ବଡ଼ ଷଡଯନ୍ତ୍ର କରି ପର୍ଦାଫାସ କରିଥିଲା ସେହି ସିଏଜିର ଦୀର୍ଘ ୮ବର୍ଷ ଭିତରେ ତାର ସୋରଶବ୍ଦ ଶୁଭୁନାହିଁ। ଆଜି ପ୍ରଧାନମନ୍ତ୍ରୀଙ୍କର ବ୍ୟକ୍ତିଗତ ସଚିବ ସିଏଜି ଭଳି ସଂସ୍ଥାର ମୁଖ୍ୟ। ସ୍ୱାଧୀନ ଭାରତବର୍ଷର ପ୍ରଧାମନ୍ତ୍ରୀ ଶ୍ରୀଯୁକ୍ତ ନେହେରୁ ଶିକ୍ଷା, ସ୍ୱାସ୍ଥ୍ୟ, ଏବଂ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତକୁ ଆଗକୁ ନେବାପାଇଁ ଯେଉଁସବୁ ବିଶ୍ୱସ୍ତରୀୟ ଅନୁଷ୍ଠାନଗୁଡ଼ିକୁ ଗଠନ କରିଥିଲେ ସେଗୁଡ଼ିକୁ ଆଜି ଦୁର୍ବଳ କରିବାକୁ ଚକ୍ରାନ୍ତ ଚାଲିଛି। ନେହେରୁ, ଇନ୍ଦିରା ଗାନ୍ଧୀ ଓ ରାଜୀବ ଗାନ୍ଧୀ ଦେଶକୁ ସଶକ୍ତ କରିବାପାଇଁ ସମସ୍ତ ପଦକ୍ଷେପ ନେଇଥିଲେ କିନ୍ତୁ ନିର୍ବାଚନ ଜିତିବା ପାଇଁ କଂଗ୍ରେସ ଦଳକୁ ସଶକ୍ତ କରିବାପାଇଁ ଯେଉଁ ପଦକ୍ଷେପ ନେବା କଥା ତାହା ନେଇନଥିଲେ। ଆଜି କିନ୍ତୁ ଭାରତୀୟ ଜନତାପାର୍ଟି ନିର୍ବାଚନ ଜିତିବାପାଇଁ ନିଜ ଦଳକୁ ସଶକ୍ତ କରୁଛି ଦେଶକୁ ଦୁର୍ବଳ କରି। ଆଜି କିନ୍ତୁ ଭାରତ ଯୋଡ଼ ପଦଯାତ୍ରା ଯେଉଁ ଉଦ୍ଦେଶ୍ୟ ନେଇ ଶ୍ରୀ ରାହୁଲ ଗାନ୍ଧୀ କନ୍ୟାକୁମାରୀଠାରୁ କାଶ୍ମିର ପର୍ଯ୍ୟନ୍ତ୍ କରୁଛନ୍ତି ତାହାର ମୂଳ ଉଦ୍ଦେଶ୍ୟ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ରକ୍ଷାକରିବା। ମୁଁ ବ୍ୟକ୍ତିଗତ ଭାବେ ଶ୍ରୀ ରାହୁଲ ଗାନ୍ଧୀଙ୍କୁ ପ୍ରଶଂସା କରୁଛି। ଭାରତବର୍ଷରେ ଆଜି ଏଭଳି ଜଣେ ବ୍ୟକ୍ତି ଏ ପରିସ୍ଥିତିକୁ ମୁକାବିଲା କରିବାପାଇଁ ଛିଡ଼ା ହୋଇଛନ୍ତି। ସମ୍ମାନୀତ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଶ୍ରୀ ପ୍ରଦୋଷ ପଟ୍ଟନାୟକ କହିଲେ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଏବଂ ବି.ଆର. ଆମ୍ବେଦକର ଏବଂ ବହୁ ମନୀଷୀମାନେ ଆମ ସମ୍ବିଧାନକୁ ପ୍ରସ୍ତୁତ କରିଥିଲେ। ଆମ ସମ୍ବିଧାନ ଯୋଗୁଁ ଆଜି ଆମ ଗଣତନ୍ତ୍ର ଅଛି କିନ୍ତୁ ୨୦୧୪ ମସିହା ଠାରୁ ବହୁ ମାତ୍ରାରେ ଆମ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନ ଉପରେ ବିଜେପି ସରକାର ଆରଏସଏସ ଇଙ୍ଗିତରେ ନଷ୍ଟଭ୍ରଷ୍ଟ କରିବାକୁ ଲାଗିପଡ଼ିଛନ୍ତି ଏବଂ ଏଥିରେ ସେମାନେ ମଧ୍ୟ ବହୁ କିଛି ସଫଳତା ପାଇଲେଣି। ଯାହାକି ଆମ ଦେଶପାଇଁ ଓ ଆମ ଗଣତନ୍ତ୍ର ପାଇଁ ଅତ୍ୟନ୍ତ ଘଡ଼ିସନ୍ଧି ମୂହୁର୍ତ। ସବୁଠାରୁ ବଡ଼କଥା ବିଚାରାଳୟଠାରୁ ଆରମ୍ଭ କରି ନିର୍ବାଚନ ଆୟୋଗ, ୟୁଜିସି, ସିଏଜି, ଆରବିଆଇ ଏବଂ ବିଶେଷ କରି ଅନ୍ୟ ସ୍ୱାଧୀନ ସଂସ୍ଥାଗୁଡ଼ିକୁ ନିଜ ଆୟତକୁ ନେବାକୁ ବସିଲେଣି। ଯେଉଁ ବିମୁଦ୍ରୀକରଣ କରାଯାଇଥିଲା ତାହା ଦେଶର କଳାଧନକୁ ରୋକିବା ପରିବର୍ତେ ଦେଶର ପରିସ୍ଥିତିକୁ ଅତ୍ୟନ୍ତ ଖରାପ କରି ଦିଆଗଲା ଏବଂ ଭାରତୀୟ ଜନତାପାର୍ଟି ଏହାଦ୍ୱାରା ବହୁମାତ୍ରାରେ ଲାଭବାନ ହେଲା। ନିର୍ବାଚନୀ ବନ୍ଦ ମାଧ୍ୟମରେ କୋଟି କୋଟି ଟଙ୍କା ଚାନ୍ଦା ପାଇ ସରକାର କେବଳ ସେହି ଶିଳ୍ପପତିମାନଙ୍କ ପାଇଁ କାର୍ଯ୍ୟ କରୁଛନ୍ତି। ସରକାରଙ୍କର ସମସ୍ତ ଅଣସାମ୍ବିଧାନିକ ନିଷ୍ପତି ବିରୁଦ୍ଧରେ ସେ ରଘୁରାମ ରାଜନ, ଉର୍ଜିତ ପଟେଲଠାରୁ ଆରମ୍ଭ କରି ବହୁ ବ୍ୟକ୍ତିମାନେ ବିରୋଧ କରିଛନ୍ତି। ସୁପ୍ରିମ କୋର୍ଟର ବିଚାରପତିମାନଙ୍କ ନିଯୁକ୍ତିର ସ୍ୱଚ୍ଛତା ନରଖି କିଭଳି ଯେଉଁ ବିଚାରପତି ମାନେ ତାଙ୍କ ଅଧିନରେ ରହିବେ ସେମାନଙ୍କ ନାମ ସୁପାରିଶ କରାଯିବା ପାଇଁ ଚେଷ୍ଟା ଚାଲିଛି। କଲେଜିୟମ ସିଷ୍ଟମକୁ ସିଧାସଳଖ ବିରୋଧ କରାଯାଉଛି। ନିର୍ବାଚନ ଆୟୋଗର ସଦସ୍ୟମାନଙ୍କୁ ନିଜ ହାତମୁଠାରେ ରଖାଯାଉଛି। ଶ୍ରୀଯୁକ୍ତ ପ୍ରସାଦ ହରିଚନ୍ଦନ କହିଥିଲେ ଯେ ଉଭୟ ଶେଠ ଓ ଶଠ ଏବଂ ରାଜ୍ୟରେ ଚାଲିଥିବା ବିଜେଡ଼ି ସରକାର ଉଭୟ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରୁଛନ୍ତି। ଆଜି ଉଭୟ ବିଜେପି ଓ ବିଜେଡ଼ି ଉଭୟ ଗାନ୍ଧୀ, ନେହେରୁଙ୍କ ପ୍ରତି ଅସହିଷ୍ଣୁ ହୋଇପଡ଼ିଛନ୍ତି। ନେହେରୁ ଭୁବନେଶ୍ୱର ସହରର ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଆସେମ୍ବ୍ଲିଠାରୁ ଆଚାର୍ଯ୍ୟ ବିହାର ମାର୍ଗକୁ ନେହେରୁ ମାର୍ଗ କୁହାଯାଉଥିଲା। କିନ୍ତୁ ନବୀନ ବାବୁ ଏ ମାର୍ଗର ନାମ ପରିବର୍ତନ କରିଦେଲେ। ମାଷ୍ଟର କ୍ୟାଂଟିନ ଛକରେ ଭାରତବର୍ଷର ପୂର୍ବତନ ରାଷ୍ଟ୍ରପତି ଆର ଭେଂକଟରମଣ ନେହେରୁଙ୍କ ପ୍ରତିମୂର୍ତିକୁ ଅନାବରଣ କରିଥିଲେ, କିନ୍ତୁ ଆଜି ସେହି ସ୍ଥାନଟି ଏ ସ୍ମାର୍ଟ ସିଟିର ସବୁଠାରୁ ପରିତ୍ୟକ୍ତ ଏବଂ ଅପରିଷ୍କାର ଜାଗା। ଏ ହେଉଛି ନେହେରୁଙ୍କ ପ୍ରତି ଏ ସରକାରଙ୍କର ଭଲପାଇବା ଓ ମାନସିକତା। ଭାରତୀୟ ଜନତାପାର୍ଟିକୁ ସବୁ ସମୟରେ ବିଜେଡ଼ି ସରକାର ଅନ୍ଧଭାବରେ ସହଯୋଗ କରିଆସିଛି। ଏପରିକି ସିଏଏ ଏନଆରସି ଏବଂ କଳାକୃଷି ଆଇନରେ ମଧ୍ୟ ପାଟି ବନ୍ଦ କରି ରହିଥିଲା। ଆଜି ଯେଉଁଭଳି ଭାବରେ ସମ୍ବିଧାନ ଓ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ଦୁର୍ବଳ କରିବାରେ ବିଜେପି ଉଦ୍ୟମ କରୁଛି ତାକୁ ସଫଳ କରିବାପାଇଁ ବିଜେଡ଼ି ସାହାଯ୍ୟ କରୁଛି ବୋଲି କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ବିଜୟଲକ୍ଷ୍ମୀ ସାହୁ, ଡ. ଲଲାଟେନ୍ଦୁ ମହାପାତ୍ର, ମନୋରଂଜନ ଦାଶ, ଜାନକୀବଲ୍ଲଭ ପଟ୍ଟନାୟକ, ବିଶ୍ୱଜିତ ଦାଶ, ସୁରେନ୍ଦ୍ର ନାଥ କର, ସୁଦର୍ଶନ ଦାସ, ରଜନୀ ମହାନ୍ତି, ବିସ୍ମୟ ମହାପାତ୍ର, ହଳଧର ସେଠୀ, କୁମାର ଚିରଂଜିବ, ପ୍ରକାଶ ଜେନା, ସୁବ୍ରତ ମହାପାତ୍ର, ମିହିର ଆଚାର୍ଯ୍ୟ, ରସିକ ପଟ୍ଟନାୟକ, ପ୍ରଶାନ୍ତ ଶତପଥି, ଜ୍ୟୋତିଷ ସାହୁ, ମନୋଜ ସାହୁ, ଏମଡି ସାହାଦୁଲ୍ଲା, ଲିଙ୍ଗରାଜ ସାହୁ, ଜୟକୃଷ୍ଣ ସୁବୁଦ୍ଧି, ଜିତେନ୍ଦ୍ର ବିଶ୍ୱାଳ, ସ୍ୱାଧୀନବାଳା ଦାସ, କନକଲତା ମଲ୍ଲିକ, ଶ୍ରୀୟା ମହାନ୍ତି, ଶୈଳେନ୍ଦୁ ମଜୁମଦାର, ଆଲୋକ ମହାନ୍ତି, ଦେବୀ ପ୍ରସାଦ ବାହାଲିଆ, ସୁବାଷ ପ୍ରଧାନ, ମିତ୍ରଭାନୁ ମହାପାତ୍ର, ମୋହନ ଜେନା, ନିରୁପମା ଦାସ, ତରୁଣ ମିଶ୍ର, ମନୋରଂଜନ ରାଉତରାୟ, ଦେଓ ପ୍ରସାଦ, ସତ୍ୟସ୍ମିତ ମହାନ୍ତି, ନାରାୟଣ ଜେନା, ମନୋଜ ନାୟକ, ଅଶୋକ ସ୍ୱାଇଁ, ଉମେଶ ଦାସ, ଆତ୍ମାରାମ ପତି, ଖଗେଶ୍ୱର ମଲ୍ଲିକ, ନଳିନୀକାନ୍ତ ନାୟକ, ପ୍ରଭାତ ପ୍ରତାପସିଂ, ଦେବରାଜ ମିଶ୍ର, ଅଶୋକ ଦାସ, ଶ୍ରୀଧର ବଳିଆର ସିଂ, ମନୋରଂଜନ ଜେନା, ବ୍ରହ୍ମାନନ୍ଦ ସାହୁ, ସେକ ତାକୱିନ, ମାମିନା ବେହେରା, ସୁଭଦ୍ରା ମିଶ୍ର, ସୌମେନ୍ଦ୍ର ମହାନ୍ତି, ମାନସ ସେଠୀ, ଶୁଭ୍ରଜ୍ୟୋତି ଲେଙ୍କା, ଦେବାଶିଷ ଦାସ, ପ୍ରଶନ୍ନ ନାୟକ, ପୁଷ୍ପିତା ଦାସ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# ନୂପୁରର ରୁଣୁଝୁଣ ଶବ୍ଦ ଓ ସଙ୍ଗୀତର ସୁରତାଳ ଅପେକ୍ଷାରେ ମୁକ୍ତାକାଶ ରଙ୍ଗମଂଚ



ଭୁବନେଶ୍ୱର (ପିଏନ୍)- ଉତ୍କଳୀୟମାନଙ୍କର ସଂସ୍କୃତି, ପରମ୍ପରା, କଳା ଓ ଭାସ୍କର୍ଯ୍ୟର ସ୍ମୃତି ବହନ କରୁଥିବା ବିଶ୍ୱ ଐତିହ୍ୟ ସୂର୍ଯ୍ୟମନ୍ଦିରର ପାଦଦେଶରେ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ମହାକୁମ୍ଭ ଆସନ୍ତା ଡିସେମ୍ବର ୧ରୁ ୫ତାରିଖ ପର୍ଯ୍ୟନ୍ତ କୋଣାର୍କର ମୁକ୍ତାକାଶ ରଙ୍ଗ ମଞ୍ଚରେ ଅନୁଷ୍ଠିତ ହେବ । ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ଅପରୁପ ମହାମିଳନର ଅପେକ୍ଷାରେ କୋଣାର୍କର ମୁକ୍ତାକାଶ ରଙ୍ଗମଞ୍ଚ । ଡିସେମ୍ବ ୧ରୁ ୫ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପି ଆୟୋଜିତ ହେଉବ କୋଣାର୍କ ଉତ୍ସବ ଓ ବାଲୁକା କଳା ପ୍ରଦର୍ଶନୀ । ଏଥି ନିମନ୍ତେ ଓଡିଶା ପର୍ଯ୍ୟଟନ ବିଭାଗ



ପକ୍ଷରୁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଆଗେଇ ଚାଲିଛି । ଉତ୍ସବର ଅବ୍ୟବହିତ ପୂର୍ବରୁ ମୁକ୍ତାକାଶ ରଙ୍ଗମଞ୍ଚ ସମେତ ସମଗ୍ର କୋଣାର୍କ ଓ ଚନ୍ଦ୍ରଭାଗା ରଙ୍ଗବେରଙ୍ଗର ଆଲୋକମାଳାରେ ଝଲସିବା ଆରମ୍ଭ ହୋଇଛି । ସବୁଜିମାଭରା ଛୋଟ ବଡ଼ ବୃକ୍ଷରାଜି, ରଙ୍ଗବେରଙ୍ଗର ଫୁଲ, ଚାନ୍ଦୁଆ, ଚୁମୁକି ଓ ଟେରାକୋଟା ସାମଗ୍ରୀ ବ୍ୟବହୃତ ସାଜସଜା ଏବଂ ଆକର୍ଷଣୀୟ ତୋରଣ ସାଙ୍ଗକୁ ଆଲୋକିତ ଲିଚୁମାଳା କୋଣାର୍କର ସାନ୍ଧ୍ୟ ଶୋଭାକୁ ମାଦକତାରେ ଭରିଦେଉଛି । ନୃତ୍ୟଶିଳ୍ପୀଙ୍କ ନୂପୁର ରୁଣୁଝୁଣ ଶବ୍ଦର ଓ ସଙ୍ଗୀତର ସୁରତାଳକୁ ଅପେକ୍ଷା କରିଛି ଏହି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମୁକ୍ତାକାରଙ୍ଗମଞ୍ଚ । ୩୨ବର୍ଷ ମଧ୍ୟରେ ଏହି ମୁକ୍ତାକାଶ ରଙ୍ଗମଞ୍ଚରେ ଦେଶ ବିଦେଶର ୩୨୦ଜଣ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରିସାରିଛନ୍ତି । ୨୦୧୧ ମସିହା ଠାରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଚନ୍ଦ୍ରଭାଗାର ସ୍ୱର୍ଣ୍ଣିମ ବେଳାଭୂମିରେ ଆରମ୍ଭ ହୋଇଥିବା ବାଲୁକା କଳା ପ୍ରଦର୍ଶନୀ ବେଶ ଲୋକପ୍ରିୟତା ହାସଲ କରିଛି । ଚଳିତ ବର୍ଷ ଆୟୋଜିତ ହେଉଥିବା ୧୨ତମ ଆନ୍ତର୍ଜାତିକ ବାଲୁକା କଳା ଉତ୍ସବରେ ଦେଶ ବିଦେଶର ବାଲୁକା ଶିଳ୍ପୀମାନେ ନିଜ ନିଜର ଷ୍ଟଲରେ ବାଲିରେ ପ୍ରସ୍ତୁତ କରିବେ କଳାକୃତି । ଡିସେମ୍ବର ୧ ତାରିଖ ସନ୍ଧ୍ୟା ୬ଟାରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତର ଏକ ଆକର୍ଷଣୀୟ ତଥା ଭବ୍ୟ ପରିବେଶରେ କୋଣାର୍କ ଉତ୍ସବ-୨୦୨୨ ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହେବ । ଉତ୍ସବର ପ୍ରଥମ ଦିବସର ପ୍ରଥମ ପର୍ଯ୍ୟାୟରେ ମାଲେସିୟାର କୁଲାଲିୟାମପୁର ଦତୁକା ରାମଲି ଇବ୍ରାହିମ୍ ଓ ସାଥିଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡ଼ିଶୀ ନୃତ୍ୟ ଓ ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀର ନୃତ୍ୟଶିଳ୍ପୀ ଗୁରୁ କୁନ୍ଦନଲାଲା ଗାଙ୍ଗାନି ଫାଉଣ୍ଡେସନର ଗୁରୁ ରାନ୍ଧେ ଗାଙ୍ଗାନ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ କଥକ ନୃତ୍ୟ । ସେହିପରି ଉତ୍ସବର ଦ୍ୱିତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ ମଣିପୁର ଜବାହାରଲାଲ ନେହେରୁ ମଣିପୁର ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ମଣିପୁରୀ ନୃତ୍ୟ, ଦ୍ୱିତୀୟ ପର୍ଯ୍ୟାୟରେ କଟକର ଗୁଞ୍ଜନ ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ମିରା ଦାସ ଓ ସାଥୀ ନୃତ୍ୟଶିଳ୍ପୀମାନେ ପରିବେଷଣ କରିବେ ଓଡିଶୀ ନୃତ୍ୟ । ସେହିପରି ଉତ୍ସବର ତୃତୀୟ ଦିବସର ପ୍ରଥମ ପର୍ଯ୍ୟାୟରେ କୋଲକତାର କୋଲକତା ମୟୁର ଲଳିତ ଡ୍ୟାନ୍ସ ଏକାଡ଼େମି ପକ୍ଷରୁ ନୃତ୍ୟଶିଳ୍ପୀ ଗୁରୁ ଦେବସ୍ମିତା ସେନଗୁପ୍ତା ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଦଶାୟାମ ସେଣ୍ଟର ଫର ମୋହିନୀଆଟମ୍ ପକ୍ଷରୁ କାଳିମାମଣି ନୃତ୍ୟାଙ୍ଗନା ଗୋପିକା ବର୍ମା ଓ ସାଥୀଙ୍କ ପକ୍ଷରୁ ପରିବେଷଣ କରାଯିବ ମୋହିନୀଆଟମ୍ ନୃତ୍ୟ । ସେହିପରି ଉତ୍ସବର ଚତୁର୍ଥ ଦିବସର ପ୍ରଥମ ପର୍ଯ୍ୟାୟରେ ଚେନ୍ନାଇର ସ୍ୱାଣ୍ଡା ଡ୍ୟାନ୍ସ କମ୍ପାନୀ ପକ୍ଷରୁ ନୃତ୍ୟଶିଳ୍ପୀ ଲିଲା ସାମସନ ଓ ସାଥୀଙ୍କ ଦ୍ୱାରା ପରିବେଷଣ କରାଯିବ ଭାରତନାଟ୍ୟମ ନୃତ୍ୟ ଓ ଦ୍ୱିତୀୟପର୍ଯ୍ୟାୟରେ ଭୁବନେଶ୍ୱରର ସୁରଭି ଅନୁଷ୍ଠାନର ଗୁରୁ ପିତାମ୍ବର ବିଶ୍ୱାଳ ଓ ସାଥୀଙ୍କ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯିବ । ଉତ୍ସବର ଶେଷ ସନ୍ଧ୍ୟା ଅର୍ଥାତ ଡିସେମ୍ବର ୫ ତାରିଖର ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରର ନୃତ୍ୟ ନୈବେଦ୍ୟ ଅନୁଷ୍ଠାନର ପ୍ରଭାତ କୁମାର ସ୍ୱାଇଁ ଓ ସାଥୀ ନୃତ୍ୟ ଶିଳ୍ପୀଙ୍କ ପକ୍ଷରୁ ପରିବେଷଣ କରାଯିବ ଓଡିଶୀ ନୃତ୍ୟ । ଦ୍ୱିତୀୟ ପର୍ଯ୍ୟାୟରେ ଚେନ୍ନାଇର ଶିବମୋହନମ ଅନୁଷ୍ଠାନର ନୃତ୍ୟଶିଳ୍ପୀ ଜୟକିଶ୍ୱେର ମୋଶାଲିକାନ୍ତି ଓ ସାଥୀ ନୃତ୍ୟଶିଳ୍ପୀମାନେ କୁଚିପୁଡି ନୃତ୍ୟ ପରିବେଷଣ କରିବେ । ଏହି ଶାସ୍ତ୍ରୀୟ ନୃତ୍ୟର ମହାକୁମ୍ଭରେ ୬ ପ୍ରକାର ନୃତ୍ୟ ଯଥା: ଓଡିଶୀ, କଥକ, ମଣିପୁରୀ, ମୋହିନିଆଟମ, ଭାରତନାଟ୍ୟମ ଓ କୁଚିପୁଡି ନୃତ୍ୟ ପରିବେଷଣ କରାଯିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି । ପର୍ଯ୍ୟଟନ ବିଭାଗ ପକ୍ଷରୁ କଳାପ୍ରେମୀ ଦର୍ଶକଙ୍କ ନିମନ୍ତେ ଟୁର ପ୍ୟାକେଜର ଓ ସିଜିନ ଟିକେଟର ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ଓଡିଶା ପର୍ଯ୍ୟଟନ ବିଭାଗର ସହାୟତାରେ କୋଣାର୍କ ପ୍ରେସ୍ କ୍ଲବ ପକ୍ଷରୁ ସାଇକ୍ଲୋଥନ, କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଓ ବସନ୍ତମଞ୍ଜରୀ ପାଠାଗାର ପକ୍ଷରୁ ଗଣଦୌଡ, କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବେଳାଭୂମି ପଦଯାତ୍ରା ଓ ପୁସ୍ତକ ମେଳା କମିଟି ପକ୍ଷରୁ ପୁସ୍ତକ ମେଳା, ରାଜୀବ ଗାନ୍ଧୀ ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ ପକ୍ଷରୁ ଚିତ୍ରକଳା ଶିବିର ଅନୁଷ୍ଠିତ ହେବ ।



କୋଣାର୍କ ଉତ୍ସବ ସମୟରେ ଡିସେମ୍ବର ୧ ତାରିଖରେ ଚନ୍ଦ୍ରଭାଗାର ବିସ୍ତୀର୍ଣ୍ଣ ବେଳାଭୂମିରେ ଉଦ୍‌ଘାଟିତ ହେବ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ-୨୦୨୧ । ଏହି ବାଲୁକା କଳା ଉତ୍ସବ ଡ଼ିସେମ୍ବର ୧ତାରିଖରୁ ଆରମ୍ଭ ହୋଇ ୫ତାରିଖ ପର୍ଯ୍ୟନ୍ତ ଚାଲୁରହିବ । ଏହି ଉତ୍ସବକୁ ଦର୍ଶକ ମାନେ ପ୍ରତ୍ୟେହ ଦିନ ୯ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ମନଭରି ଉପଭୋଗ କରିପାରିବେ । ଉତ୍ସବରେ ଦେଶ ବିଦେଶର ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀମାନେ ଯୋଗଦେଇ ନିଜ ନିଜ ଷ୍ଟଲରେ ପ୍ରସ୍ତୁତ କରିବେ ଚିତାକର୍ଷକ ବାଲୁକା କଳା । ବାଲୁକାଶିଳ୍ପୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଳ୍ପୀଙ୍କୁ ଅର୍ଥରାଶି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯିବ ବୋଲି ଅନ୍ତର୍ଜାତୀୟ ବାଲୁକା କଳା ପ୍ରଦର୍ଶନୀର ବ୍ରାଣ୍ଡ ଆମ୍ବାସାଡ଼ର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ସୂଚନା ଦେଇଛନ୍ତି । ଏହି ବାଲୁକା କଳା କୋଣାର୍କ ଉତ୍ସବର ମର୍ଯ୍ୟାଦାକୁ ବହୁଗୁଣିତ କରୁଛି ବୋଲି ପର୍ଯ୍ୟଟକ ଓ କଳାପ୍ରେମୀମାନେ କହିଛନ୍ତି । କୋଣାର୍କ ଉତ୍ସବ ଅବସରରେ ହେଲି ପ୍ୟାଡରେ ୪ଟି ଯାତ୍ରାଦଳ ଯାତ୍ରା ପରିବେଷଣ କରିବା ସହ ମିନାବଜାର, ଅର୍ବାନ ହାଟ ପରିସରରେ ହସ୍ତତନ୍ତ ହସ୍ତଶିଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହେବ ।

# ଜନ୍ମମାଟିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିରେନ୍ ମିତ୍ରଙ୍କ ଜୟନ୍ତୀ ଉତ୍ସବ



ଜଗତସିଂହପୁର (ପିଏନ୍): ଜାତୀୟ ଭାଷା ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ଆଗାମୀ ଓଡିଶା ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ବିରେନ୍ ମିତ୍ରଙ୍କର ତାଙ୍କ ଜନ୍ମସ୍ଥାନ ରଘୁନାଥପୁରଠାରେ ୧୦୫ତମ ଜୟନ୍ତୀ ପାଳନ କରାଯାଇଥିଲା। ପ୍ରାରମ୍ଭରେ ରଘୁନାଥପୁର ଠାରେ ଥିବା ବିରେନ୍ ମିତ୍ରଙ୍କ ପ୍ରତିମୂର୍ତିରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ମାଲ୍ୟାର୍ପଣ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ସାହିତ୍ୟିକ ଅଧ୍ୟାପକ ହିମାଂଶୁଶେଖର ଆଚାର୍ଯ୍ୟ ଯୋଗଦେଇ ସ୍ୱର୍ଗତଃ ବିରେନ୍ ମିତ୍ର ଅସହଯୋଗ ଆନ୍ଦୋଳନରେ ଭାଗ ନେଇ କାରାବରଣ କରିଥିଲେ। ସେ ଥିଲେ ଜଣେ ଲୋକମାନଙ୍କର ଆଦର୍ଶ ମୁଖ୍ୟମନ୍ତ୍ରୀ। କୌଣସି ଲୋକଙ୍କୁ ସେ ନିରାଶାରେ ଫେରାଉ ନଥିଲେ ବୋଲି କହିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଏସ୍.ଏନ୍. କଲେଜର ପୂର୍ବତନ ଅଧ୍ୟକ୍ଷ ଅଜୟ କୁମାର ଦାସ ଯୋଗଦେଇ ବିରେନ୍ ମିତ୍ର ଲୋକମାନଙ୍କ ଆପତ୍ତି, ଅଭିଯୋଗ ଶୁଣି ସଙ୍ଗେ ସଙ୍ଗେ ସେ ଲୋକଙ୍କୁ ନ୍ୟାୟ ପ୍ରଦାନ କରିଥିଲେ। ଏଥିରେ ଶିକ୍ଷାବିତ୍ ପ୍ୟାରିମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ବିଜୟ କୁମାର ସ୍ୱାଇଁ ଯୋଗଦେଇ ବିରେନ୍ ମିତ୍ର ଗରିବ ଅସହାୟମାନଙ୍କର ଦରଦୀ ବନ୍ଧୁ ଥିଲେ ବୋଲି କହିଥିଲେ। ଏଥିରେ ବାବା ବଂଶୀଧର ଦାସ ମହାରାଜ, ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତ, ଶିକ୍ଷାବିତ୍ ଯଦୁନାଥ ଜେନା, ଶ୍ରୀକାନ୍ତ ଜେନା, ମନୋଜ ରଣା, ଜଗନ୍ନାଥ ଦାସ, ଟୁଟୁ ସ୍ୱାଇଁ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ବାବାଜୀ ଚରଣ ସାହୁ, ରାଜ୍ୟ ଶିକ୍ଷକନେତା ଜୟପ୍ରକାଶ ପଣ୍ଡା, ଜିଲ୍ଲା ଶିକ୍ଷକନେତା ନିର୍ମଳେନ୍ଦୁ ସୋମ୍, ଅଧ୍ୟାପକ ଭଗବାନ ବିଶ୍ୱାଳ, ପଣ୍ଡିତ ପ୍ରଭାତ କିରଣ ମିଶ୍ର, ଆଇନ୍‌ଜୀବି ଏମ୍ ଏନ୍ ହର୍ଷବର୍ଦ୍ଧନ, ଶିକ୍ଷକ ପ୍ରାଣକୃଷ୍ଣ ନାୟକ ପ୍ରମୁଖ ଯୋଗଦେଇ ବିରେନ୍ ମିତ୍ରଙ୍କର ତ୍ୟାଗପୂତ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଜୟନ୍ତୀ ଉତ୍ସବରେ ସମାଜସେବୀ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ରଘୁନାଥପୁର ଉଚ୍ଚ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଯୋଗଦେଇ ବିରେନ୍ ମିତ୍ରଙ୍କ ପ୍ରତିମୂର୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ।

# ଭାଇବୋହୂଙ୍କୁ ଆକ୍ରମଣ କରି ଦେଢ଼ଶୁର ଗିରଫ

ଧର୍ମଶାଳା (ପିଏନ୍): ଗର୍ଭବତୀ ଭାଇବୋହୂଙ୍କୁ ପ୍ରାଣାନ୍ତକ ଆକ୍ରମଣ କରି ଦେଢ଼ଶୁର ଗିରଫ । ଧର୍ମଶାଳା ଥାନା ଦେଓଦା ପଂଚାୟତ ମାଝିପାଟଣା ଗ୍ରାମରେ ଶୁକ୍ରବାର ରାତିରେ ଘଟିଛି ଏମିତି ଏକ ଅଭାବନୀୟ ଘଟଣା । ପୁଲିସ୍ ଅଭିଯୁକ୍ତ କିଶୋର ମହାଳିକକୁ ଚଣ୍ଡିଖୋଲ କୋର୍ଟ ଚାଲାଣ କରିଛି । ପାରିବାରିକ କଳହକୁ କେନ୍ଦ୍ରକରି କିଶୋର ନିଜ ସାନଭାଇ ଦୁଃଶାସନ ମହାଳିକଙ୍କ ପତ୍ନୀ ସରସ୍ୱତୀ (୨୬)ଙ୍କୁ ମାରପିଟ୍ କରିବା ସହିତ ତାଙ୍କ ପେଟକୁ ଗୋଇଠା ମାରିଥିଲା । ଫଳରେ ସରସ୍ୱତୀ ଗୁରୁତର ଆହତ ହୋଇଥିଲେ । ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ନିଜ ବାପା ଓ ମା'ଙ୍କୁ ମଧ୍ୟ ଆକ୍ରମଣ କରିଥିଲା । ଏଥିରେ ଧନେଶ୍ୱରଙ୍କ ମୁଣ୍ଡ ଓ ଗୋଡ଼ରେ ଆଘାତ ଲାଗିଛି । ପରିବାର ଲୋକ ଉଭୟଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଗୁରୁତର ସରସ୍ୱତୀଙ୍କୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଏନେଇ ଆହତ ମହିଳା ବ୍ରହ୍ମବରଦା ଫାଣ୍ଡିରେ ଏତଲା ଦେଇଥିଲେ । ପୁଲିସ୍ ୬୪୭/୨୨ରେ ଏକ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତ ଦେଢ଼ଶୁରକୁ କୋର୍ଟ ଚାଲାଣ କରିଥିବା ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ଦାଶରଥୀ ପାତ୍ର ସୂଚନା ଦେଇଛନ୍ତି ।

# ମହିଳା ସଶକ୍ତିକରଣରେ ଓଡିଶା ବହୁ ଉର୍ଦ୍ଧ୍ୱରେ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ଓ୍ୱାର୍ଡର ଗଜପତି ନଗରର ସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିରର ପ୍ରାଙ୍ଗଣରେ ସିବନୀ ମହିଳା ମହାସଂଘ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କର୍ପୋରେଟର ଜୟନ୍ତୀ ସାହୁ ଯୋଗଦେଇ କହିଥିଲେ ସାରା ଭାରତ ବର୍ଷରେ ମହିଳା ସଶକ୍ତିକରଣ କ୍ଷେତ୍ରରେ ଓଡିଶା ବହୁ ଉର୍ଦ୍ଧ୍ୱରେ ରହିଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ମିଶନ ଶକ୍ତି ଗଠନ କରିଛନ୍ତି। ଏହା ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବା ସହ ଦକ୍ଷତା ବିକାଶ କରାଯାଇଛି। ଯେଉଁଥିରେ ମହିଳାମାନେ ଅର୍ଥ ଉପାର୍ଜନ କରିପାରୁଛନ୍ତି। ଶିକ୍ଷା କ୍ଷେତ୍ରରେ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯାଉଛି। ରାଜନୈତିକ କ୍ଷେତ୍ରରେ ୫୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା କରି ଇତିହାସ ସୃଷ୍ଟି କରିଛନ୍ତି। ଯେଉଁଥିପାଇଁ ମୁଁ ଆଜି ଆପଣ ମାନଙ୍କ ସାମ୍ନାରେ କହିପାରୁଛି। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଓ୍ୱାର୍ଡ ଅଧିକାରୀ ରବିନାରାୟଣ ମିଶ୍ର, ସିଇଓ ଶିପ୍ରାରାଣୀ ସାମନ୍ତରାୟ, ଯନ୍ତ୍ରୀ ମିଥିଲେଶ ରଥ, ସାନିଟାରୀ ଇନ୍ସପେକ୍ଟର ମନୋରଂଜନ ମହାପାତ୍ର, ଯୁବନେତା ପ୍ରସନ୍ନ କୁମାର ସାହୁ, ଚଗଲା ଜେନା, ମିଟୁ ପରିଡା, ସିବନୀ ମହାସଂଘର ସଭାନେତ୍ରୀ ବିଷ୍ଣୁପ୍ରିୟା ସାହୁ, ସମ୍ପାଦିକା ମମତା ବିଶ୍ୱାଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ସୁବିଧା ସୁଯୋଗ ବିଷୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ମା' ତାରିଣୀ, ମା' ସନ୍ତୋଷୀ, ମା' ମଙ୍ଗଳା, ଆତ୍ମାରାମ, ମହାବୀର, ମା' ହରଗୌରୀ ଓ ମା' ସନ୍ତୋଷୀ ୧, ୨ ଏସଏଚଜି ଗ୍ରୁପର ସମସ୍ତ ମହିଳା ଉପସ୍ଥିତ ଥିଲେ।

# ପଂଜାବରେ ଚମକିଲେ ପାରାଦୀପ ଝିଅ ନିବେଦିତା : ଉଚ୍ଚଡିଆଁ ରେ ସ୍ୱର୍ଣ୍ଣ ପଦକ



ପାରାଦୀପ (ପିଏନ୍)-ପଂଜାବର ପଟିଆଲାରେ ଚମକିଲେ ପାରାଦୀପ ଝିଅ ନିବେଦିତା । ଖବରରୁ ପ୍ରକାଶ, ପଂଜାବର ଭଲିବଲରେ ବିପିଇଡି କରୁଥିବା ପାରାଦୀପର ଝିଅ ନିବେଦିତା ତରାଇ ଗତ ୨୫ ତାରିଖରେ ୟୁନିଭରସିଟି ଖେଳକୁଦ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚକୁଦ (ହାଇଜମ୍ପ) ପ୍ରତିଯୋଗିତାରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ପାରାଦୀପର ଧୁନଚନ୍ଦ୍ର ତରାଇଙ୍କ କନ୍ୟା ନିବେଦିତା ତରାଇ ଏହି କୃତିତ୍ୱ ହାସଲ କରି ନିଜ ବାପମାଆଙ୍କ ସମେତ ପାରାଦୀପର ନାମ ଗୌରବାନ୍ୱିତ କରିଛନ୍ତି । ସୂଚନା ଥାଉକି, ନିବେଦିତାଙ୍କ ପିତା ଧୁନଚନ୍ଦ୍ର ପାରାଦୀପ ବନ୍ଦରର କର୍ମଚାରୀ ହୋଇଥିବା ବେଳେ ବୃହତ ବନ୍ଦର ଖେଳକୁଦ ପ୍ରତିଯୋଗିତାରେ ଅନେକ ପଦକ ଜିଣି ପାରାଦୀପ ବନ୍ଦର ପାଇଁ ସୁନାମ ଆଣିପାରିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ନଭେମ୍ବର ୩୦

# ଆଦେଶର କର୍ମ ବୁଝନ୍ତୁ !



ଆଦେଶ, ଯାହାକୁ 'ଆଜ୍ଞା' ବା ହୁକୁମ କୁହାଯାଏ। ଆଦେଶ ଗୁରୁ, ଗୁରୁଜନ, ମାଲିକ, କ୍ଷମତାରେ ଥିବା ଶାସକ ଯେ ବହୁଜନଙ୍କୁ/ବାଘ ବକ୍ରୀଙ୍କୁ ଏକ ଘାଟରେ ପାଣି ପିଆନ୍ତି। ପୁଣି ଡାକୁ, ଲୁଟେରା, ଗୁଣ୍ଡା ଶ୍ରେଣୀ ଲୋକ ଭୟ ହତିଆର ଦେଖାଇ ଆଦେଶ କରନ୍ତି। ପ୍ରକୃତରେ ମୂଳ ଆଦେଶ ଋଷି ମୁନୀ ଜ୍ଞାନୀ ଧର୍ମଶାସ୍ତ୍ରରେ ଲେଖିଛନ୍ତି ଓ ଦେଶର ସମ୍ବିଧାନରେ ପେନାଲ କୋର୍ଡ଼ରେ ଏପରି ନିର୍ଦ୍ଦେଶ ରହିଛି। ଏକ ଆଦେଶ ସବୁଆଡ଼େ ଚାଲେନାହିଁ। ଏ ପାଇଁ ଭିନ୍ନ ଭିନ୍ନ ସ୍ତର ପରିବେଶ ପାଇଁ ଆଦେଶ ଭିନ୍ନ ଭିନ୍ନ, ପୁଣି ଦେଶକେ ଫାଙ୍କ ନଈକେ ବାଙ୍କ ପରି ଆଦେଶ ବି ଭିନ୍ନ ଭିନ୍ନ ଯଥା: ଦକ୍ଷିଣେ ମାତୁଳ କନ୍ୟା, ଉତ୍ତରେ ମହିଷା ମାଂସ, ପଶ୍ଚିମେ ଚର୍ମ ପାଦୁକା। ଯେଉଁମାନେ ତୀର୍ଥଯାତ୍ରୀ ସେମାନଙ୍କର ଶରୀରର ଦକ୍ଷତା ନଥିଲେ ଯାତ୍ରାର ଉଦ୍ଦେଶ୍ୟ ପୂରଣ ହୁଏନାହିଁ। ତୀର୍ଥକୁ ପୂର୍ବେ ଚାଲି ଚାଲି ଦଣ୍ଡ ଭାଙ୍ଗି ଭାଙ୍ଗି ପୁଣି ଅଦ୍ୟ ଦତ୍ତ ଅନ୍ନ ଭକ୍ଷଣ ନକରି ପଥ ପାରି ହେଉଥିଲେ, ଏବେ ଏହାର ବ୍ୟତିକ୍ରମ। ହିମାଳୟ ଦେଇ ତିବ୍ବତ ଯାତ୍ରୀ ମାନସରୋବର ଯାତ୍ରୀ ଥଣ୍ଡାରୁ ରକ୍ଷା ପାଇଁ, ନିଶା ପାନୀୟ ବେଳେବେଳେ ସାଥିରେ ନେଇ ଯିବାକୁ ପଡୁଛି। ପୂର୍ବେ ଅନେକ ସନ୍ଥ ଗଞ୍ଜେଇ ଟାଣୁଥିଲେ। ଏହାକୁ ଏ ସମୟରେ ରାଜ ବାରଣ ସିଦ୍ଧି ଭାଙ୍ଗ ବିଜୟା ବାଟି ପାନୀୟ ରୂପେ ବ୍ୟବହାର କରାଯାଏ। ଆମର ପୁରୀ ସହରରେ ଏପରି ବ୍ୟବହାର ଅଛି, ହେଲେ ଏହାକୁ ସରକାର ଅବକାରୀ ନୀତିରେ ଏକ ଦଣ୍ଡବିଧାନରେ ରଖି ଏହା ଚାଲାଣ ଚାନ୍ଦ କରିଛନ୍ତି। ଆୟୁର୍ବେଦରେ ଅଫିମ, ଗଞ୍ଜେଇ, ଭାଙ୍ଗର ପ୍ରୟୋଗ ଅଛି, ଶାସ୍ତ୍ରୀୟ ମଦ୍ୟ ଅରିଷ୍ଟ ଆସବ ଅଛି। ଏଲୋପ୍ୟାଥିକ, ହୋମିଓପ୍ୟାଥିକରେ ସୁରାସାର (ସ୍ପିରିଟ)ର ପ୍ରୟୋଗ ଏବେ ବି ଅଛି। ଥରେ ନର୍ମଦା ପରିକ୍ରମାରେ ଥିବା ଭାରତର ନାମଧନ୍ୟ ବ୍ରହ୍ମଚାରୀ ବାଲାନନ୍ଦ ବ୍ରିଟିଶ କର୍ତ୍ତୃପକ୍ଷଙ୍କ ସନ୍ଦେହରେ ଆସି ତାଙ୍କ ଝୋଲ ଖୋଜକରି ଶଙ୍ଖୁଆ (ଆର୍ସେନିକ)ର ପାଉଡର ପାଇ ତାଙ୍କୁ ଅଟକ ରଖି ପଚରାଉଚରା କଲେ। ବ୍ରହ୍ମଚାରୀ କହିଲେ ଆମେ ସାଧୁସନ୍ଥ ପ୍ରବଳ ଶୀତରେ ଖୋଲାଦେହରେ ଆକାଶ ତଳେ ଅନେକ ସମୟରେ ରହୁ; ଏହି ପ୍ରକାର ମୁକାବିଲା ପାଇଁ ଆମେ ଶଙ୍ଖୁଆ ଜଳ ସହିତ ଗୋଳି ପାନ କରୁ, ହେଲେ ସାହେବଙ୍କୁ ତାକୁ ଭକ୍ଷଣ କରି ପ୍ରତ୍ୟକ୍ଷ କରିବାକୁ ପଡ଼ିଲା। ଶେଷରେ ହରେ ନର୍ମଦା କହି ଶଙ୍ଖୁଆ ସେବନ ପାନ କରି ମୂର୍ଚ୍ଛା ଯାଇଥିଲେ। ଏ ସମୟରେ ତାଙ୍କୁ ଭୁଲ ବୁଝିବା ସାହେବଙ୍କର ପୁତ୍ର ସାଂଘାତିକ ହେଲା, ସାହେବଙ୍କୁ ଭାରତୀୟ ଧର୍ମବିଶ୍ୱାସୀମାନେ ଅନେକ ବୁଝାଇ ସାଧୁଙ୍କ ଶରଣାପନ୍ନ ହେଲେ, କ୍ଷମା ମାଗିଲେ, ଅନୁତପ୍ତ ହେଲେ, ତାଙ୍କର ପୁତ୍ରର ଶରୀର ଆରୋଗ୍ୟ ହୋଇଯାଇଥିଲା। ଆଦେଶଦାତା ସବୁ ବିଷୟରେ କେବେ ଜ୍ଞାନୀ ହୋଇ ନ ପାରନ୍ତି। ସାଧାରଣ ଜ୍ଞାନରେ ବି ରାସ୍ତାରେ ଚାଲିବା ବାଧା ଅଛି। କେଉଁଠି ବାମ ପଟରେ କେଉଁଠି ଡାହାଣ ପଟରେ କେଉଁଠି ଦୁଇ ରାସ୍ତାରୁ ଏକ ରାସ୍ତା ନିର୍ମାଣାଦି କାର୍ଯ୍ୟ ପାଇଁ ରୁଦ୍ଧ ସେଠାରେ ପୂର୍ବମାନ୍ୟତା ଆଦେଶ ବଦଳାଇବାକୁ ପଡ଼େ। ଆତୁରେ ନିୟମ ନାସ୍ତି। ପେଟ ପୋଡ଼ିଗଲେ ଲୋକ ହୀନକାର୍ଯ୍ୟକୁ ଘୃଣା କରେନାହିଁ। ଅଭାବରୁ ସ୍ୱଭାବ ନଷ୍ଟ।

ଧର୍ମଗୁରୁମାନେ ଏକ ସ୍ଥିର ନିୟମରେ ସଂସାରକୁ ଚଳାଇବାକୁ ଶାସ୍ତ୍ର ନିୟମମାନ ସ୍ଥିର ରଖାଇଛନ୍ତି। ମାତ୍ର ବର୍ଦ୍ଧିଷ୍ଣୁ ଜନା ଏ ନିୟମ ମାନିବାରେ ବାଧା ଆସୁଛି। ଏକ ଧର୍ମଶାସ୍ତ୍ରର ଭିନ୍ନ ବ୍ୟାଖ୍ୟା କରାଯାଇ ଧର୍ମରେ ଦ୍ୱନ୍ଦ୍ୱ ପୁରାଯାଉଛି। ଅନେକ ଧର୍ମଧ୍ୱଜୀ ବୃଥା କାନୁନ ନିଜ ମତରେ ପୁରାଇ ତାକୁ ଶାସ୍ତ୍ରରେ ଅଛି ବୋଲି ଦର୍ଶାଉଛନ୍ତି। ଶାସ୍ତ୍ର ପଢ଼ିବାକୁ କାହାକୁ ତର ନାହିଁ। ଅତଏବ ଏ ଗୁରୁ ମଣିମା କହୁଛନ୍ତି ଏହା ନିଶ୍ଚୟ ଶାସ୍ତ୍ରବାକ ଲୋକେ ଧରିନେଇ ରକ୍ତପାଦ, ଦଙ୍ଗା ପରି ପରିସ୍ଥିତି ଉପୁଜାଉଛନ୍ତି। ବିନା ଶ୍ରମରେ ଅନେକ ଲାଲେଲାଲ, ଅନେକ ଖଟି ଖଟି ବେଦମ ହେଲେ ବି ଗୁଜୁରାଣ ମେଣ୍ଟୁନାହିଁ। ଏଇଥିରେ ଆସୁଛି ଭାବ ଈଶ୍ୱରଙ୍କ ପକ୍ଷପାତିତା ଚିନ୍ତା। ପ୍ରକୃତ ମୂଳଧର୍ମ ଶାସ୍ତ୍ରରେ ଏପରି ସୂତ୍ରର ଉଦାହରଣ ନାହିଁ । ଅଛି ହଁ ଉଚ୍ଚକୁଳରେ ଜନ୍ମ, ଦୈବାଧୀନ ହେଲେ ପୁରୁଷକାର କର୍ମର ଅଧୀନ। ପାଠପଢ଼ି ପରିଶ୍ରମ କରି ଏକ ବିଶେଷ ବିଦ୍ୟାଳୟରେ ଅତିଦକ୍ଷ ହେଲେ ଧର୍ମ ସମ୍ମାନ ପଦବୀ ଅବଶ୍ୟ ମିଳିବ। କିନ୍ତୁ ଦୁଇଜଣ ସମାନ ପାଠପଢ଼ି ବି ଏକ ସ୍ତରରେ ଏବେ ରହିପାରୁନାହାଁନ୍ତି। ଏଠାରେ ପୁରୁଷାକାରରେ ବି କିଛି ଆଦେଶବିରୁଦ୍ଧ କରୁଛି। ଚଳନ୍ତି ଘଟଣା ପ୍ରବାହରେ ଏକ ଧର୍ମ ଧରାଯାଇଛି। ଖରାଦିନେ ଜଳଛତ୍ର ବିଧାନ, ହିନ୍ଦୁଘରେ ପ୍ରତି ଚୌରା ବୃନ୍ଦାବତୀରେ ବସନ୍ତରା ଘଟ ଟାଙ୍ଗି ଥପ ଥପ ଜଳ ଏକ କୁଶ ଦ୍ୱାରା ତୁଳସୀ ଉପରେ ପକାଇବା। ଏଥିରେ କ'ଣ ଧର୍ମଶିକ୍ଷା ଅଛି ଯେ ଆଚାର୍ଯ୍ୟ ଘଟ ବସାଇଥାନ୍ତି। ସେ ବି ହୁଏତ ବୁଝାଇପାରୁନାହାଁନ୍ତି। ଜଳଛତ୍ର ରାସ୍ତାଘାଟରେ ଦିଆଯିବା ଭୁଲ ନୁହେଁ; ତେବେ ପୂର୍ବଧାରା ବର୍ତ୍ତମାନ ଧାରାରେ ଅନେକ ପରିବର୍ତ୍ତନ। ସହରରେ ଲୋକେ ଏପରି ବି ରାସ୍ତାକଡ଼ରେ ଜଳଦାନ କରୁଛନ୍ତି। ପ୍ରକୃତରେ ଖରାଦିନେ ଏପରି କାହିଁକି କରାଯାଉଛି ଏହା ମର୍ମ କ'ଣ ? ପ୍ରଚଣ୍ଡ ରୌଦ୍ର କିରଣରେ ମାଟି ଠୋ ଠୋ ଶୁଷ୍କ ହେଉଛି। ଜଳସ୍ତର ସର୍ବୋଚ୍ଚ ସ୍ତରକୁ ଚାଲି ଯାଉଛି, ଏ ସମୟ ସାର୍ବଜନୀନ ପୁଷ୍କରିଣୀ କୂପ ବାମ୍ଫି ଖୋଳିବା, ଉଖାଳିବା ଦରକାର, ଏହା ଅଧିକ ଧନ ଖର୍ଚ୍ଚର କାର୍ଯ୍ୟ। ଏହା ସମୂହ ଚେଷ୍ଟାରେ ଯଦି କରାଯାଆନ୍ତା ପ୍ରକୃତରେ ଯାହା ଜଳଦାନର ଶ୍ରେଷ୍ଠକର୍ମ। ଜଳ ମହାଭୂତର ଦ୍ୱିତୀୟ ସ୍ଥୁଳ ଦର୍ଶନ ରୂପ। ମହାଭୂତମାନେ ସାମ୍ୟବାଦୀ ଗୁଣସମ୍ପନ୍ନ ଏହାଉପରେ ସମସ୍ତଙ୍କର ସମାନ ଅଧିକାର ହେଲେ ରାଜ କାନୁନରେ ଏଥିରୁ ରାଜ ଆୟ ପାଇଁ ବଡ଼ ବଡ଼ ଜଳସମ୍ପଦ ବିଭାଗ କରୁଛନ୍ତି। ପୂର୍ବେ ରେଳପଥ ଯାତ୍ରୀଙ୍କ ପାଇଁ ମାଗଣା ଜଳ ବଣ୍ଟନ ଥିଲା। ଷ୍ଟେସନରେ ରେଲ କର୍ତ୍ତୃପକ୍ଷ ଜଳ ମାଗଣା ବଣ୍ଟନ ବ୍ୟବସ୍ଥା କରୁଥିଲେ। ବୋତଲ, ପ୍ୟାକେଟ ଜଳ ଭଲ ବାଣିଜ୍ୟ ହେଲାଣି। ଏମିତି ଜଳ ବାଣିଜ୍ୟ ପାଇଁ ଷ୍ଟେସନମାନଙ୍କରେ ଗାଡ଼ି ପହଞ୍ଚିଲେ ପାଇପମାନେ ରୁଦ୍ଧ। ଗଙ୍ଗାପାଣି ପୁଣ୍ୟଜଳ, ତାହା ଏବେ ସରକାରଙ୍କ ଦ୍ୱାରା ବିକ୍ରୟ ହେଲାଣି। ଗଙ୍ଗା ନଯାଇ ସ୍ୱ-ଗୃହରେ ପୁଣ୍ୟ ଅର୍ଜନ ବାଟ ଏବେ ହେବା ବୋଧ ହେଲାଣି। ଦୁଗ୍ଧ ଗୋପାଳକଙ୍କ ବାଣିଜ୍ୟ ପଦାର୍ଥ ଏବେ କମ୍ପାନୀମାନେ ଏମିତି ସରକାର ଏହାକୁ ଭିନ୍ନ ଭିନ୍ନ ପ୍ରକାର ଲେବଲରେ ବିକ୍ରୟ କଲେଣି। ଯଦି ଦୁଗ୍ଧର ଦ୍ରବ୍ୟଗୁଣ ତଦନ୍ତ କରାଯାଏ ଏଥିରେ ତାହା ପୂର୍ଣ୍ଣରୂପେ ଲବ୍ଧ ଅଛି କି ? ଏପରି ଆଦେଶର ଧାରା ତଦନ୍ତ କଲେ ସମସ୍ତେ ନିଶ୍ଚୟ ତାଜୁବ ହେବେ। ଏବେ ପାଣି ପାଣି ନୁହଁ, ଦୁଗ୍ଧ ଦଧି ଘୃତ ନବନୀତ ଛେନା ମହୁ, ତେଲ, ଡାଲି, ଚାଉଳ କେହି ମୌଳିକ ଶାସ୍ତ୍ରୀୟ ଗୁଣରେ ନାହାଁନ୍ତି। ଅନେକ ଔଷଧ ଉପରେ ଫର୍ମୂଲା ଲେଖା ହେଲେ ସେଥିରେ ତାହା ଠିକ ଅଛି କି? ଏହିସବୁ ଆଦେଶଦାତାମାନେ ଆସ୍ତେ ଆସ୍ତେ ବଢ଼ି ଶତକଡ଼ା ହାର ଅନେକ କମିବା ଜଣାପଡ଼ିଲେ ଅବତାରଙ୍କ କାମ ନିଶ୍ଚେ ଦରକାର ପଡ଼ିବ ହିଁ ପଡ଼ିବ।

**-ଉତ୍କଳାନନ୍ଦ ଅଜୟ କୁମାର ବେହେରା**
**ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ: ୯୪୩୭୧୦୩୧୨୫୩**

## ଆଜିର ଅନୁଚିନ୍ତା

*ବାଳିକା ଭଳି ନିରୀହ ହୁଅ ।*
*ବୃଦ୍ଧମାନଙ୍କ ଭଳି ସ୍ଥିତପ୍ରଜ୍ଞ ହୁଅ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ସତ୍ୟ ଓ ମିଥ୍ୟା ମଧ୍ୟରେ ସନ୍ତୁଳିତ ଆତ୍ମା



ଅଯୋଧ୍ୟାରୁ ନିର୍ବାସିତ ରାମଚନ୍ଦ୍ର ବନବାସକୁ ଯାଇ ଚିତ୍ରକୂଟରେ ଅବସ୍ଥାନ କରୁଛନ୍ତି। ପ୍ରଜାନୁରଞ୍ଜନ ରାଜା ରାମଚନ୍ଦ୍ର ପ୍ରଜାଙ୍କର ଅଗୋଚରରେ ପିତୃସତ୍ୟ ପାଳନ କରି ୧୪ ବର୍ଷ ଅରଣ୍ୟବାସରେ। ତାଙ୍କର ଏକମାତ୍ର ଧ୍ୟେୟ ଏକାନ୍ତ ସତ୍ୟରକ୍ଷା ଯାହାକୁ ସେ ନିଜ ଜୀବନରେ ପାଳନ କରିଛନ୍ତି। ଜାବାଳିକଋଷି-ତ୍ରିକାଳଦର୍ଶୀ, ସର୍ବଶାସ୍ତ୍ରଜ୍ଞ, ସୁବକ୍ତା, ଯୁକ୍ତିବାଦୀ ଯାହାଙ୍କୁ ଭରତ ନିଜ ସାଙ୍ଗରେ ନେଇ ରାମଙ୍କୁ ବନରୁ ପ୍ରତ୍ୟାବର୍ତ୍ତନ କରାଇବା ଆଶାରେ ଯାଇଛନ୍ତି। ପବିତ୍ର ଇକ୍ଷ୍ୱାକୁ ବଂଶରେ ଲାଗିଥିବା କଳଙ୍କକୁ ନିଜ ହାତରେ ଲିଭାଇବାକୁ ପଡିବା ଆଶା ମନରେ ପୋଷଣ କରିଛନ୍ତି। ରାମ କିନ୍ତୁ ନିଜ ସିଦ୍ଧାନ୍ତରେ ଅଟଳ। ଠିକ୍ ଏହି ସମୟରେ ଜାବାଳିକଙ୍କ ମୁହଁରୁ ବାହାରିଛି ଭୟଙ୍କର ବାଣୀ—ସତ୍ୟର ସମାଧି ରଚନା ନିମନ୍ତେ ଉଦ୍ଦିଷ୍ଟ ଏହି ଋଷିବାକ୍ୟ ଏବେବି ସୁବିଧାବାଦୀ ମଣିଷର ଆଦର୍ଶ ହୋଇ ରହିଛି। ଯାହା ଥିଲା "ପ୍ରତ୍ୟକ୍ଷଂ ବା ଭବାତିଷ୍ଠ ପରୋକ୍ଷଂ ପୃଷ୍ଠତଃ କୁରୁ।" ଜଗତରେ ପ୍ରତ୍ୟକ୍ଷ ହେଉଛି ଏକମାତ୍ର ସତ୍ୟ ଏବଂ ପରୋକ୍ଷ ହେଉଛି ଅସତ୍ୟ। ପ୍ରତ୍ୟକ୍ଷର ଅନୁଷ୍ଠାନରେ ବିଜ୍ଞ ଲୋକମାନେ ପରୋକ୍ଷର ଅନୁସନ୍ଧାନ କରନ୍ତି ନାହିଁ। ହେ ରାମ, ଭରତର ଅନୁରୋଧ ହେଉଛି ତୁମ ପାଇଁ ପ୍ରତ୍ୟକ୍ଷ ଓ ଦଶରଥ ପରୋକ୍ଷ। ତାଙ୍କ ପାଖରେ କରାଯାଇଥିବା ସତ୍ୟର କୌଣସି ମୂଲ୍ୟ ବର୍ତ୍ତମାନ ନାହିଁ। କାରଣ ସେ ପରୋକ୍ଷ। ତେଣୁ ତୁମେ ନିର୍ଦ୍ଦ୍ୱନ୍ଦ୍ୱରେ ଅଯୋଧ୍ୟା ଫେରିପାର। ମହାତପା ଜାବାଳିକ ଯାହା କହିଲେ, ସେଥିରେ ଜଣେ ଯୁକ୍ତିବାଦୀ ସଂସାରୀ ମଣିଷର ଦୃଷ୍ଟିକୋଣ ପ୍ରତିଫଳିତ। ମର୍ଯ୍ୟାଦା ପୁରୁଷୋତ୍ତମ ରାମ ଜାବାଳିକଙ୍କୁ ସତ୍ୟ ଧର୍ମ ସମ୍ପର୍କରେ ବୁଝାଇଥିଲେ। ରାମ ହେଉଛନ୍ତି ନିଛକ ସତ୍ୟର ପ୍ରତୀକ ଯାହାର ସଦାବେଳେ ଗୋଟିଏ ରୂପ। ତାହାର ଆଗ ପଛ ସବୁ ସମାନ। ନିଜ ମତର ପ୍ରତିଷ୍ଠା ପାଇଁ ଯୁକ୍ତିର ସାହାଯ୍ୟରେ ରାମ ତାଙ୍କ କଥା ମାନିଥିଲେ, ନୈତିକତା ବିପନ୍ନ ହୋଇଥାଆନ୍ତା। ଆଜିର ସମାଜରେ ଦେଶର ଧୂରିଣ ରାଜନେତାମାନେ ଜାବାଳିକଙ୍କ ପରୋକ୍ଷକୁ ଆପଣେଇ ସତ୍ୟପଥରୁ ବିଚ୍ୟୁତ ହେଉଛନ୍ତି।

ପୁରାଣରେ ସତ୍ୟରକ୍ଷାର ବହୁ ନଜିର ରହିଛି। କର୍ଣ୍ଣ ସତ୍ୟରକ୍ଷା କରି ନିଜ ଜୀବନକୁ ବିପନ୍ନ କରି କବଚ କୁଣ୍ଡଳ ଦାନ କରିଛନ୍ତି। ବଳି ସେଇ ସତ୍ୟ ପାଇଁ ପାତାଳଗାମୀ ହୋଇଛନ୍ତି। ଭୀଷ୍ମ ଚିରକୁମାର ରହିଛନ୍ତି। ସତ୍ୟରକ୍ଷା ପାଇଁ ହରିଶ୍ଚନ୍ଦ୍ର ଚରମ ଦୁର୍ଦ୍ଦଶା ଭୋଗିଛନ୍ତି। ଯୁଧିଷ୍ଠିର ଦ୍ୟୁତକ୍ରୀଡାର ଦାୟିତ୍ୱ ସ୍ୱୀକାର କରିନେଇ ଅରଣ୍ୟଚାରୀ ହୋଇଛନ୍ତି। ନିଜର ପ୍ରତିଶ୍ରୁତି ହିଁ ଥିଲା ସେମାନଙ୍କ ପାଇଁ ସତ୍ୟ। ମାତ୍ର ଆଜିର ସମାଜରେ ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ସତ୍ୟର ମଶାଣିରେ ମିଥ୍ୟାର ସନ୍ଧାନ ହେଉଛି ଆଜିର ଛଳନାପର ମଣିଷର ଧର୍ମ। ଏଥିପାଇଁ ତା'ର କୌଣସି ଅନୁଶୋଚନା ନାହିଁ, ଅନୁତାପ ନାହିଁ। ସାମାନ୍ୟ କାରଣରୁ ସେ ସତ୍ୟର ଅପଳାପ କରୁଛି। ପରିବେଶ, ପରିସ୍ଥିତି, ଆଉ ଅଭ୍ୟାସ ଧୀରେ ଧୀରେ ଏଥିରେ ମଣିଷକୁ ଅଭ୍ୟସ୍ତ କରିଦିଏ। ଆଜିର ମଣିଷ ଯେଉଁ ଦ୍ୱୈତ ଜୀବନ ଜୀଉଛି, ସେଥିପାଇଁ ଏଇ କପଟାଚାର ବେଶ ସୁହାଉଛି। ତାର ଆଶଙ୍କା ବହୁପଛରେ ପଡିଯିବ। ଗଧମାନେ ତା'ଭଳି ଧାବନପଟୁ ଅଶ୍ୱକୁ ଅତିକ୍ରମ କରିଯିବେ। ଜୀବନର ଦୌଡରେ ସଦାବେଳେ ଯେ କଇଁଛମାନଙ୍କର ବିଜୟ ହୁଏ, ଏହି ସତ୍ୟଟିକୁ ସେ ଭୁଲି ଯାଇଥାଏ। ତା'ର ପ୍ରୟୋଜନ ଠେକୁଆର ଗତି। ଏହି ବିଦ୍ୟୁତ ଗତିରେ ସେ ଅନ୍ୟମାନଙ୍କୁ ପଛରେ ପକାଇ ବିଜୟ ସ୍ତମ୍ଭ ଆରୋହଣ କରିବ। ଏକନମ୍ବର ସ୍ଥାନରେ ଠିଆହେବ। ନ ହେଲେ ଜୀବନ ବ୍ୟର୍ଥ ହୋଇଯିବ। ଦିବସର ସ୍ୱସ୍ତି, ରାତ୍ରିର ନିଦ୍ରା ଦୁର୍ଲ୍ଲଭ ହେଉଛି, ଶରୀର ରୋଗାକ୍ରାନ୍ତ ହେଉଛି। ମାନସିକ ପ୍ରଫୁଲ୍ଲତା ଚିତରେ ବିନଷ୍ଟ ହେଉଛି। ଗୋଟିଏ ମିଥ୍ୟାକୁ ଘୋଡାଇବା ପାଇଁ ତାକୁ କୋଟିଏ ଆବରଣର ବ୍ୟବସ୍ଥା କରିବାକୁ ପଡୁଛି। ତଥାପି ତା'ର ଶେଷରକ୍ଷା ନାହିଁ। ଜୀବନ ହୋଇଯାଉଛି ଜୀବନ୍ତ ମରଣ। ସାମାନ୍ୟ ସୁବିଧା ପାଇଁ ମଣିଷ ନିଜର ପଦପଦବୀର, ଶକ୍ତି ସାମର୍ଥ୍ୟର ଅପବ୍ୟବହାର କରିବାକୁ ଭୁଲୁ ନାହିଁ। ମୋର ଜଣେ ପରଚିତ ବ୍ୟକ୍ତି ତା'ର ଏକ କାର୍ଯ୍ୟ ସରକାରୀ ଦପ୍ତରରୁ ହାସଲ କରାଇବା ପାଇଁ ସମ୍ପୃକ୍ତ କାର୍ଯ୍ୟାଳୟକୁ ଦୌଡି ଦୌଡି ଶେଷରେ ତାଙ୍କୁ ଏକ ନିର୍ଦ୍ଦିଷ୍ଟ ତାରିଖ ଦିଆଯାଇ ଉକ୍ତ ଦିନରେ ତାକୁ ଏକ ସରକାରୀ ଚିଠି ଧରାଇ ଦିଆଗଲା। ସାରମର୍ମ ହେଉଛି ଅଧିକାରୀ ଆସେମ୍ବଲି କାର୍ଯ୍ୟରେ ବ୍ୟସ୍ତ ରହିବେ। ଅନୁସନ୍ଧାନ କାର୍ଯ୍ୟପରେ ତା'ର ତାରିଖ ଯଥାବିଧି ଜଣାଇ ଦିଆଯିବ। ପ୍ରକୃତରେ କଥାଟି ସେପରି ନଥିଲା, ଉକ୍ତ କାର୍ଯ୍ୟର ସଂପାଦନ ପାଇଁ ଅଧିକାରୀ ଜଣକ ଉତ୍କୋଚ ଚାହିଁଥିଲେ ଯାହାକୁ ମୋ' ପରଚିତ ବ୍ୟକ୍ତି ଜଣକ ଦେବାପାଇଁ ଅମଙ୍ଗ ଥିଲେ। କାରଣ ତାଙ୍କ ଜୀବଦ୍ଦଶାରେ ସେ ସଦାସର୍ବଦା ସତ୍ୟ ପଥରେ ନିଜକୁ ପରିଚାଳିତ କରିଥିଲେ ଏବଂ ଲାଂଚ ମିଛଠାରୁ ଊର୍ଦ୍ଧ୍ୱରେ ଥିଲେ। ପ୍ରତ୍ୟେକ ମିଥ୍ୟା ଏପରି ଆସେ । ମିଥ୍ୟା ଓ ଉତ୍କୋଚ ଏକ ମୁଦ୍ରାର ଦୁଇ ପାର୍ଶ୍ୱ । ମିଥ୍ୟା ଆସିବା ଆଗରୁ ତାକୁ ଯୌକ୍ତିକତାର ଏକ ମନୋହର ପୋଷାକ ପିନ୍ଧାଇ ଦିଆଯାଇଥାଏ। ବଡ ମନୋହର ସେ ପୋଷାକ। ସେଇଆକୁ ପିନ୍ଧି ମିଥ୍ୟା ମହାଶୟ ନିଜ ପ୍ରଭୁଙ୍କର ବାଗ୍ ବୈଦଗ୍ଧ୍ୟ, ବୁଦ୍ଧି, ଦୂରଦର୍ଶିତାର ପ୍ରଶଂସା କରି ବୁଲୁଥାଆନ୍ତି। ମଠ ଧନକୁ କୋଠ କରୁଥାଆନ୍ତି। ଇତିହାସ କହେ ବିଷ୍ଣୁଗୁପ୍ତ କୌଟିଲ୍ୟ ରାଜମନ୍ତ୍ରୀ ଥାଇ କୌଣସି ସରକାରୀ ବାସଭବନ ବ୍ୟବହାର କରୁନଥିଲେ। ନଗର ଉପାନ୍ତରେ ସାମାନ୍ୟ କୁଟୀର ନିର୍ମାଣ କରି ତହିଁରେ ବସବାସ କରୁଥିଲେ। ମାତ୍ର ତାଙ୍କ କୁଟୀରରେ ରଖିଥିଲେ ଦୁଇଗୋଟି ଦୀପ। ଗୋଟିଏ ସରକାରୀ ଅନ୍ୟଟି ବ୍ୟକ୍ତିଗତ। ସରକାରୀ କାର୍ଯ୍ୟ ସମୟରେ ସରକାରୀ ଦୀପ ଜଳୁଥିଲା, ବ୍ୟକ୍ତିଗତ କାମ ସମୟରେ ବେସରକାରୀ ଦୀପ; ଯାହା ଜଣେ ଇଂରେଜୀ ସାହେବ ତାଙ୍କର ଲିଖିତ ପୁସ୍ତକରେ ବର୍ଣ୍ଣନା କରି ଭାରତୀୟ ଶାସକର ସତ୍ୟନିଷ୍ଠାର ପରିଚୟ ଦେଇଥିଲେ। ହୁଏତ ଏହି ମିଞ୍ଜିମିଞ୍ଜି ଦୀପ ଆଲୋକରେ ଅର୍ଥଶାସ୍ତ୍ର ଲେଖାଯାଇଥିବ। ଆଜିର ଆସନରେ ଥିବା ମନ୍ତ୍ରୀ, ପ୍ରଶାସକ, ବିଧାୟକ, ସାଂସଦ ଏ କଥା ନଭାବି ଯେଉଁ ତଳସ୍ତରର ଲୋକମାନଙ୍କ ମତଦାନରେ ସେ ଶାସନାରୂଢ଼ ହୋଇଛନ୍ତି, ସେମାନଙ୍କ ଜୀବନ ଜୀବିକା ବିଷୟରେ ନଭାବି ନିଜର ସ୍ୱାର୍ଥ ପାଇଁ ଦରମା ଓ ପେନସନ୍ ବୃଦ୍ଧି କରିବା କେତେ ଯଥାର୍ଥ ? ଏସବୁ କଥା ଭାବିଲା ବେଳେ ସତ୍ୟ ଓ ମିଥ୍ୟା ମଝିରେ ଆତ୍ମା ସନ୍ତୁଳିତ ହେଉଛି।

**—ଉମାଶଙ୍କର ପ୍ରସାଦ**
*ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨*

# ସହନଶୀଳତା ଏକ ମହାନ୍ ଗୁଣ !



ପବିତ୍ର ଧର୍ମଗ୍ରନ୍ଥ ଭାଗବତରେ ଗୋଟିଏ କଥା କୁହାଯାଇଛି- ମାନବ ଦେହେ ଦିବ୍ୟ ଜ୍ଞାନ/ଦେଖି ସନ୍ତୋଷ ଭଗବାନ। ଏ କଥାରୁ ଆପାତତଃ ଗୋଟିଏ କଥା ସ୍ପଷ୍ଟ ଯେ, ମଣିଷ ନିକଟରେ ଅନେକ ଦିବ୍ୟଗୁଣର ସମାବେଶ ଘଟାଇଛନ୍ତି ଈଶ୍ୱର। ଯଥାର୍ଥରେ ସେଥିପାଇଁ କୁହାଯାଏ, ଦିବ୍ୟଗୁଣକୁ ମଣିଷ ଭିତରୁ ହଟାଇନେଲେ ମଣିଷ ପଶୁତୁଲ୍ୟ ହୋଇଯିବ। ଏହିସବୁ ଦିବ୍ୟଜ୍ଞାନ ମଧ୍ୟରୁ ଏକ ମହାନ୍ ଗୁଣ ହେଲା ସହନଶୀଳତା। ଏହା ଏମିତି ଏକ ଅସ୍ତ୍ର ଯାହାକୁ ପ୍ରୟୋଗ କରି ଜଣେ ଅଚିରେ ନିଜର ବିଜୟ ହାସଲ କରିପାରିବ। ଏକଥା ପ୍ରମାଣିତ ହୋଇଛି ଅନେକ କ୍ଷେତ୍ରରେ। ବହୁ ଶାସ୍ତ୍ରରେ ମଧ ଏହାର ଦୃଷ୍ଟାନ୍ତ ଦିଆଯାଇଛି। କୌରବଙ୍କ ଦ୍ୱାରା ପ୍ରପୀଡ଼ିତ ପାଣ୍ଡବମାନଙ୍କୁ ଭଗବାନ ଶ୍ରୀକୃଷ୍ଣ କେବଳ ଗୋଟିଏ କଥା କହୁଥିଲେ 'ସହିଯାଅ ଏବଂ ଧୈର୍ଯ୍ୟର ସହ ସମୟକୁ ଅପେକ୍ଷା କର'। ସହନଶୀଳତାର ଏକ ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ଦେବୀ ଜାନକୀ। ସାରା ଜୀବନ ଦୁଃଖ କଷ୍ଟ ସହି ମଧ ସେ ନିଷ୍କମ୍ପ ଦୀପଶିଖାର ନିଷ୍ଠା ନେଇ ସ୍ୱାମୀ ରାମଚନ୍ଦ୍ରଙ୍କ ବାଟକୁ ଅନେଇ ବସିଥିଲେ। ଆଜି ଆମ ନିକଟରେ ସହନଶୀଳତାର ଯେଉଁ ଉଦାହରଣଟିଏ ଉଭା ହୋଇରହିଛି ତାହା ହେଉଛି ଆମର ମାଟି ମା'। ହେଲେ ସାମ୍ପ୍ରତିକ ମଣିଷ ନିକଟରୁ ଉଭେଇ ଯାଉଛି ଏହି ଗୁଣ, ଯେଉଁଥିପାଇଁ ସମାଜ ଆଜି ବ୍ୟଭିଚାର, ଦୁର୍ନୀତି ଦ୍ୱାରା ଅତିକ୍ରମ କରିଯିବାକୁ ବସିଛି। ସୁଖ ପଛରେ ବାଇଆ ସାଜି ଧାଉଁଥିବା ମଣିଷ କେବଳ ଦୁଃଖକୁ ଆମନ୍ତ୍ରଣ କରୁଛି ସିନା ସୁଖର ସୋର୍ ଶବ୍ଦ ମଧ ପାଉନାହିଁ। ସହନଶୀଳତାର ପ୍ରଥମ ସୋପାନ ହେଉଛି ଅପେକ୍ଷା। ଯାହା ନିକଟରେ ଅପେକ୍ଷା କରିବାର ମାନସିକତା ନାହିଁ ସେ ନା କାହାରିକୁ ବରଦାସ୍ତ କରିପାରିବ ନା କାହାକୁ ସହ୍ୟ କରିପାରିବ। ବାସ୍ତବରେ ଆଜି ଅପେକ୍ଷା କରିବାକୁ କାହା ନିକଟରେ ବେଳ ନାହିଁ। ଅଳ୍ପ ସାଧନାରେ ସଫଳତା ଆଜିର ମଣିଷ ପାଇଁ ଧ୍ୟେୟ ପାଲଟିଛି। ଏହି ସଫଳତା ପାଇଁ ଆବଶ୍ୟକ ପଡ଼ିଲେ ତୋଷାମଦୀ କରିବାକୁ କିମ୍ବା ମୁଣ୍ଡ ନୁଆଁଇବାକୁ ପଛାଉନାହିଁ ମଣିଷ। କିନ୍ତୁ ସହନଶୀଳତାକୁ ବୀଜମନ୍ତ୍ର କରିଥିବା ମଣିଷ ନା କାହା ନିକଟରେ ମୁଣ୍ଡ ନୁଆନ୍ତି ନା ସାମାନ୍ୟ କଥାରେ ବିଚଳିତ ହୋଇ ନିଜର କ୍ଷତି ଘଟାଇବସନ୍ତି। ଆଜିର ମଣିଷ ଧୈର୍ଯ୍ୟ ଏବଂ ସହନଶୀଳତାଠାରୁ କାହିଁକି ଦୂରେଇ ଯାଉଛି ବୋଲି ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ଗୋଟିଏ ଦଶନ୍ଧିର ସାମାଜିକ ସ୍ଥିତି ଉପରେ ଆଲୋକପାତ କରିବାକୁ ପଡ଼ିବ। ଏଇ ଗୋଟିଏ ଦଶନ୍ଧି ମଧ୍ୟରେ ସମାଜରେ ଅନେକ ବଡ଼ ଧରଣର ପରିବର୍ତ୍ତନ ଘଟିଛି। ଗ୍ରାମୀଣ ପରିବେଶ ପ୍ରାୟତଃ ନଷ୍ଟ ହୋଇଯାଇଛି। ଗ୍ରାମ୍ୟ ପରିବେଶରେ ରହୁଥିବା ଲୋକଟିଏ ଭାଇବନ୍ଧୁ, ପାଖପଡୋଶୀ ଆଦିଙ୍କୁ ନେଇ ରହୁଥିଲା। ପରସ୍ପର ପରସ୍ପର ସହିତ ସଂଯୁକ୍ତ ହୋଇ ହିଁ ରହୁଥିଲେ। ପ୍ରତିଯୋଗିତାର ପ୍ରଶ୍ନ ଉଠୁ ନଥିଲା। ଅର୍ଥାତ୍ କିଏ କାହାକୁ ଟପିଗଲା ଏହାର ହିସାବ କେହି କେବେ କରୁ ନଥିଲେ। କିନ୍ତୁ ବର୍ତ୍ତମାନର କଥା ସମ୍ପୂର୍ଣ୍ଣ ନିଆରା। ଗ୍ରାମ୍ୟ ପରିବେଶ ନାହିଁ କି ଭାଇ, ବନ୍ଧୁ, କୁଟୁମ୍ବ ବଳୟ ଆଉ ଆଗ ପରି ଦୃଢ଼ ହୋଇନାହିଁ। ତେଣୁ କାହାରି ପ୍ରତି କାହା ଭିତରେ ଦରଦ ରହୁନାହିଁ। ସମସ୍ତେ ଦେଖୁଛନ୍ତି ଅମୁକ ଲୋକ ଆଗକୁ ମାଡ଼ିଗଲା। ମୋତେ ବି ସେତିକିବାଟ ଯିବାକୁ ହେବ। ଏଇ ମାନସିକତା ଯେତେବେଳେ ଜନ୍ମନିଏ ସେତେବେଳେ ଧୈର୍ଯ୍ୟ ଅଥବା ସହନଶୀଳତା ଆସିବ କେଉଁଠୁ? ବିଜ୍ଞାନ ଏବଂ ବୈଷୟିକ ବିଦ୍ୟାର ବିକାଶ ଫଳରେ ଆଜିର ମଣିଷ ଏକ ଅତିରିକ୍ତ ସୁବିଧାଜନକ ଜୀବନ ବିତାଉଛି। ଖୁବ୍ ସହଜରେ ସବୁକିଛି ହୋଇଯାଉଛି। କାହାଠୁ ଖବରଟିଏ ପାଇବା ପାଇଁ ଆଗରୁ ଦିନ ଦିନ ଧରି ଅପେକ୍ଷା କରିବାକୁ ପଡୁଥିଲା। କିନ୍ତୁ ଏବେ ମୋବାଇଲ୍‌ର ଯୁଗ। ନିମିଷକରେ ଅତି ଦୂରରେ ରହୁଥିବା ଲୋକଙ୍କୁ ସମ୍ପର୍କ କରିହେଉଛି। ସ୍ତ୍ରୀଲୋକମାନେ ନିଜ ହାତରେ ରୋଷେଇ କାମ କରୁଥିଲେ। କିନ୍ତୁ କିଛି ବି ହାତରେ କରିବାକୁ ପଡୁନାହିଁ। ପିଆଜ କାଟିବାଠାରୁ ମସଲା ବାଟିବା ପର୍ଯ୍ୟନ୍ତ ସବୁକାମ ମେସିନ୍ କରୁଛି ନ ହେଲେ ବଜାରରେ ଉପଲବ୍ଧ ହେଉଛି। ଏହି କର୍ମହୀନତାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପଡୁଛି ମନ ଭିତରେ। ଅଳ୍ପ ସମୟରେ ହୋଇଯାଉଥିବା ଜିନିଷ ଯଦି କୌଣସି କାରଣରୁ ସାମାନ୍ୟ ବିଳମ୍ବ ହେଉଛି ତା'ହେଲେ ଆମର ମନ ସେତକକୁ ବି ବରଦାସ୍ତ କରିପାରୁନାହିଁ। ଏଭଳି ନକାରାତ୍ମକ ପ୍ରଭାବରୁ ସୃଷ୍ଟି ହେଉଛି ଚିଡ଼ିଚିଡ଼ାପଣ, ଲୋପ ପାଉଛି ଧୈର୍ଯ୍ୟ ଏବଂ ମଣିଷ ହରାଉଛି ସହନଶୀଳତା। ଏକଥା ଠିକ୍ ଯେ, ଆଜିର ମଣିଷ ଖୁବ୍ ସୁବିଧାଜନକ ଜୀବନ ଅତିବାହିତ କରୁଛି। କିନ୍ତୁ ଏକଥାକୁ ଠିକ୍ ନୁହେଁ ବୋଲି କହିହେବ ନାହିଁ ଯେ, ଗୋଟିଏ ଦଶନ୍ଧି ତଳର ଜୀବନ ତୁଳନାରେ ଆଜିର ଜୀବନ ସମସ୍ୟାବହୁଳ ତଥା ସଂଘର୍ଷମୟ ହୋଇ ଉଠିଛି, ଯେଉଁଥିପାଇଁ ମଣିଷର ଖୁବଶୀଘ୍ର ଧୈର୍ଯ୍ୟଚ୍ୟୁତି ଘଟୁଛି। ବାସ୍ତବିକତାକୁ ଅନୁଶୀଳନ କଲେ ଜଣାଯାଏ ଯେ, ଆଜିର ମଣିଷ ଜୀବନ ସମସ୍ୟା ଜର୍ଜରିତ। କେଉଁଠି ପିଲାମାନେ ଅନୁଶାସନହୀନ ତ କେଉଁଠି ସ୍ୱାମୀ ବେପରବାୟ। ପୁଣି କେଉଁଠି ସ୍ତ୍ରୀ ଆଚରଣ ବ୍ୟଥିତ କଲାଣି ତ' କେତେବେଳେ ପଡ଼ୋଶୀମାନଙ୍କ ଅନଧିକାର ଚର୍ଚ୍ଚାକୁ ନେଇ ଜୀବନ ବ୍ୟତିବ୍ୟସ୍ତ ହେଲାଣି। ଖୋଜି ବସିଲେ ଦୋକାନଠୁ କାର୍ଯ୍ୟାଳୟ ସବୁଠି ସମସ୍ୟା ଆଉ ସମସ୍ୟା। ପ୍ରତିମୁହୂର୍ତ୍ତରେ ମଣିଷକୁ ସଂଘର୍ଷ କରିବାକୁ ପଡୁଛି। ଆଉ ଏହା ହେଉଛି ଏକ ମୁଖ୍ୟକାରଣ ଯେଉଁଥିପାଇଁ ମଣିଷ ଅତିଶୀଘ୍ର ଏବଂ ସହଜରେ ଧୈର୍ଯ୍ୟ ହରାଉଛି। ଏବେ ସମସ୍ତଙ୍କ ଭିତରେ ଆର୍ଥିକ ମହତ୍ତ୍ୱାକାଂକ୍ଷା ଏକ ଭୀଷଣ ରୂପ ଧାରଣ କରିଛି। ଅଧିକ ଅର୍ଥ ଉପାର୍ଜନ କରି ଅନ୍ୟମାନଙ୍କୁ ଟପିଯିବା ଲାଗି ବ୍ୟାକୁଳ ଅଧିକାଂଶ। ସେଥିପାଇଁ ବିକଳ୍ପ ଖୋଜିବାରେ ସଭିଏଁ ବ୍ୟସ୍ତ। ପ୍ରଥମ କିସମର କର୍ମଚାରୀମାନଙ୍କୁ ଆର୍ଥିକ ମହତ୍ତ୍ୱାକାଂକ୍ଷା ପର୍ଯ୍ୟାୟଭୁକ୍ତ କରାଯାଇପାରେ। ଆର୍ଥିକ ମହତ୍ତ୍ୱାକାଂକ୍ଷା ସେମାନଙ୍କଠାରୁ ଧୈର୍ଯ୍ୟକୁ ଛଡ଼ାଇ ନେଇଥାଏ। ଶେଷରେ, ଜଣେ ନୁହେଁ ଅଧେ ନୁହେଁ ଆଜିର ସମାଜରେ ଅଧିକାଂଶ ଲୋକ ଏଭଳି ଏକ ମାନସିକତାର ଶିକାର। ଦୌଡ଼ ହିଁ ସେମାନଙ୍କ ଜୀବନର ଏକ ବିଶେଷ ଅଙ୍ଗ। କିନ୍ତୁ ସମସ୍ତେ ଯେ ସଫଳ ହେବେ ସେକଥା କିଏ କହିପାରିବ। ଜୀବନରେ ସୁଖର ଆବଶ୍ୟକତା ରହିଛି, କିନ୍ତୁ ସୁଖ ହାସଲ ପାଇଁ ନିଜ ଭିତରର ଐଶ୍ୱରୀୟ ଗୁଣକୁ ବଳିଦେବା କେତେ ବୁଦ୍ଧିମାନତା! ନିଜ ପାଇଁ ଏକ ନିର୍ଦ୍ଦିଷ୍ଟ ବଳୟ ନିରୂପଣ କରି ତା'ଭିତରେ ନିଜକୁ ସନ୍ତୁଷ୍ଟ ରଖିଲେ ନା ମଣିଷକୁ ସୁଖ ପଛରେ ଧାଇଁ ଅଣନିଃଶ୍ୱାସୀ ହେବାକୁ ପଡ଼ିବ ନା ସୁଖ ନାମରେ କେବଳ ସମସ୍ୟା ସହିତ ବନ୍ଧୁ ବାନ୍ଧିବାକୁ ପଡ଼ିବ। ତେବେ ଶ୍ରୀମଦ୍ ଭାଗବତ୍ ଯଥାର୍ଥରେ ଲେଖିଛି- 'ନିତି ଦିନିଆ ଜୀବନ ଭିତରେ ପରୋପକାର ଦ୍ୱାରା ହିଁ ଯଥାର୍ଥ ମନୁଷ୍ୟ ଧର୍ମ ପ୍ରତିପାଦିତ ହୋଇଥାଏ।' ଅଷ୍ଟାଦଶ ପୁରାଣର ମହାବାକ୍ୟ- '***ଅଷ୍ଟାଦଶ ପୁରାଣେଷୁ ବ୍ୟାସସ୍ୟ ବଚନ ଦ୍ୱୟମ୍-ପରୋପକାରାୟ ସ୍ୱର୍ଗାୟ ପାପାୟ ପରପୀଡ଼ନମ୍।***' ଆସନ୍ତୁ ପ୍ରତିଦିନ ନିଜ କର୍ମମୟ ଜୀବନ ଭିତରେ ପରୋପକାର ଭିତରେ ଦିବ୍ୟ ଜୀବନରେ ନିଜକୁ ଅତିବାହିତ କରିବା।

**ଅନ୍ତର୍ଯ୍ୟାମୀ ପଟ୍ଟନାୟକ**
*ଟ୍ରଷ୍ଟ କନ୍‌ଭେନର, ଶ୍ରୀସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧*

# ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦ

----------ହେମନ୍ତ କୁମାର ପରିଡ଼ା----------



ସନାତନ ସଂସ୍କୃତିର ସାଧୁସନ୍ଥମାନଙ୍କୁ ସୃଷ୍ଟିର ଶ୍ରେଷ୍ଠ ସମ୍ପଦ ଭାବେ ଅଭିହିତ କରାଯାଇଛି। ସେହିମାନଙ୍କ ମହିମାରେ ଏହି ଧରିତ୍ରୀ ମହିମାମଣ୍ଡିତ ହୋଇଛି। ଯୁଗେ ଯୁଗେ ସେହିମାନଙ୍କର ତପଶକ୍ତି ଧରଣୀକୁ ଧାରଣ କରିବା ସହିତ ସତ୍‌ମାର୍ଗ ପ୍ରଦର୍ଶନ କରିଆସିଛି। ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ସେହିଭଳି ଜଣେ ମହାନ ତପସ୍ୱୀ। ଆପଣା ତପଶକ୍ତିର ଦିବ୍ୟ ପ୍ରକାଶରେ ସାରା ବିଶ୍ୱକୁ ପ୍ରକାଶିତ କରିଛନ୍ତି। ଦକ୍ଷିଣ ଭାରତର ମାଙ୍ଗାଲୋରଠାରେ ୧୯୧୬ ମସିହା ସେପ୍ଟେମ୍ବର ୨୪ ତାରିଖ ଦିନ ଏହି ଦିବ୍ୟ ଶିଶୁ ପିତା ଶ୍ରୀନିବାସ ରାଓ ଓ ମାତା ସରୋଜିନୀ ଦେବୀଙ୍କ କୋଳମଣ୍ଡନ କରି ଆବିର୍ଭୁତ ହୋଇଥିଲେ। କୁଳିନ ବ୍ରାହ୍ମଣ ବଂଶ, ଏକ ପ୍ରଖ୍ୟାତ ଜମିଦାର ପରିବାର। ମାମୁଁ ଘରେ ଜନ୍ମ ହୋଇ ପ୍ରାୟ ୧୬ ବର୍ଷ ଯାଏ ସେଇଠାରେ ବଢ଼ିଥିଲେ। ତାଙ୍କର ଅଜା ଥିଲେ ମାଙ୍ଗାଲୋର ଅଞ୍ଚଳର ଜଣେ ଅତ୍ୟନ୍ତ ପ୍ରସିଦ୍ଧ ବ୍ୟକ୍ତି। ଲୋକେ ତାଙ୍କୁ ମୁକୁଟ ବିହୀନ ସମ୍ରାଟ ଭାବେ ଜ୍ଞାନ କରୁଥିଲେ। ଶ୍ରଦ୍ଧାରେ ଦିବ୍ୟ ଶିଶୁଙ୍କ ନାମ ରଖାଯାଇଥିଲା ଶ୍ରୀଧର। ଜାତିର ପିତା ମହାତ୍ମା ଗାନ୍ଧୀ ଦକ୍ଷିଣ ଭାରତ ଭ୍ରମଣ ବେଳେ ଏକାଧିକ ବାର ତାଙ୍କ ଘରେ ଅତିଥି ହୋଇଥିଲେ। ଶିଶୁ ଶ୍ରୀଧର ବହୁବାର ତାଙ୍କ କୋଳରେ ବସିବାର ସୌଭାଗ୍ୟ ଲାଭ କରିଥିଲେ। ସେ ମାଙ୍ଗାଲୋରର ଏକ ପ୍ରସିଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ସମାପ୍ତ କରି ଉଚ୍ଚଶିକ୍ଷା ପାଇଁ ପିତୃଗୃହ ମାଡ୍ରାସ ଚାଲି ଆସିଥିଲେ। ମାତୃଗୃହ ଓ ପିତୃଗୃହ ଉଭୟର ପରିବେଶ ଥିଲା ଅତ୍ୟନ୍ତ ପବିତ୍ର। ଉଭୟ ପରିବାରର ଆଧାତ୍ମିକ ସଂସ୍କାର ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ମାଡ୍ରାସର ପ୍ରସିଦ୍ଧ ଲୟେଲା କଲେଜରୁ କୃତିତ୍ୱର ସହିତ ଉଚ୍ଚଶିକ୍ଷା ସମାପ୍ତ କରିଥିଲେ। ସଂସାରର ସମସ୍ତ ସୌଖ୍ୟ ତାକୁ ବାନ୍ଧିପାରିଲା ନାହିଁ। ସବୁ ଆକର୍ଷଣ ତ୍ୟାଗ କରି ସେ ପରମ ସିଦ୍ଧି ସନ୍ଧାନରେ ତପ ସାଧନା ପାଇଁ ତପୋଭୂମି ହିମାଳୟ ଚାଲି ଆସିଲେ। ସେଠାରେ ଦିବ୍ୟ ଜୀବନ ସଂଘର ପ୍ରାଣ ପ୍ରତିଷ୍ଠାତା ମହାଯୋଗୀ ସ୍ୱାମୀ ଶିବାନନ୍ଦଙ୍କ ଚରଣକମଳରେ ନିଜକୁ ସମର୍ପି ଦେଇଥିଲେ। ୧୯୪୯ ଗୁରୁପୂର୍ଣ୍ଣିମା ଦିନ ପୂଜ୍ୟ ସ୍ୱାମୀଜୀଙ୍କଠାରୁ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କରି ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ନାମରେ ପରିଚିତ ହେଲେ। ଏହି ନାମରେ ସେ ବିଶ୍ୱବିଦିତ ସନ୍ନ୍ୟାସୀ ଭାବେ ପରିଚିତ ହୋଇଥିଲେ। ଗଭୀର ଆଧାତ୍ମିକ ସାଧନା ସହିତ ସେବା, ପ୍ରେମ ଓ ବିନୟ ଭାବକୁ ଜୀବନର ଭୂଷଣ ଭାବେ ଗ୍ରହଣ କରିନେଇଥିଲେ। ନିଜେ ବ୍ରହ୍ମାନନ୍ଦରେ ବିଭୋର ହୋଇ ସର୍ବଦା ବ୍ରାହ୍ମିସ୍ଥିତିରେ ସ୍ଥିର ରହୁଥିଲେ ଏବଂ ସାରା ସଂସାରକୁ ବ୍ରହ୍ମଙ୍କ ସ୍ୱରୂପରେ ଦର୍ଶନ କରୁଥିଲେ। ତାଙ୍କ ଆଚରଣ ଓ ଉଚ୍ଚାରଣରେ ଏହି ଭାବ ସ୍ପଷ୍ଟ ଫୁଟି ଉଠୁଥିଲା। ଅତି ଛୋଟ ବେଳୁ ତାଙ୍କଠାରେ ସେବା ପ୍ରେମର ପ୍ରାବଲ୍ୟ ପରିଲକ୍ଷିତ ହୋଇଥିଲା। ଘରର ଚାରିପଟେ କୋଷ୍ଠରୋଗୀମାନଙ୍କୁ ରଖି ଅତି ଯତ୍ନର ସହିତ ସେମାନଙ୍କର ସେବାପୂଜା କରୁଥିଲେ। ଏହି ଭାବରେ ଜୀବନସାରା ବ୍ରତୀ ହୋଇ ରହିଥିଲେ। ତାଙ୍କ ମା' ଥିଲେ ଜଣେ ମହୀୟସୀ ମହିଳା। ତାଙ୍କ ପ୍ରଭାବ ତାଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା। ମଣିଷ ତ' ମଣିଷ ଏପରିକି ପଶୁପକ୍ଷୀ, କୀଟପତଙ୍ଗମାନେ ମଧ ତାଙ୍କ କୃପାକଟାକ୍ଷରୁ ବାଦ ପଡୁନଥିଲେ। ଯନ୍ତ୍ରଣାରେ ଛଟପଟ ହେଉଥିବା ଗୋଟିଏ ବୁଲା କୁକୁରର ଗଳିତ କ୍ଷତ ଦେଖି ସେ ସେହି ରାସ୍ତାକଡ଼ରେ ସେବା କରିବାକୁ ଲାଗିଗଲେ। କ୍ଷତରୁ ବାହାରୁଥିବା ପୋକସବୁକୁ ସଫା କରୁକରୁ ସେ ସେହିଠାରେ ଶୋଇ ଯାଇଥିଲେ। ଏହା ଦେଖି ଗୁରୁଦେବ ଶିବାନନ୍ଦ କହିଥିଲେ ସ୍ୱାମୀ ଚିଦାନନ୍ଦ ଜଣେ ସାଧାରଣ ମଣିଷ ନୁହଁନ୍ତି। ସେ ସେବାର ଘନ ବିଗ୍ରହ। ଆଉ ଥରେ କହିଥିଲେ ସ୍ୱାମୀ ଚିଦାନନ୍ଦ ମୋର ଗୁରୁ ହେବା କଥା। କେଉଁ ପ୍ରାରବ୍ଧ ବଳରୁ ଏବେ ମୁଁ ତାଙ୍କର ଗୁରୁ ହୋଇଛି। ସେ ଜଣେ ମହାନସିଦ୍ଧ। ଏହା ତାଙ୍କର ଶେଷଜନ୍ମ। ସେବାର ସୁଯୋଗ ମିଳିଲେ ସେ ତଲ୍ଲୀନ ହୋଇଯାଉଥିଲେ। ସବୁ କାର୍ଯ୍ୟକୁ ପଛକରି ସେ ନାରାୟଣ ଜ୍ଞାନରେ ସେବାରତ ରହୁଥିଲେ। ଜୀବସେବାକୁ ଶିବସେବା ମଣୁଥିଲେ। ୧୯୪୮ ମସିହାରେ ଶିବାନନ୍ଦ ତାଙ୍କ ଆଶ୍ରମରେ ଆରମ୍ଭ କରିଥିଲେ ଯୋଗ ବେଦାନ୍ତ ଆରଣ୍ୟ ବିଶ୍ୱବିଦ୍ୟାଳୟ। ସ୍ୱାମୀ ଚିଦାନନ୍ଦ ହୋଇଥିଲେ ତା'ର କୁଳପତି ଓ ରାଜଯୋଗ ପ୍ରାଚାର୍ଯ୍ୟ। ଗୁରୁଙ୍କ ଆଦେଶ ରୂପକ ଆଶୀର୍ବାଦ ଧାରଣ କରି ସେ ବିଶ୍ୱଭ୍ରମଣ କରିଥିଲେ। ଗୁରୁବାଣୀ ମାଧ୍ୟମରେ ଭାରତୀୟ ସଂସ୍କୃତି ଯୋଗବେଦାନ୍ତର ପ୍ରଚାର ପ୍ରସାର କରି ସେ ପାଶ୍ଚାତ୍ୟ ଭକ୍ତମାନଙ୍କର ହୃଦୟ ଜିଣି ନେଇଥିଲେ। ପାଶ୍ଚାତ୍ୟ ଭକ୍ତମାନେ ତାକୁ ଭାରତର ସେଣ୍ଟ ଫ୍ରାନସିସ ଓ ଶାନ୍ତିଦୂତ ଭାବେ ଅଭିହିତ କରୁଥିଲେ। ମର୍ଯ୍ୟାଦାର ଚରମ ପରାକାଷ୍ଠା ତାଙ୍କ ବ୍ୟବହାରରେ ପରିଦୃଷ୍ଟ ହେଉଥିଲା। ନମ୍ରତା ତାଙ୍କର ଭୂଷଣ ଥିଲା। ଭାରତବର୍ଷର ବଡ଼ ବଡ଼ ମହାତ୍ମାମାନେ ତାଙ୍କୁ ପ୍ରେମର ଅବତାର, ଭଗବାନ ଶ୍ରୀରାମଙ୍କ ଅବତାର ବୋଲି ମଧ କହିବାକୁ ଭୁଲୁନଥିଲେ। ସ୍ୱାମୀ ଚିଦାନନ୍ଦଜୀ ସାରା ବିଶ୍ୱରେ ଗୀତାର ଜଣେ ପ୍ରଚଣ୍ଡ ପ୍ରବକ୍ତା। ଏକଦା ଏକ ବିଶ୍ୱବିଦ୍ୟାଳୟରେ ସ୍ଥିତପ୍ରଜ୍ଞ ଲକ୍ଷଣ ଉପରେ ଗୀତାର ଦ୍ୱିତୀୟ ଅଧ୍ୟାୟ ବୁଝାଉଥିଲେ। ଜଣେ ପ୍ରଫେସର ପ୍ରଶ୍ନକଲେ ସ୍ୱାମୀଜୀ ଆପଣ ସ୍ଥିତପ୍ରଜ୍ଞର ଯେଉଁସବୁ ଲକ୍ଷଣ ବର୍ଣ୍ଣନା କରୁଛନ୍ତି, ଏପରି ବ୍ୟକ୍ତି କ'ଣ ପୃଥିବୀରେ ସମ୍ଭବ। ସ୍ୱାମୀଜୀ ତତ୍‌କ୍ଷଣାତ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କ ନାମ ଉଲ୍ଲେଖ କରିଥିଲେ। ଦିବ୍ୟ ଜୀବନ ସଂଘର ସଭାପତି ସ୍ୱାମୀ ଚିଦାନନ୍ଦଜୀ ମହାରାଜ ଜଣେ ସ୍ଥିତପ୍ରଜ୍ଞ ଯୋଗୀ ଭାବରେ ନରଦେହରେ ନାରାୟଣ ଭଳି ଋଷିକେଶ ସ୍ଥିତ ଶିବାନନ୍ଦ ଆଶ୍ରମରେ ନିବାସ କରୁଛନ୍ତି। ସତରେ ସ୍ୱାମୀ ଚିଦାନନ୍ଦଜୀଙ୍କ ଭଳି ପରଦୁଃଖକାତର ମହାତ୍ମା ସଂସାରରେ ବିରଳ। ସେ ଥିଲେ ଜଣେ ସୁଲେଖକ, ସୁବକ୍ତା, ସୁସଙ୍ଗଠକ, ସମାଜ ସଂସ୍କାରକ। ସମାଜର ସମସ୍ତ ସମସ୍ୟା ସମାଧାନ କରି ଏକ ସୁସ୍ଥ ସମାଜ ଗଠନରେ ସେ ନିତ୍ୟ ବ୍ରତୀ ଥିଲେ। ତାଙ୍କ ନାମ ଶୁଣି ଲୋକମାନେ ଦର୍ଶନ ପାଇଁ ଜମା ହୋଇଯାଉଥିଲେ। ମଧୁର ସମ୍ଭାଷଣ ଅନେକ ମୁମୂର୍ଷୁଙ୍କ ହୃଦୟରେ ଆତ୍ମଜ୍ଞାନର ବୀଜ ବପନ କରୁଥିଲା। ସ୍ୱାମୀଜୀ ଥିଲେ ପ୍ରଖର ପ୍ରଜ୍ଞା ଓ ସଜଳ ଶ୍ରଦ୍ଧାର ମିଳିତ ତନୁ। ଶ୍ରଦ୍ଧା, ପ୍ରେମ, ଜ୍ଞାନ, ଭକ୍ତି, ବୈରାଗ୍ୟର ଘନ ବିଗ୍ରହ। ୧୯୬୩ରେ ଗୁରୁଦେବ ସ୍ୱାମୀ ଶିବାନନ୍ଦ ମହାରାଜ ମହାସମାଧି ପ୍ରାପ୍ତ ହେଲେ। ସେବେଠାରୁ ବିଶ୍ୱ ଦିବ୍ୟ ଜୀବନ ସଂଘର ଗୁରୁ ଦାୟିତ୍ୱ ନିର୍ବାହ ଭାର ତାଙ୍କ ଉପରେ ରହିଲା। ୨୦୦୮ ଅଗଷ୍ଟ ୨୮ ତାରିଖ ମହାସମାଧି ଯାଏ ସେ ସଭାପତି ଭାବେ ଏହି ଦାୟିତ୍ୱ ନିର୍ବାହ କରି ଆସୁଥିଲେ। ସ୍ୱାମୀଜୀଙ୍କର ପଞ୍ଚଭୂତ ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ହେଲେ ଗୁରୁ ଚିଦାନନ୍ଦ କୋଟିପ୍ରାଣରେ ପ୍ରେରଣା ଓ ମାର୍ଗଦର୍ଶନର ଉତ୍ସ ହୋଇ ଅମର ହୋଇଗଲେ। ମହାନ ସଦ୍‌ଗୁରୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀଙ୍କୁ ସଭକ୍ତି ପ୍ରଣାମ!

*-ମାଳତୀକୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬*




# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଓଡିଶା ମେହେର ସମାଜ

**ଭୁବନେଶ୍ୱର,(ପିଏନ)-** ସ୍ୱଭାବ କବି ଗଙ୍ଗାଧର ମେହେର ଓଡିଆ ଜାତିର ଗର୍ବ ଓ ଗୌରବ। ଏହି ମହାନ କବିଙ୍କର ଶ୍ରାଦ୍ଧ ଶତବାର୍ଷିକୀ ଉପଯୁକ୍ତ ଭାବରେ ଆୟୋଜନ କରାଯିବା ସଂପର୍କରେ ନିଖିଳ ଓଡିଶା ମେହେର (ଭୁଲିଆ) ସମାଜର ଏକ ପ୍ରତିନିଧି ଦଳ ସୋମବାର ନବୀନ ନିବାସ ଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଏ ସଂପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ କବିଙ୍କ ସ୍ମୃତିରେ ଭୁବନେଶ୍ୱର ଠାରେ ଏକ ଭବନ ନିର୍ମାଣ କରାଯିବା ସହିତ ସ୍ୱଭାବ କବିଙ୍କର ଶ୍ରାଦ୍ଧ ଶତବାର୍ଷିକୀ ମାର୍ଚ୍ଚ ୨୦୨୪ରେ ଆୟୋଜନ କରାଯିବା ସଂପର୍କରେ ଆଲୋଚନା ହୋଇଥିଲା।



ସ୍ୱଭାବ କବିଙ୍କର ସ୍ମୃତିରେ ଭୁବନେଶ୍ୱରରେ ଏକ ଭବ୍ୟ ଭବନ ନିର୍ମାଣ କରାଯିବା ସହିତ କବିଙ୍କର ଶ୍ରାଦ୍ଧ ଶତବାର୍ଷିକୀ ଓ ମହାସଭା ୨୦୨୪ରେ ଉପଯୁକ୍ତ ଭାବରେ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏଥିନିମନ୍ତେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ସୂଚନାଯୋଗ୍ୟ ଯେ ୧୯୨୪ ମସିହାରେ ସ୍ୱଭାବ କବି ମେହେର ସମାଜ (ଭୁଲିଆ)କୁ ସଂଗଠିତ କରି ବରପାଲି ଠାରେ ଏକ ମହାସଭାର ଆୟୋଜନ କରିଥିଲେ। ଏହି ଭୁଲିଆ ସମାଜ ପରବର୍ତୀ ସମୟରେ ନିଖିଳ ଓଡିଶା ମେହେର(ଭୁଲିଆ) ସମାଜରେ ପରିଣତ ହୋଇଥିଲା।ଓଡିଆ ଜାତିର ପ୍ରାତଃ ସ୍ମରଣୀୟ କବି ଗଙ୍ଗାଧର ମେହେରଙ୍କ ସ୍ମୃତି ରକ୍ଷା ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

କବି ଗଙ୍ଗାଧର ମେହେରଙ୍କ ନାମରେ ୨୦୯୦ କୋଟି ଟଙ୍କାର ଗଙ୍ଗାଧର ମେହେର ଲିଫ୍ଟ କେନାଲ ସିଷ୍ଟମ୍ ଜଳସେଚନ ଯୋଜନାର କାମ ଚାଲିଛି ଏବଂ ଏହା ୨୦୨୩ ସେପ୍ଟେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସେହିପରି ସମ୍ବଲପୁର ଗଙ୍ଗାଧର ମେହେର କଲେଜକୁ ୨୦୧୫ ମସିହାରୁ ଏକକ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଛି । ଶିକ୍ଷାର ପ୍ରସାର ନିମନ୍ତେ ୪୩୦ କୋଟି ଟଙ୍କାର ଓଡିଶା ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନା କାର୍ଯ୍ୟକାରୀ କରାଯାଉଛି।

କବି ଗଙ୍ଗାଧର ମେହେରଙ୍କର ଅମ୍ଳାନ ସ୍ମୃତିକୁ ସମ୍ମାନ ଜଣାଇ ରାଜ୍ୟ ସରକାର ଗତ ୨୦ ବର୍ଷ ମଧ୍ୟରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ପାଇଁ ପ୍ରତିନିଧି ଦଳ ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଲୋଏର ପିଏମ୍‌ଜିରେ ୧୧ତମ ଦିବସରେ ବିଜେପିର ସତ୍ୟାଗ୍ରହ

**ଭୁବନେଶ୍ୱର,(ପିଏନ)-** ରାଜ୍ୟର ଚାଷୀ ଭାଇ ଓ ଭଉଣୀମାନଙ୍କ କଷ୍ଟ ଉପାର୍ଜିତ ଧାନକୁ ସଠିକ ମୂଲ୍ୟରେ ଏବଂ ବ୍ୟବସ୍ଥିତ ଭାବେ ବିକ୍ରି କରିବା ପାଇଁ ଚାହିଁ ରହିଥିବାବେଳେ ରାଜ୍ୟ ସରକାର ନିଜ ଦାୟୀତ୍ୱ ଏବଂ କର୍ତବ୍ୟରୁ ଓହରି ଯାଇ ବର୍ତମାନ ପଦ୍ମପୁର ଉପନିର୍ବାଚନ ପ୍ରଚାର କାର୍ଯ୍ୟରେ ମାତିଛନ୍ତି । ଭୋଟ୍ ସର୍ବସ୍ୱ ଶାସକ ବିଜେଡି ଓଡିଶାବାସୀଙ୍କ ପ୍ରତି ଥିବା ନିଜ ଦାୟୀତ୍ୱ ଏବଂ କର୍ତବ୍ୟରୁ ଓହରି ଦଳୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଛି । ଓଡିଶାରେ ୭୦% ଲୋକ ଚାଷ ଉପରେ ନିର୍ଭର କରୁଥିଲେ ବି ପ୍ରାକୃତିକ ଦୁର୍ବିପାକ, ବିହନ କିମ୍ବା ସାର ସମ୍ବନ୍ଧରେ କୌଣସି ସହାୟତା କରୁନାହାନ୍ତି ରାଜ୍ୟ ସରକାର। ୨୨ବର୍ଷ ଧରି ଚାଷୀମାନଙ୍କ ପ୍ରତି ଅନ୍ୟାୟ, ଅବିଚାର ଓ ଅଣଦେଖା ଆଚରଣ କରୁଛି ଶାସକ ଦଳ। କେନ୍ଦ୍ର ସରକାର ଓଡ଼ିଶାର ଚାଷୀଙ୍କ ଲାଗି ମାଳ ମାଳ ଯୋଜନା କରୁଥିଲେ ବି ଚାଷୀ ସେଥିରୁ ବଂଚିତ ରହୁଛି। ଚାଷ ଜମିକୁ ଜଳ, ଫସଲବୀମା, ଶୀତଳ ଭଣ୍ଡାର, ବ୍ୟବସ୍ଥିତ ଟୋକନ ଏବଂ ଧାନ ମଣ୍ଡି, କେନ୍ଦ୍ର ଦେଉଥିବା କ୍ୱିଟାଂଲ ପିଛା ଏମଏସପି ୨୦୪୦ଟଙ୍କା ଓ ମୁଖ୍ୟମନ୍ତ୍ରୀ ନିଜେ ଘୋଷଣା କରିଥିବା ୧୦୦ଟଙ୍କା ବୋନସକୁ ମଧ୍ୟ କାର୍ଯ୍ୟାନ୍ୱୟନ କରିନାହାନ୍ତି। ଯଥାଶୀଘ୍ର ରାଜ୍ୟ ସରକାର ଚାଷୀଙ୍କ ଦାବିକୁ ପୂରଣ କରନ୍ତୁ । ଏନେଇ ଆଜିକୁ ୧୧ଦିନ ଧରି ବିଧାନସଭା ସମ୍ମୁଖରେ ବିଜେପି ଧାରଣାରେ ବସିଛି ବୋଲି ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି କହିଛନ୍ତି।

କେନ୍ଦ୍ର ସରକାର ଓଡ଼ିଶାର ଚାଷୀକୂଳଙ୍କ ପ୍ରତି କୋଟି କୋଟି ଟଙ୍କା ପଠାଇ ଥିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ଚାଷୀ ମାରଣ ନୀତି ଯୋଗୁଁ ଆଜି ରାଜ୍ୟରେ ଚାଷୀକୂଳ ହତାଶ ହୋଇଥିବା ରାଜ୍ୟ ଉପସଭାନେତ୍ରୀ ଶ୍ରୀମତୀ ଅନିତା ଶୁଭଦର୍ଶିନୀ ପଟ୍ଟନାୟକ କହିଛନ୍ତି।

ରାଜ୍ୟ ସରକାର କେନ୍ଦ୍ର ଯୋଜନାକୁ ଲୋକଙ୍କ ପାଖରେ ନପଂହଚାଇ ବଂଚିତ ରଖିଛନ୍ତି। ଯଥାଶୀଘ୍ର ଚାଷୀମାନଙ୍କ ଦାବିକୁ ରାଜ୍ୟ ସରକାର ମାନନ୍ତୁ। ଯଦି ରାଜ୍ୟ ସରକାର ଚାଷୀଙ୍କୁ ନ୍ୟାୟ ନଦିଅନ୍ତି ତାହାଲେ ଆଗାମୀ ଦିନରେ ବିଜେପି ଗାଁ ଗାଁରେ ସତ୍ୟାଗ୍ରହ କରିବ ବୋଲି ଚେତାବନୀ ଦେଇଛି। କେନ୍ଦ୍ର ସରକାର ଚାଷ ଓ ଚାଷୀଙ୍କ ସମସ୍ୟା ଦୂରୀକରଣ ପାଇଁ ଗତ ୮ ବର୍ଷରେ ବିଭିନ୍ନ ପ୍ରକାରର କୃଷିକଲ୍ୟାଣ ଯୋଜନା କାର୍ଯ୍ୟକାରି କରିଛନ୍ତି। ସର୍ବଭାରତୀୟ ସ୍ତରରେ ଚାଷୀର ଆୟ କ୍ରମାଗତ ଭାବେ ବୃଦ୍ଧି ପାଇ ୧୦ ହଜାର ହୋଇ ସାରିଥିବାବେଳେ ବିଜେଡି ସରକାର ଅମଳରେ ଓଡିଶାରେ ଚାଷୀଙ୍କ ଆୟ ମାତ୍ର ୫ ହଜାରରେ ସୀମିତ ହୋଇ ରହିଯାଇଛି ।ଏହି ଅବସରରେ ରାଜ୍ୟ ସମ୍ପାଦକ ଅମର ନାୟକ, ଶାରଦା ପ୍ରଧାନ, ସୁଶାନ୍ତ ମଲ୍ଲିକ, ବିଭୁଦତ ପଟ୍ଟନାୟକ, ବ୍ରଜେନ୍ଦ୍ର ରାୟ, ମହେଶ ମହାନ୍ତି, ଭୁବନମୋହନ ଜେନା, କସ୍ତୁରୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଅର୍ଚ୍ଚନା ନାଗ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଲା ବିଜେପି

**ଭୁବନେଶ୍ୱର,(ପିଏନ)**ସେକ୍ସ ସ୍କାଣ୍ଡାଲ ଅର୍ଚ୍ଚନା ନାଗ କେଳେଙ୍କାରୀ ସାମ୍ରାଜ୍ୟକୁ ନେଇ ଓଡ଼ିଶାର ରାଜ୍ୟ ରାଜନୀତି ବେଶ୍ ସରଗରମ। ଅର୍ଚ୍ଚନାର କଳାସାମ୍ରାଜ୍ୟ ପଛରେ ଓଡିଶାର ବଡ ବଡିଆ ବାବୁ, ମନ୍ତ୍ରୀ, ବିଧାୟକ, ରାଜନେତା, ବ୍ୟବସାୟୀ ଓ ପୋଲିସ ବିଭାଗର ବଡ ଅଧିକାରୀ ଲିପ୍ତ ରହିଥିବା ଗଣମାଧ୍ୟମରେ ପ୍ରକାଶ ପାଇଛି। ବିଧାନସଭାରେ ସେକ୍ସ ସ୍କାଣ୍ଡାଲ ଅର୍ଚ୍ଚନା ନାଗ ସମ୍ପର୍କରେ ଭାରତୀୟ ଜନତା ପାର୍ଟିର ବିଧାୟକ ତଥା ବିରୋଧୀ ଦଳର ମୁଖ୍ୟ ସଚେତକ ମୋହନ ଚରଣ ମାଝୀ ପ୍ରସଙ୍ଗ ଉଠାଇଥିବାରୁ ଶାସକ ଦଳର ମନ୍ତ୍ରୀମାନେ ବିରୋଧ କରିଥିଲେ। ଶ୍ରୀ ମାଝୀ କହିଛନ୍ତି ଯେ, ଶାସକ ଦଳର ମନ୍ତ୍ରୀ, ବିଧାୟକ ଓ ନେତାମାନେ ସମ୍ପୃକ୍ତ ଅଛନ୍ତି। ନାଗ ଦମ୍ପତିଙ୍କ ମେଲ ଆଇଡିରୁ ବିଜେଡିର ୬୪ଜଣ ନେତାଙ୍କ ଫଟୋ ସହ ୫ଟି ଡାଏରୀ, ୪ଟି ଲାପଟପ ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। କିନ୍ତୁ ପୋଲିସ ନାଗ ଦମ୍ପତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନନେଇ ତାଙ୍କୁ ଖସେଇ ଦେବାର ଉଦ୍ୟମ କରୁଛି। କିନ୍ତୁ ସେକ୍ସ ର୍‍ୟାକେଟର କଳାସାମ୍ରାଜ୍ୟକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ବାବୁ ଚୁପ୍ ରହିବା କେତେଦୂର ଉଚିତ ବୋଲି ଶ୍ରୀ ମାଝୀ ପ୍ରଶ୍ନ କରିଛନ୍ତି।

ଇଡିକୁ ରାଜ୍ୟ ପୋଲିସ ସହଯୋଗ କାହିଁକି କରୁନି। ଓଡ଼ିଶା ପୋଲିସ ଗୁଇନ୍ଦା ବିଭାଗ ମଉନ ବ୍ରତରେ ଶୋଇଥିଲେ କି ? ନାଗ ଦମ୍ପତିଙ୍କ ଘଟଣାରେ ଆରମ୍ଭରୁ ନିଜ ଅଧିକାରୀ ଓ ନେତାକୁ ରାଜ୍ୟ ସରକାର କାହିଁକି ଲୁଚାଇ ରଖିଛନ୍ତି। ଅର୍ଚ୍ଚନା ନାଗଙ୍କ ଘରେ ସରକାରୀ କାର୍ଯ୍ୟର ଟେଣ୍ଡର ଫିକ୍ସିଂ ଓ ଠିକାଦାରୀର ନିଷ୍ପତି ହେଉଥିଲା। ଯାହାକି ଅର୍ଚ୍ଚନା ନାଗ କଳାସାମ୍ରାଜ୍ୟ ପଛରେ ରାଜ୍ୟ ସରକାରଙ୍କ ସଂପୃକ୍ତି ଥିବା ପ୍ରମାଣ ହେଉଛି।

ସୂଚନାଥାଉ କି, ଅର୍ଚ୍ଚନା ନାଗଙ୍କ ସହଯୋଗୀ ଶ୍ରଦ୍ଧାଞ୍ଜଳି ମାମଲା ରୁଜୁ ବେଳେ ସମସ୍ତ ନାଁ ଉଲ୍ଲେଖ କରିଥିଲେ ବି କାହିଁକି ପୋଲିସ ଜଗବନ୍ଧୁଙ୍କୁ ସାମାନ୍ୟ ପଚରାଉଚରା କରି ଛାଡିଦେଲା ଏହାର ଜବାବ ରାଜ୍ୟ ସରକାର ଦିଅନ୍ତୁ ବୋଲି ଶ୍ରୀ ମାଝୀ କହିଛନ୍ତି। ରାଜ୍ୟ ସରକାରଙ୍କ ଗୁମର ଖୋଲିଯିବ ବୋଲି ପ୍ରଥମରୁ ଗିରଫ ନକରି ବହୁଦିନ ଧରି ଖୋଲା ଛାଡି ଦିଆଯାଇଥିଲା। ଯଦ୍ୱାରା ଘଟଣାର ପ୍ରମାଣ ନଷ୍ଟ କରିବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ଶାସକ ଦଳର ବିଧାୟକଙ୍କୁ ଇଡି ଡାକୁଥିବାବେଳେ ରାଜ୍ୟ ସରକାର ତାଙ୍କୁ ଘଂଟ ଘୋଡାଉଛନ୍ତି। ଇଡିକୁ ଯେଉଁଭଳି ଓଡ଼ିଶା ପୋଲିସ ସହଯୋଗ କରିବା କଥା ତାହା କରୁନାହିଁ। ତୃତୀୟ ମହଲାର ଇଙ୍ଗିତରେ ପୋଲିସ ଅପରାଧୀଙ୍କୁ ସୁରକ୍ଷା ଦେବାର ଅପଚେଷ୍ଟା କରୁଛି। ରାଜ୍ୟ ସରକାରଙ୍କର ମନ୍ତ୍ରୀ, ନେତା ଓ ବିଧାୟକ ସ୍ୱଚ୍ଛ ତାହାଲେ ମୁଖ୍ୟମନ୍ତ୍ରୀ ଗୃହକୁ ଆସି ଏହାର ଉତର ରଖିବାକୁ ଶ୍ରୀ ମାଝୀ ଦାବି କରିଛନ୍ତି।




ଭୁବନେଶ୍ୱର-ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ପକ୍ଷରୁ ବିଭିନ୍ନ ଦାବିରେ ପିଏମ୍‌ଜିରେ ବିଶାଳ ସମାବେଶ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ

# କୁଶଳୀ ଶିଳ୍ପୀମାନଙ୍କୁ ଦିଆଗଲା ଶିଳ୍ପଗୁରୁ ଓ ଜାତୀୟ ଶିଳ୍ପକାର ପୁରସ୍କାର



**ନୂଆଦିଲ୍ଲୀ/ଭୁବନେଶ୍ୱର,(ପିଏନ)-** ନୂଆଦିଲ୍ଲୀ ଠାରେ କୁଶଳୀ ଶିଳ୍ପକାରମାନଙ୍କୁ ଶିଳ୍ପଗୁରୁ ଏବଂ ଜାତୀୟ ଶିଳ୍ପକାର ପୁରସ୍କାର ପ୍ରଦାନ କରାଯାଇଛି । ୨୦୧୭, ୨୦୧୮ ଏବଂ ୨୦୧୯ ବର୍ଷ ପାଇଁ ୩୦ ଜଣଙ୍କୁ ଶିଳ୍ପ ଗୁରୁ ପୁରସ୍କାର ଏବଂ ୭୮ ଜଣଙ୍କୁ ଜାତୀୟ ଶିଳ୍ପକାର ପୁରସ୍କାର ଦିଆଯାଇଥିଲା। ଉପରାଷ୍ଟ୍ରପତି ଶ୍ରୀ ଜଗଦୀପ ଧନଖଡ଼ ଏହି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀ ପୀୟୂଷ ଗୋୟଲ ଅଧକ୍ଷତା କରିଥିଲେ। ହସ୍ତଶିଳ୍ପ କ୍ଷେତ୍ରରେ ଉତ୍କର୍ଷ ଏବଂ ଭାରତୀୟ ହସ୍ତଶିଳ୍ପ ଓ ବୟନଶିଳ୍ପ କ୍ଷେତ୍ରର ମୂଲ୍ୟବାନ ଯୋଗଦାନକୁ ମାନ୍ୟତା ଦେବା ଏହି ପୁରସ୍କାରର ଉଦ୍ଦେଶ୍ୟ।

ହସ୍ତଶିଳ୍ପ କ୍ଷେତ୍ରରେ ଉତ୍କୃଷ୍ଟ ସଫଳତା, ପ୍ରୋତ୍ସାହନ ଓ ପ୍ରଶିକ୍ଷଣ ପାଇଁ ବିଶିଷ୍ଟ ଶିଳ୍ପକାରମାନଙ୍କୁ ଶିଳ୍ପୀଗୁରୁ ପୁରସ୍କାର ପ୍ରଦାନ କରାଯାଇଛି । ଏହି ଶିଳ୍ପଗୁରୁମାନେ ଶିଳ୍ପକଳାର ପ୍ରସାର ଏବଂ ଅନ୍ୟ ଶିଳ୍ପୀମାନଙ୍କୁ ପ୍ରଶିକ୍ଷଣ ଦେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି । ଏମାନେ ଭାରତର ପାରମ୍ପରିକ ଐତିହ୍ୟକୁ ସୁରକ୍ଷିତ ଓ ସଂରକ୍ଷିତ ରଖିବା କ୍ଷେତ୍ରରେ ବିଶେଷ ଯୋଗଦାନ ଦେଇଛନ୍ତି । ପୁରସ୍କାର ସ୍ୱରୂପ ସେମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ରାଶି, ମାନପତ୍ର ପ୍ରଦାନ କରାଯାଇଛି । ୨୦୧୭, ୨୦୧୮ ଏବଂ ୨୦୧୯ ବର୍ଷ ପାଇଁ ୨୪ ଜଣ ପୁରୁଷ ଏବଂ ୬ ଜଣ ମହିଳା ଶିଳ୍ପକାରଙ୍କୁ ଶିଳ୍ପଗୁରୁ ପୁରସ୍କାର ଦିଆଯାଇଛି । ଜାତୀୟ ଶିଳ୍ପକାର ପୁରସ୍କାର ବିଭିନ୍ନ ପ୍ରକାରର ହସ୍ତଶିଳ୍ପ ବର୍ଗରେ ଉତ୍କୃଷ୍ଟ ଶିଳ୍ପକାରମାନଙ୍କୁ ୧୯୬୫ ମସିହା ଠାରୁ ପ୍ରଦାନ କରାଯାଇ ଆସୁଛି । ପୁରସ୍କାର ସ୍ୱରୂପ ଏମାନଙ୍କୁ ୧ ଲକ୍ଷ ଟଙ୍କା ଲେଖାଏଁ ଅର୍ଥରାଶି, ମାନପତ୍ର ପ୍ରଦାନ କରାଯାଇଛି।

ଓଡ଼ିଶାର ବିଜୟ କୁମାର ପରିଡ଼ାଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିଳ୍ପଗୁରୁ ପୁରସ୍କାରରେ ସମ୍ମାନିତ କରାଯାଇଛି । ତାଳପତ୍ରରେ ଖୋଦେଇ ଶିଳ୍ପକଳା ପାଇଁ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରୀ ପରିଡ଼ା ୨୦୧୮ ମସିହା ପାଇଁ ଶିଳ୍ପଗୁରୁ ପୁରସ୍କାର ପାଇଛନ୍ତି । ସମାନ ବର୍ଷ ପାଇଁ ଆଉ ଜଣେ ଓଡ଼ିଆ ଶିଳ୍ପୀ ମହେଶ୍ୱର ପରିଡ଼ାଙ୍କୁ ଶିଳ୍ପଗୁରୁ ପୁରସ୍କାର ପ୍ରଦାନ କରାଯାଇଛି । ପ୍ରସ୍ତର ଶିଳ୍ପର ବିକାଶ, ସଂରକ୍ଷଣ ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି ।

ଅନ୍ୟପକ୍ଷରେ ଓଡ଼ିଶାର ୧୩ଜଣ ଶିଳ୍ପକାରଙ୍କୁ ଜାତୀୟ କୁଶଳୀ ଶିଳ୍ପକାର ପୁରସ୍କାର ପ୍ରଦାନ କରାଯାଇଛି । ୨୦୧୭ ମସିହା ପାଇଁ ପ୍ରସ୍ତରଶିଳ୍ପୀ ରାକେଶ କୁମାର ମହାରଣା, ଚିତ୍ରକଳା ଶିଳ୍ପୀ ବିରଂଚି ନାରାୟଣ ବେହେରା, କାଇଁଚ ଶିଳ୍ପୀ ପ୍ରଦୀପ୍ତ କୁମାର ନାୟକ, ପଟ୍ଟଚିତ୍ର ଶିଳ୍ପୀ ସବିତା ମହାପାତ୍ର, ଟସର ଚିତ୍ରକଳା ଶିଳ୍ପୀ ସ୍ୱର୍ଣ୍ଣଲତା ମହାପାତ୍ର ସମ୍ମାନିତ ହୋଇଛନ୍ତି । ୨୦୧୮ ମସିହା ପାଇଁ ପ୍ରସ୍ତର ଶିଳ୍ପୀ ରଞ୍ଜନ ମହାରଣା, ତାଳପତ୍ର ଖୋଦେଇ ଶିଳ୍ପୀ ସନ୍ତୋଷ ସେନାପତି, ପଟ୍ଟଚିତ୍ର ଶିଳ୍ପୀ ସଂଘମିତ୍ରା ମହାରଣା, ଟସର ବୟନ ଶିଳ୍ପୀ ରାଜେନ୍ଦ୍ର କୁମାର ମେହେର, କାଇଁଚ ଶିଳ୍ପୀ କୁନି ପାତ୍ରଙ୍କୁ କୁଶଳୀ ଶିଳ୍ପକାର ପୁରସ୍କାର ମିଳିଛି । ୨୦୧୯ ମସିହା ପାଇଁ ପ୍ରସ୍ତର ଶିଳ୍ପୀ ସୁଶାନ୍ତ କୁମାର ଦାସ, ତାଳପତ୍ର ଖୋଦେଇ ଶିଳ୍ପୀ ବିଜୟଲକ୍ଷ୍ମୀ ସ୍ୱାଇଁ ଏବଂ ସ୍ୱପ୍ନାମଞ୍ଜରୀ ନାୟକଙ୍କୁ ଏହି ପୁରସ୍କାରରେ ସମ୍ମାନିତ କରାଯାଇଛି ।

# ସିଆଇଟିୟୁର ୧୫ଶ ରାଜ୍ୟ ସମ୍ମିଳନୀ ଉଦ୍‌ଘାଟିତ

**ଭୁବନେଶ୍ୱର, (ପିଏନ)-** କେନ୍ଦ୍ର ସରକାରଙ୍କ ରାଷ୍ଟ୍ରାୟତ ସମ୍ପତିକୁ ଆଦାନୀ ଓ ଆମ୍ବାନୀ ଭଳି ନିଜର କର୍ପୋରେଟ ମିତ୍ରମାନଙ୍କୁ ବିକ୍ରି କିରବା ଓ ମାଲିକମାନଙ୍କ ସପକ୍ଷରେ ଶ୍ରମ ଆଇନର ପରିବର୍ତନ ବିରୁଦ୍ଧରେ ବ୍ୟାପକ ଐକ୍ୟବଦ୍ଧ ଆନ୍ଦୋଳନ ଗଢିତୋଳିବା ପାଇଁ ସିଆଇଟିୟୁର ସର୍ବଭାରତୀୟ ସଭାନେତ୍ରୀ ଡଃ କେ ହେମଲତା ଆହ୍ୱାନ ଦେଇଛନ୍ତି। କସ୍ତୁରବା ନାରୀମହଲଠାରେ ଅନୁଷ୍ଠିତ ସାଥୀ ଶିବାଜୀ ପଟ୍ଟନାୟକ ନଗର ଓ ବନମାଳୀ ଧୂପାଳ ମଂଚରେ ଅନୁଷ୍ଠିତ ୧୫ଶ ରାଜ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ସେ ଏଥିପାଇଁ ସିଆଇଟିୟୁର ସଂଗଠନକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସାଥୀ ଜନାର୍ଦ୍ଦନ ପତି ଓ ସିଆଇଟିୟୁର ରାଜ୍ୟ ଉପସଭାପତି ମାନଙ୍କ ଦ୍ୱାରା ଗଠିତ ସଭାପତି ମଣ୍ଡଳୀ ସମ୍ମିଳନୀକୁ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ସିଆଇଟିୟୁର ପତାକା ଉତୋଳନ ହେବା ସହିତ ସହୀଦମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

ଏହି ସମୟ ମଧ୍ୟରେ ମୃତ୍ୟୁବରଣ କରିଥିବା ଶ୍ରମିକଶ୍ରେଣୀ ଓ ଗଣତାନ୍ତ୍ରିକ ଆନ୍ଦୋଳନର ନେତୃମାନଙ୍କ ପ୍ରତି ଶୋକ ପ୍ରସ୍ତାବ ଆଗତ କରାଯାଇଥିଲା। ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ସମସ୍ତ ନେତୃତ୍ୱ ଓ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ଶିଳ୍ପରୁ ଆସିଥିବା ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇଥିଲେ। ସାଧାରଣ ସମ୍ପାଦକ ସାଥୀ ବିଷ୍ଣୁ ମହାନ୍ତିଙ୍କ ରାଜନୈତିକ, ସାଂଗଠନିକ ଓ ବିଗତ ସମ୍ମିଳନୀ ଠାରୁ ଏପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଓ ଆନ୍ଦୋଳନରତ ରିପୋର୍ଟ ଉପସ୍ଥାପନ କରିଥିଲେ। ସମ୍ମିଳନୀ ଦ୍ୱିତୀୟ ଦିନର ପ୍ରତିନିଧି ଅଧିବେଶନରେ ଇସ୍ପାତ, ବିଦ୍ୟୁତ, ନାଲକୋ, ଏନ୍‌ଟିପିସି ଆଦି ସଂଗଠିତ ଶିଳ୍ପକୁ ଓ ଅସଂଗଠିତ ଶିଳ୍ପର ଠିକା ଶ୍ରମିକ ୟୁନିୟନ / ସ୍କିମ ଶ୍ରମିକ ୟୁନିୟନର ପ୍ରତିନିଧିମାନେ ସାଧାରଣ ସମ୍ପାଦକଙ୍କ ରିପୋର୍ଟ ଉପରେ ଆଲୋଚନା କରିଥିଲେ। ସମ୍ମିଳନୀରେ ସାମ୍ପ୍ରଦାୟିକ ବିଦ୍ୱେଷ ବିରୁଦ୍ଧରେ ବ୍ୟାପକ ପ୍ରଚାର ଅଭିଯାନ କରିବା, ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର କରିବା, ଦରବୃଦ୍ଧି ବନ୍ଦ କରିବା, ବେକାରୀ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟକାରୀ ପଦକ୍ଷେପ ସହିତ ନିଯୁକ୍ତି ସୁଯୋଗ ଦେବା, ଶ୍ରମିକ-କୃଷକମାନଙ୍କ ମିଳିତ ପାର୍ଲାମେଂଟ ଅଭିଯାନକୁ ସଫଳ କରିବା, ମହିଳାମାନଙ୍କୁ ସାମାଜିକ ନିରାପତା ଦେବା ଆଦି ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଜିଲ୍ଲା ଓ ୟୁନିୟନ ମାନଙ୍କରୁ ୫ ଶହରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେଇଛନ୍ତି। ଆସନ୍ତା ୨୯ ତାରିଖ ଶେଷ ଦିନରେ କେନ୍ଦ୍ର ସରକାରଙ୍କ କର୍ପୋରେଟ ସାମ୍ପ୍ରଦାୟିକ ଗଠବନ୍ଧନ ବିରୁଦ୍ଧରେ ବ୍ୟାପକ ଆନ୍ଦୋଳନ କରିବାକୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଜ୍ୟରେ ସମସ୍ତ ଅପହଂଚ ଶ୍ରମିକମାନଙ୍କ ପାଖରେ ପହଂଚିବା ଓ ସରକାରଙ୍କ ନୀତି ପଛରେ ନିହତ ରାଜନୀତିକୁ ଉନ୍ମୋଚିତ କରିବା ପାଇଁ ସିଆଇଟିୟୁ ସମ୍ମିଳନୀ ସ୍ଥିର କରିଛି। ଅପ୍ରେଲ ୫, ୨୦୨୩ରେ ପାର୍ଲାମେଂଟର ବଜେଟ ଅଧିବେଶନ ସମୟରେ ଶ୍ରମିକ-କୃଷକମାନଙ୍କ ଦିଲ୍ଲୀ ଅଭିଯାନ ପାଇଁ ଡ଼ାକରା ଦିଆଯାଇଛି।

# ଭିନ୍ନକ୍ଷମଙ୍କ ପ୍ରତି ରାଜ୍ୟ ସରକାରଙ୍କ ଦରଦ ନାହିଁ : କଂଗ୍ରେସ

**ଭୁବନେଶ୍ୱର,(ପିଏନ)-** ଲୋକଦେଖାଣିଆ ଏବଂ ପ୍ରଚାର କୈନ୍ଦ୍ରୀକ ଦରଦ ଦେଖାଇବା ପରିବର୍ତେ ସରକାର ଭିନ୍ନକ୍ଷମଙ୍କ ପ୍ରତି ନିଜର ଉତରଦାୟୀତ୍ୱ ପ୍ରଦର୍ଶନ କରନ୍ତୁ ବୋଲି କଂଗ୍ରେସ ଦାବି କରିଛି। ସୋମବାର କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିନଳୀରେ ପ୍ରଦେଶ କଂଗ୍ରେସ ଭିନ୍ନକ୍ଷମ ସେଲର ଅଧକ୍ଷ ଜିତେନ୍ଦ୍ର ବିଶ୍ୱାଳ ଭିନ୍ନକ୍ଷମଙ୍କ ପ୍ରତି କ୍ରମାଗତ ଛଳନା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟରେ କେବଳ ଛଳନା ଓ ବିଜ୍ଞାପନର ସରକାର ଚାଲିଛି ବୋଲି ଆରୋପ କରି ଶ୍ରୀ ବିଶ୍ୱାଳ କହିଥିଲେ ଯେ ରାଜ୍ୟରେ ଭିନ୍ନକ୍ଷମଙ୍କ ସଂଖ୍ୟା କେତେ ଅଛି ସରକାର ତାର ସଠିକ ଗଣନା ମଧ୍ୟ କରି ନାହାନ୍ତି ତଥା ସେଦିଗରେ କୌଣସି ତତ୍ପରତା ମଧ୍ୟ ପ୍ରକାଶ କରୁନାହାନ୍ତି। ଗତ ୯ ମାସ ଧରି ଭିନ୍ନକ୍ଷମ କମିଶନ ପଦବୀ ଖାଲି ପଡ଼ିଛି ଏବଂ ସରକାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଉନାହାନ୍ତି। ସେହିପରି ମହିଳା କମିଶନ କିମ୍ବା ଏସ୍.ସି କମିଶନର ଅଧକ୍ଷ ପଦରେ ଯେପରି ସେହି ବର୍ଗର ପ୍ରତିନିଧିଙ୍କୁ ପ୍ରାଥମିକତା ଦିଆଯାଏ ଭିନ୍ନକ୍ଷମ କମିଶନର ଅଧକ୍ଷ ପଦବୀରେ ପ୍ରତ୍ୟକ୍ଷ ଅନୁଭୂତି ଥିବା ଜଣେ ଭିନ୍ନକ୍ଷମଙ୍କୁ ଦିଆଯିବାକୁ ସେ ଦାବି କରିଥିଲେ। କେନ୍ଦ୍ରସରକାରଙ୍କ ଏଥିନେଇ ସ୍ୱତନ୍ତ୍ର ଓ ସ୍ପଷ୍ଟ ନିୟମାବଳୀ ଥିଲେ ମଧ୍ୟ ରାଜ୍ୟ ସରକାର ଏହାକୁ ଏକ ରାଜନୈତିକ ଥଇଥାନ କେନ୍ଦ୍ରରେ ପରିଣତ କରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଥିଲେ। ସେହିପରି ପଡ଼ୋଶୀ ଛତିଶଗଡ଼ ସରକାର ଭିନ୍ନକ୍ଷମ ମାନଙ୍କୁ ଦୁଇହଜାର ଟଙ୍କା ମାସିକ ଭତା ଦେଉଥିବା ବେଳେ ଏବଂ ଦିଲ୍ଲୀ, ହରିଆନା, ଅରୁଣାଚଳ ଓ ମିଜୋରାମ ଆଦି ସରକାର ଦୁଇହଜାର ଟଙ୍କା ଦେଉଛନ୍ତି। ଅଥଚ ଆମ ରାଜ୍ୟ ସରକାର ମାତ୍ର ୫୦୦ ଟଙ୍କା ଦେଇ ଦରଦ ପଣିଆର ମିଛ ନାଟକ କରୁଛନ୍ତି ବୋଲି କହିବା ସହ ଆମ ରାଜ୍ୟ ସରକାର ମଧ୍ୟ ସର୍ବନିମ୍ନ ୨୦୦୦ ଟଙ୍କା ମାସିକ ଭତା ପ୍ରଦାନ କରିବାକୁ ଦାବୀ କରିଥିଲେ। ଭିନ୍ନକ୍ଷମ ଛାତ୍ରଛାତ୍ରୀ ମାନଙ୍କୁ ପଢ଼ାଇବା ପାଇଁ ସ୍ୱତନ୍ତ୍ରକୋର୍ସ କରିଥିବା ତାଲିମପ୍ରାପ୍ତ ଶିକ୍ଷକମାନଙ୍କ ରାଜ୍ୟର ସ୍କୁଲ କଲେଜରେ ନିଯୁକ୍ତି ନଦେଇ ସେମାନଙ୍କ ସହ ରାଜ୍ୟ ସରକାର ଖେଳ ଖେଳୁଛନ୍ତି ବୋଲି ସେ କହିଥିଲେ। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବିଭାଗରେ ରିଲିଫ ଓ ଥଇଥାନ ନିୟମାବଳୀରେ ଭିନ୍ନକ୍ଷମଙ୍କ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବାରମ୍ବାର ଦାବି କରାଯିବା ପରେ ଦୁଇ ଦୁଇ ଥର ଏଥିନେଇ ବୈଠକ ହୋଇଥିଲେ ମଧ୍ୟ ୨୦୧୯ ମସିହା ପରଠାରୁ ଏହା କାର୍ଯ୍ୟକାରୀ ହୋଇନପାରିବା ନବୀନ ସରକାରଙ୍କର ଆନ୍ତରିକତାର ଅନ୍ତସାରଶୂନ୍ୟତାକୁ ହିଁ ପ୍ରମାଣିତ କରୁଛି ବୋଲି ଅଭିଯୋଗ କରିବା ସହ ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଗୁରୁତ୍ୱାରୋପ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ଅମିୟ ପାଣ୍ଡବ ଓ ସାଧାରଣ ସଂପାଦକ ବିସ୍ମୟ ମହାପାତ୍ର ଉପସ୍ଥିତ ଥିଲେ ଏବଂ ରାଜ୍ୟ ସରକାର ସ୍କୁଲପାଠ୍ୟକ୍ରମରେ ଭିନ୍ନକ୍ଷମଙ୍କ ପ୍ରତି ଆମ ସାମାଜିକ ଦାୟୀତ୍ୱ ଓ ଦୃଷ୍ଟିଭଙ୍ଗୀ ସଂପର୍କରେ ଖସଡ଼ା ଅର୍ନ୍ତଭୁକ୍ତ କରିବାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।




# ଦେଶର ସମ୍ବିଧାନ ଆମ ସମସ୍ତଙ୍କ ପାଇଁ ଏକ ଧର୍ମଗ୍ରନ୍ଥ

ରାଉରକେଲା (ପିଏନ୍): ଦେଶର ସମ୍ବିଧାନ ସମସ୍ତ ଭାରତୀୟଙ୍କ ପାଇଁ ଏକ ପବିତ୍ର ଧର୍ମଗ୍ରନ୍ଥ ସଦୃଶ । ତେଣୁ ଏହାର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ । ସମ୍ବିଧାନ ବାବଦରେ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ସାମ୍ବିଧାନିକ ମୂଲ୍ୟବୋଧର ବିଶେଷ ପ୍ରଚାର ପ୍ରସାର ପାଇଁ ସାମ୍ପ୍ରତିକ ସମୟରେ ଜରୁରୀ ଆବଶ୍ୟକତା ରହିଛି ବୋଲି ଆଜି ଜିଲ୍ଲା କଂଗ୍ରେସ ତରଫରୁ ସମ୍ବିଧାନ ଦିବସ ପାଳନ ଅବସରରେ ରାଜନୀତି ବିଜ୍ଞାନର ପୂର୍ବତନ ଅଧ୍ୟାପକ ପ୍ରଫେସର ଭବାନୀଚରଣ ଚାଣ୍ଡେଲ ମତପ୍ରକାଶ କରିଛନ୍ତି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ଅଖିଳ ଭାରତ କଂଗ୍ରେସ କମିଟିର ନିଷ୍ପତ୍ତି ତଥା ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ କଂଗ୍ରେସ ଭବନ ଠାରେ ସମ୍ବିଧାନ ଦିବସ ପାଳନ କରାଯାଇଥିଲା । ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଚାଣ୍ଡେଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦୁନିଆରେ ସମ୍ବିଧାନର ଉତ୍ପତି, ଭାରତରେ ସମ୍ବିଧାନର ପ୍ରଣୟନ ଓ ଏହି ସମ୍ବିଧାନର ପ୍ରସ୍ତୁତି ତଥା ଏହାର କାର୍ଯ୍ୟକାରିତା ସମ୍ପର୍କରେ ବିଶଦ୍ ସୂଚନା ଦେଇଥିଲେ । ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାର ଉପରେ ପ୍ରଫେସର ଚାଣ୍ଡେଲ ଆଲୋକପାତ କରି ଏହି ଅଧିକାରଗୁଡିକ ହାସଲ କରିବା ତଥା ନାଗରିକମାନଙ୍କର ସାମ୍ବିଧାନିକ କର୍ତ୍ତବ୍ୟ ଉପରେ ବିଶେଷ ଚର୍ଚ୍ଚା କରିଥିଲେ । ଦୁନିଆର ବିଭିନ୍ନ ଦେଶର ସମ୍ବିଧାନରୁ ଉପାଦେୟ ବିଷୟଗୁଡ଼ିକୁ ନେଇ ପ୍ରସ୍ତୁତ ହୋଇଥିବା ଭାରତର ସମ୍ବିଧାନ ଦୁନିଆର ସବୁଠାରୁ ବଡ ତଥା ଉତ୍କୃଷ୍ଟ ସମ୍ବିଧାନ ବୋଲି ପ୍ରଫେସର ଚାଣ୍ଡେଲ ଏହି ଅବସରରେ ପ୍ରକାଶ କରିଥିଲେ । ତେଣୁ ଆମ ସମ୍ବିଧାନ ପାଇଁ ଆଜି ଆମେ ସମସ୍ତ ନାଗରିକମାନେ ସୁଖଦ ଜୀବନଯାପନ କରୁଥିବା ସମ୍ଭବ ହେଉଥିବାରୁ ଆମେ ଆମର ସାମ୍ବିଧାନିକ ଦାୟିତ୍ୱ ସମାଜ ଓ ରାଷ୍ଟ୍ରପ୍ରତି ନିର୍ବାହ କରିବା ଉଚିତ୍ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ପ୍ରାରମ୍ଭରେ ସମ୍ବିଧାନ ପ୍ରଣେତା ଡ.ଭୀମରାଓ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଥିଲା । ଏହି ଅବସରରେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ବିଧାନ ପାଳନ ସମ୍ପର୍କରେ ସମ୍ୟକ ସୂଚନା ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଅନ୍ୟତମ ବରିଷ୍ଠ ସଦସ୍ୟ ଇନ୍ଦ୍ରମୋହନ ପଣ୍ଡା ସମ୍ବିଧାନ ପ୍ରଣେତା ବାବାସାହେବଙ୍କ ସମେତ ପୂର୍ବତନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ



ତଥା ସମ୍ବିଧାନ ପ୍ରଣୟନ ସଭାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦଙ୍କ ସ୍ମୃତିଚାରଣ କରି ସମ୍ବିଧାନ ପ୍ରଣୟନରେ ସେମାନଙ୍କର ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ସମ୍ପ୍ରତି ସମ୍ବିଧାନ ପ୍ରତି କ୍ଷମତାସୀନ ସରକାରଙ୍କ ତରଫରୁ ଯେଉଁ ସଂକଟ ସୃଷ୍ଟି କରାଯାଇଛି ସେ ପରିପ୍ରେକ୍ଷୀରେ ସମ୍ବିଧାନ ଦିବସ ପାଳନର ଆବଶ୍ୟକତା ଉପରେ ଆଲୋକପାତ କରି କାର୍ଯ୍ୟକ୍ରମର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅ'ରୀଣ ସଭାପତି ଶ୍ରୀ ବିହାରୀ ସମ୍ବିଧାନର ପ୍ରସ୍ତାବନା ପାଠ କରି ଉପସ୍ଥିତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲିର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସଭ୍ୟ ପ୍ରଭାତୀ ମିଶ୍ର ଓ ରାଜେଶ ଟପ୍ପୋ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ଛାତ୍ର କଂଗ୍ରେସ ସଭାପତି ସୂର୍ଯ୍ୟକାନ୍ତ ବାରିକ, ଜିଲ୍ଲା କଂଗ୍ରେସ ଉପସଭାପତି ଉମେଶ ଶରଣ, ଓବିସିର ରାଷ୍ଟ୍ରୀୟ ସଂଯୋଜକ କୈଳାସ ସାହୁ, ପିସିସିର ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ଲିଗାଲ ସେଲ୍ ଅଧ୍ୟକ୍ଷ ବିସ୍ମୟ ଦାସ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇଜାଜ ଅଖତର, ମହିଳା ରାଜ୍ୟ ସମ୍ପାଦିକା କଲ୍ୟାଣୀ ପୂର୍ତ୍ତି, ଜିଲ୍ଲା କଂଗ୍ରେସର ସମ୍ପାଦିକା ପ୍ରତିମା ପାଣିଗ୍ରାହୀ, ସୁନୀଲ ସିଂହ, ଭାସ୍କର ଖିଲ୍ଲାର, ତାହିର ହୁସେନ, ରୁକସାନା ବେଗମ, ବି.ଏନ୍. ମହାନ୍ତି, ଲୋକନାଥ ଭୂମିଜ, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ରାଜେନ୍ଦ୍ର ରଜାକ, ସେବାଦଳର ବୁଲୁ ଦାସ, ଇଂ. ଶିବୁ ଓରାମ, ଇଂ. ବିଶ୍ୱରଂଜନ ରାଉତ, ପ୍ରଦୀପ ପାଶଓ୍ୱାନ, ଦିଲ୍ଲୀପ ଜେନା, ନିର୍ମଳା ଖେସ, ରିଙ୍କୁ କଲାଲ, ଜିତେନ ମାଛଖଣ୍ଡିଆ, ଧନୟ ମୁଣ୍ଡା, ପପୁ ଖାନ, ରେହେମାନ ଖାନ, ଝୁନୁ ପଟ୍ଟନାୟକ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଦାର୍ଶନିକ ବଳଦେବ ବିଦ୍ୟାଭୂଷଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳିତ

ବାଲେଶ୍ୱର (ପିଏନ୍)- ଓଡ଼ିଶା ସାହିତ୍ୟ ଏକାଡ଼େମୀ ଓ ରେମୁଣା ସାହିତ୍ୟ ସଂସଦ ମିଳିତ ସହଯୋଗରେ ଦାର୍ଶନିକ ଭାଷ୍ୟକାର ଶ୍ରୀପାଦ ବଳଦେବ ବିଦ୍ୟାଭୂଷଣଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସ୍ଥାନୀୟ ହନୁମାନ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଶ୍ରୀପାଦ ବିଦ୍ୟାଭୂଷଣଙ୍କ ଅମରକୃତି ଗ୍ରନ୍ଥକାରରେ ସଂକଳିତ ହେଲେ ତାଙ୍କ ବହୁ ଅନାଲୋଚିତ ଦିଗ ଉନ୍ମୋଚିତ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି ଭରତ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ, ଅବସରପ୍ରାପ୍ତ ଅଧ୍ୟାପକ ଡ. ଭାଗବତ ବେହେରା, ସମ୍ମାନୀୟ ଅତିଥି କବି କାଳୀପଦ ପଣ୍ଡା, ସରୋଜ କୁମାର ବେହେରା, ଡ. ସତ୍ୟରଞ୍ଜନ ଦାସ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ପଣ୍ଡିତ ନିରଞ୍ଜନ ସାହୁ, ଗବେଷକ ହରେକୃଷ୍ଣ ଗିରି, ଗୀତିକାର ରବିନ୍ଦ୍ର କୁମାର ବିଶ୍ୱାଳ ଯୋଗଦେଇ ବିଶ୍ୱବିଶ୍ରୁତ ଭାଷ୍ୟକାରଙ୍କର ଭାଷ୍ୟର ଉପଦେୟତା ସମ୍ପର୍କରେ ପ୍ରତିଯୋଗିତା କରିଥିଲେ। ସଂପାଦକ ଡଃ ଭାଗବତ ପ୍ରସାଦ ଦାସ ସ୍ୱାଗତ ଭାଷଣ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ। ନାଟ୍ୟକାର ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ, କବି ସତ୍ୟଭାମା ମୁଦୁଲି ଅତିଥି ପରିଚୟ, କବି ଶକ୍ତିପଦ ପଣ୍ଡା ମଙ୍ଗଳାଷ୍ଟକ ପାଠ, ମହାବୀର ଆବାସୀକ ବିଦ୍ୟାଳୟର ଛାତ୍ରୀବୃନ୍ଦ ସ୍ୱାଗତ ନୃତ୍ୟ ଓ ବିକର୍ତ୍ତନ ନାୟକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। କୁନି ସଂଯୋଜିକା ଇପ୍ସିତା ସ୍ୱାଇଁ ରେମୁଣା ମାଟିର ଗର୍ବ ବଳଦେବ ବିଦ୍ୟାଭୂଷଣଙ୍କ ବିଷୟରେ ସଂକ୍ଷିପ୍ତ ବିବରଣୀ ରଖିଥିଲେ। ସାହିତ୍ୟକ କବି ଚକ୍ରଧର ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଅଜିତ ପଣ୍ଡା ମାନପତ୍ର ପାଠ କରିଥିଲେ। ବଳଦେବଙ୍କ ଉପରେ ହୋଇଥିବା ବକ୍ତୃତା ପ୍ରତିଯୋଗିତାରେ ଯୁଗଳ କିଶୋର ମଲ୍ଲିକ ରେମୁଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଥମ, ବେଦାନ୍ତ କୁମାର ଗିରି ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଦ୍ୱିତୀୟ, ଶୁଭଲକ୍ଷ୍ମୀ ପଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ରେମୁଣା ତୃତୀୟ ଓ ବୈଷ୍ଣବୀ ପଲେଇଙ୍କୁ ସ୍ୱତନ୍ତ୍ର ପୁରସ୍କାର ଦିଆଯାଇଥିଲା। ବ୍ୟଙ୍ଗ କବି ପ୍ରଭାକର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦୁଷ୍ମନ୍ତ କୁମାର ଦାସ, ରମେଶ ଚନ୍ଦ୍ର ମହାରଣା, ମିନତୀ ପାତ୍ର, ଗୋବିନ୍ଦ୍ର ଚନ୍ଦ୍ର ପାଢ଼ୀ, କରୁଣାକର ଖଟୁଆ, ଜୟଶ୍ରୀ ମିଶ୍ର, ମଧୁସୂଦନ ମାଝୀ, ଯୋଗେଶ ଚନ୍ଦ୍ର ବେହେରା, ସରୋଜ ପତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବାଲେଶ୍ୱର ଆଇଟିଆଇ ପଡ଼ିଆରେ ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ



ବାଲେଶ୍ୱର (ପିଏନ୍)- ବାଲେଶ୍ୱର ଆଇଟିଆଇ ପଡ଼ିଆରେ ୨୦୨୨ର ପ୍ରଥମ ଗାନ୍ଧୀ ଶିଳ୍ପ ବଜାର ଏବଂ ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିଲା। ଏହି ଗାନ୍ଧୀ ଶିଳ୍ପ ବଜାର ନଭେମ୍ବର ୧୮ରୁ ଆରମ୍ଭ ହୋଇଥିଲା ବେଳେ ୨୭ ନଭେମ୍ବର ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଜାତୀୟ ସ୍ତରର ହସ୍ତଶିଳ୍ପ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ପ୍ରଦର୍ଶନୀ ଓ ବିକ୍ରୟର ବ୍ୟବସ୍ଥା କରାଯାଇଥିଲା। ଏହି ଗାନ୍ଧୀ ସ୍ମୃତି ବଜାରକୁ କମିଟିର ସଭାପତି ସତ୍ୟନାରାୟଣ ସିଂହ ସାମନ୍ତ ଏବଂ ସଂପାଦକ ଅନୀଲ କୁମାର ମିଶ୍ର ପରିଚାଳନା କରିଥିଲେ।

# ନାକଚେଣୀ ପୀଠରେ ଅଖଣ୍ଡ ନାମଯଜ୍ଞ ଓ ପଞ୍ଚସଖା ଯଜ୍ଞ



କଟକ (ପିଏନ୍): ଜଗତସିଂହପୁର ବାଲିକୁଦା ଅନ୍ତର୍ଗତ ଅଚ୍ୟୁତପୁରର ନାକଚେଣୀ ପୀଠରେ ଅଖଣ୍ଡ ନାମଯଜ୍ଞ ଓ ପଞ୍ଚସଖା ଯଜ୍ଞ ତ୍ରିଦିବସ ବ୍ୟାପୀ ଆଧ୍ୟାତ୍ମିକ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତା ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମରେ ନାମଯଜ୍ଞ କଳସ ଅଧିବାସ, ସୂର୍ଯ୍ୟପୂଜା, ଗ୍ରାମଦେବତୀ ପୂଜା ଓ ଅହୋରାତ୍ର ଅଖଣ୍ଡ ନାମ ସଂକୀର୍ତ୍ତନ ସହ ପ୍ରସାଦ ସେବନର ବ୍ୟବସ୍ଥା ରହିଥିଲା। କାର୍ଯ୍ୟକ୍ରମକୁ ପ୍ରମୋଦ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ସୁଶିଆ ସ୍ୱାଇଁ, ସୁକାନ୍ତ ଦାସ, ବିପିନ ଓଝା, ସନତ କୁମାର ଓଝା, ଆଲୋକ କୁମାର ଓଝା, କାଳନ୍ଦୀ ଲେଙ୍କା, ସୋନୁ ଲେଙ୍କା, ଚନ୍ଦନ ସ୍ୱାଇଁ, ବସନ୍ତ ନାୟକ, କୈଳାସ ନାୟକ, ଦିଲ୍ଲୀପ ଦାସ, ସୁଜନା ଦାସ ପ୍ରମୁଖ ପରିଚାଳନା କରିଥିଲା। ଦଶ ମଣ୍ଡଳ ନାମ ସଂକୀର୍ତ୍ତନ ଗୋଷ୍ଠୀ ଯୋଗ ଦେଇଥିବା ବେଳେ ଦୁଇ ହଜାରରୁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ଗ୍ରାମବାସୀଙ୍କ ଉଦ୍‌ଯାପନୀ ଦିବସରେ ପ୍ରସାଦ ବ୍ୟବସ୍ଥା ହୋଇଥିଲା। ଏହି ଅବସରରେ କଟକ ଧବଳେଶ୍ୱର ଗଡ଼ାର ଭାଗବତ ଗାଦି, ଗାଦିବ୍ରହ୍ମ ଓ ଚମ୍ପାନାରାୟଣ ଚାରିଟେବଲ ଟ୍ରଷ୍ଟର ଆବାହକ ସମାଜସେବୀ ତ୍ରିନାଥ ଓଝା ଓ ମହିଳା ଶାଖାର ସଭାନେତ୍ରୀ ହେନାରାଣୀ ଓଝା ସମବେତ ଭକ୍ତ ମଣ୍ଡଳୀ ଓ ଓଡ଼ିଶାବାସୀଙ୍କ ଆଧ୍ୟାତ୍ମିକ ଜାଗରଣ ପାଇଁ ପ୍ରାର୍ଥନା ପୂର୍ବକ କୃତଜ୍ଞତା ଜ୍ଞାପନ କରିଥିଲେ।

# ବ୍ରହ୍ମପୁରରୁ ଓଡ଼ିଶା ବଞ୍ଚାଅ ଅଭିଯାନର ବିଗୁଲ ବାଜିଲା



ବ୍ରହ୍ମପୁର (ପିଏନ୍)–ଆମ ପ୍ରିୟ ଜନ୍ମଭୂମି ଭାରତବର୍ଷ ସ୍ୱାଧୀନତାର ୭୫ବର୍ଷ ପରେ ସାମାଜିକ, ଅର୍ଥନୈତିକ, ରାଜନୈତିକ ଓ ସାଂସ୍କୃତିକ କ୍ଷେତ୍ରରେ ଘୋର ସଙ୍କଟର ସମ୍ମୁଖୀନ ହୋଇଛି। ସ୍ୱାଧୀନୋତ୍ତର ଭାରତରେ ଯାହା ଘଟି ନ ଥିଲା, ତାହା ଘଟୁଛି। ବିବିଧତା ଭିତରେ ଏକତା ବିପଦଗ୍ରସ୍ତ ହୋଇଛି। ସମ୍ବିଧାନ ଓ ସମ୍ବିଧାନିକ ସଂସ୍ଥା ଉପରେ ବିଜେପି ଓ ଆରଏସଏସର ଘନ ଘନ ଆକ୍ରମଣ ଜାରି ରହିଛି। ବିଜେପି-ଆରଏସ୍‌ଏସ୍‌ର ସରକାର ଭାରତକୁ ଏକ ଦେଶ ଏକ ଭାଷା, ଏକ ଧର୍ମରେ ପରିଣତ କରିବା ପଛରେ ଦେଶକୁ ଫାସୀବାଦୀ ଢାଞ୍ଚାରେ ପରିଣତ କରିବା ଷଡ଼ଯନ୍ତ୍ର ସ୍ପଷ୍ଟ। ଏହି ଶେଷ ଲକ୍ଷ୍ୟକୁ ହାସଲ କରିବା ପାଇଁ ସମସ୍ତ ପଦକ୍ଷେପ ସେମାନେ ଗ୍ରହଣ କରୁଛନ୍ତି। ଆମ ଦେଶରେ ସିବିଆଇ, ନିର୍ବାଚନ କମିଶନ ଓ ଇଡ଼ି ଆଦି ଭଳି ସମସ୍ତ ସାମ୍ବିଧାନିକ ସଂସ୍ଥାକୁ ଅକ୍ତିଆର କରିବା ସଙ୍ଗେ ସଙ୍ଗେ ଦେଶର ବିଚାର ବ୍ୟବସ୍ଥାକୁ ନିଜ ଇଙ୍ଗିତରେ ପରିଚାଳନା କରାଯାଉଛି। ୩୭୦ ଧାରାର ଉଚ୍ଛେଦ, ସମାନ ନାଗରିକ ସଂହିତା ପ୍ରଣୟନ ସହିତ ସମସ୍ତ ରାଜ୍ୟରେ ଯେକୌଣସିମତେ ସରକାର ପ୍ରତିଷ୍ଠା କରିବାର ରାଜନୈତିକ କୌଶଳରେ ବିଜେପି ଅଛି। ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ର ଓ ପେଟ୍ରୋଲ, ଡିଜେଲର ଆକାଶଛୁଆଁ ଦରବୃଦ୍ଧିଠାରୁ ଆରମ୍ଭ କରି ଜନଜୀବନରେ ଦେଖାଦେଇଥିବା ଦୁର୍ବିସହ ସମସ୍ୟାଗୁଡ଼ିକରୁ ଦୃଷ୍ଟି ହଟାଇବା ପାଇଁ କେନ୍ଦ୍ର ସରକାର ବିଭିନ୍ନ ରାଜନୈତିକ ନାଟକ ଓ ହଟଚମଟ ସୃଷ୍ଟି କରୁଛନ୍ତି। ବିରୋଧୀ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରୁଛନ୍ତି ଏବଂ ବିଜେପି-ଆରଏସଏସ ବିରୋଧୀ ବୁଦ୍ଧିଜୀବୀ ଏବଂ ଶକ୍ତିବର୍ଗ ପ୍ରତିବାଦ କଲେ ଦେଶଦ୍ରୋହ ଆଖ୍ୟାରେ ଆଖ୍ୟାୟିତ କରୁଛନ୍ତି। ୟୁଏପିଏ ଭଳି ଅତ୍ୟନ୍ତ ନିର୍ମମ, ଅଗଣତାନ୍ତ୍ରିକ କଳା ଆଇନକୁ ସମାଲୋଚନା ଏବଂ ବିରୋଧୀ ଭିନ୍ନ ମତ ପୋଷଣ କରୁଥିବା ଶକ୍ତିମାନଙ୍କ ବିରୁଦ୍ଧରେ ବ୍ୟବହାର କରି ବର୍ଷ ବର୍ଷ ଧରି ଜେଲ୍‌ରେ ରଖାଯାଉଛି। ସାଇବାବାଙ୍କ ଭଳି ଭୀଷଣ ରୋଗଗ୍ରସ୍ତ ବୁଦ୍ଧିଜୀବୀଙ୍କ ଦୀର୍ଘବର୍ଷର ଜେଲ୍ ଏହାର ପ୍ରମାଣ। କେନ୍ଦ୍ର ସରକାରଙ୍କର ଏହି ଦେଶ ଓ ସମ୍ବିଧାନ ବିରୋଧୀ ପଦକ୍ଷେପଗୁଡ଼ିକର ଜବାବ ଦେବା ପାଇଁ ଏବଂ ଶାନ୍ତିପ୍ରିୟ ଓଡ଼ିଶାକୁ ବିଜେପି ମୁକ୍ତ ଓଡ଼ିଶା କରିବା ପାଇଁ ବିଭିନ୍ନ ପଦକ୍ଷେପ "ଓଡ଼ିଶା ବଞ୍ଚାଅ ଅଭିଯାନ" ଆସନ୍ତା ଦିନରେ ଗ୍ରହଣ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

କେନ୍ଦ୍ର ସରକାରଙ୍କର ସମସ୍ତ ଜନବିରୋଧୀ ପଦକ୍ଷେପକୁ ସମର୍ଥନ କରି ଗତ ୨୨ବର୍ଷ ଧରି ଓଡ଼ିଶାକୁ ଲଗାତର ଶାସନ କରୁଥିବା ବିଜେଡି ସରକାର ସେହି ସମାନ ମୁଦ୍ରାର ଆଉ ଗୋଟିଏ ପାର୍ଶ୍ୱ ହୋଇଯାଇଛନ୍ତି। ପାର୍ଲାମେଣ୍ଟରେ ସମସ୍ତ ବିଲ୍‌କୁ ସମର୍ଥନ ଓ ବିଭିନ୍ନ ସାମ୍ବିଧାନିକ ନିର୍ବାଚନରେ ବିଜେପିକୁ ସମର୍ଥନ ଦେଇ ବିଜେଡି ବିଜେପିର ବି ଟିମ୍ ହେବାର ଦୃଷ୍ଟାନ୍ତ ସୃଷ୍ଟି କରିଛି। କେନ୍ଦ୍ରରେ ବିଜେପି ଓ ରାଜ୍ୟରେ ବିଜେଡି: ଏହି ରାଜନୈତିକ କୌଶଳରେ ଦୁଇ ଦଳ ଅଛନ୍ତି। ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତାର ନାଁ ଆଉ ବିଜେଡି ଧରୁନାହିଁ। ଗତ ୨୨ ବର୍ଷ ଭିତରେ ରାଜ୍ୟରେ ଛୁଞ୍ଚି କାରଖାନାଟିଏ ବି ହୋଇପାରିଲା ନାହିଁ। ହଜାର ହଜାର ଏକର ଜମି ଅଧିଗ୍ରହଣ ହୋଇ ଖାଲି ପଡ଼ିରହିଛି। ଚାଷ ପ୍ରତି ନଜର ନାହିଁ କି ନିଘା ନାହିଁ। ଜଳସେଚନ ଅବସ୍ଥା କହିଲେ ନ ସରେ। କର୍ମନିଯୁକ୍ତି ନଥିବା ଫଳରେ ଦାଦନ ଗମନରେ ରାଜ୍ୟ ଏକନମ୍ବର। ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା ଗଞ୍ଜାମ ଏଥିରେ ସର୍ବାଗ୍ରେ। ବେକାରଙ୍କ ସଂଖ୍ୟା ହୁ ହୁ ହୋଇ ବଢୁଛି। ରାଜ୍ୟରେ ଖାଲି ଥିବା ୨ଲକ୍ଷରୁ ଅଧିକ ସରକାରୀ ପଦବୀ ପୂରଣ କରାଯାଉନାହିଁ। ରାଜ୍ୟର ବିକାଶ ଅର୍ଥ ବିଜେଡି ଦଳର ପାଣ୍ଠିର ବିକାଶ ଓ ବିଜେଡି ନେତାମାନଙ୍କ ଆର୍ଥିକ ବିକାଶ। ଚାଷୀ ଆତ୍ମହତ୍ୟାରେ ରାଜ୍ୟ ରେକର୍ଡ କଲାଣି। ପେଟ୍ରୋଲ, ଡିଜେଲ ଦର ବୃଦ୍ଧି କଥା କହିଲେ ରାଜ୍ୟ ଓ କେନ୍ଦ୍ର ଦୋଷ ଲଦାଲଦି ହେଉଛନ୍ତି। ରାଜ୍ୟରେ ନାବାଳିକାଟିଏ ମଧ୍ୟ ସୁରକ୍ଷିତ ମଣୁନି। ପ୍ରାକୃତିକ ସମ୍ପଦରେ ଭରପୁର ଓଡ଼ିଶାର ଜନଗଣ ଅକଥନୀୟ ଦୁର୍ବିସହ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଏହାର ଫାଇଦା ଉଠାଇ ବିଜେଡି ବିରାମ ବିହୀନ ଶାସନ କରିଚାଲିଛି। ତା'ର ମୁଖ୍ୟ କାରଣ ମିଳିତ ବିରୋଧିଦଳମାନଙ୍କର ବିରୋଧୀ ଆୱାଜର ଅଭାବ।

"ଓଡ଼ିଶା ବଞ୍ଚାଅ ଅଭିଯାନ" ରାଜ୍ୟର ଶିଳ୍ପ ଓ କୃଷିର ସନ୍ତୁଳିତ ବିକାଶ ପାଇଁ, ବେକାରୀ ଦୂର ପାଇଁ ବିକଳ୍ପ ନିଯୁକ୍ତି ନୀତି, କୃଷିପ୍ରଧାନ ଆମ ରାଜ୍ୟରେ ଚାଷର ବିକାଶ ପାଇଁ ଯୋଜନାବଦ୍ଧ ଆଗୁଆ ପଦକ୍ଷେପ, ରାଜ୍ୟର ପଛୁଆ ଓ ସିଡ୍ୟୁଲଡ୍ ଅଞ୍ଚଳର ଉତ୍ଥାନ ପାଇଁ ନିର୍ଦ୍ଦିଷ୍ଟ ଅର୍ଥନୈତିକ ପଦକ୍ଷେପ ଓ ତା'ର ଆକ୍ଷରିକ କାର୍ଯ୍ୟକାରିତା, ମାଛ, ଦୁଗ୍ଧ ଓ ପଶୁପକ୍ଷୀ ଫାର୍ମ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦାବି ସହିତ ରାଜ୍ୟ ସାରା ଏକ ବିକଳ୍ପ ବିକାଶର ଅଭିଯାନ ଆରମ୍ଭ କରିବା ପାଇଁ "ଓଡ଼ିଶା ବଞ୍ଚାଅ ଅଭିଯାନ" ଗଠିତ ହୋଇଛି। ସମତାକ୍ରାନ୍ତି ଦଳ, ସିପିଆଇ, ସିପିଆଇ(ଏମ୍), ସିପିଆଇ (ଏମଏଲ) ଲିବରେସନ, ଫରଓ୍ୱାର୍ଡ ବ୍ଲକ, ସମାଜବାଦୀ ପାର୍ଟି, ରାଷ୍ଟ୍ରବାଦୀ କଂଗ୍ରେସ ଦଳ, ଆରଜେଡି, ଜେଡିୟୁ ଓ ଆରପିଆଇ ପ୍ରଭୃତି ଦଳମାନେ ନଭେମ୍ବର ୧୯ ତାରିଖରେ ପ୍ରଥମ ପଦକ୍ଷେପରେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁରଠାରେ ଜିଲ୍ଲାସ୍ତରୀୟ ସମାବେଶ ଜରିଆରେ ଜନସମ୍ପର୍କ ଅଭିଯାନ ଆରମ୍ଭକରି ଓଡ଼ିଶା ବଞ୍ଚାଅ ଅଭିଯାନର ବିଗୁଲ ବଜାଇଛନ୍ତି। ଏହାପରେ ଅନ୍ୟ ଜିଲ୍ଲାମାନଙ୍କରେ ତାକୁ ବ୍ୟାପକ କରାଯିବ। ଡିସେମ୍ବର ମାସରେ ଭୁବନେଶ୍ୱରଠାରେ ଏକ ରାଜ୍ୟସ୍ତରୀୟ ଗଣ କନ୍‌ଭେନସନ ଆୟୋଜନ କରାଯିବା ପାଇଁ କନ୍‌ଭେନ୍‌ସନରେ ଘୋଷଣା ପ୍ରକାଶ କରାଯାଇଛି।

# ବିଶିଷ୍ଟ ଗବେଷକ ଡଃ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଶୋକ



ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଯାଜପୁର ଜିଲ୍ଲା ବିରଜା ଐତିହ୍ୟ, ସଂସ୍କୃତି ଓ ପ୍ରାଚୀନ ପରମ୍ପରାର ଗବେଷକ ସୁସାହିତ୍ୟିକ ଏକାଦଶୀ ପାଢ଼ୀଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରାଯାଇଛି। ସ୍ୱର୍ଗତ ପାଢ଼ୀ ଅନନ୍ୟା ସାହିତ୍ୟ ସଂସଦ ତଥା ରାଜ୍ୟସ୍ତରୀୟ ଯାଜପୁରର ପୁସ୍ତକ ମେଳାର ଆଜୀବନ ବରିଷ୍ଠ ଉପଦେଷ୍ଟା ଭାବରେ ସବୁବେଳେ ସୁଚିନ୍ତିତ ପରାମର୍ଶ ଦେଉଥିଲେ। ସେ ଜଣେ ବାଗ୍ମୀ, ବିଶିଷ୍ଟ ଲେଖକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁରାତନ ସଂସ୍କୃତିର ଜଣେ ସକ୍ରିୟ ଗବେଷକ ଓ ମୂର୍ତ୍ତିତତ୍ତ୍ୱର ବିଶ୍ଲେଷକ ଭାବରେ ଯାଜପୁର ଜିଲ୍ଲା ଏବଂ ଓଡ଼ିଶାର ବହୁ ସାମାଜିକ ସାହିତ୍ୟିକ ଓ ସାଂସ୍କୃତିକ ମଞ୍ଚରେ ତାଙ୍କର ଓଜସ୍ୱନୀ ବକ୍ତୃତା ମାଧ୍ୟମରେ ପ୍ରତିପାଦନ କରି ଯାଇଛନ୍ତି। ତାଙ୍କର ବିୟୋଗରେ ଯାଜପୁରର ସଂସ୍କୃତି, କଳା, ଐତିହ୍ୟ ଓ ସାରସ୍ୱତ ଗବେଷଣା କ୍ଷେତ୍ରରେ ଅପୂରଣୀୟ ସ୍ଥାନ ସୃଷ୍ଟି ହେଲା। ସେ ଯାଜପୁର ଜିଲ୍ଲା ସଂସ୍କୃତି ପରିଷଦର ଜଣେ ସକ୍ରିୟ ସଦସ୍ୟ ଥିଲେ। ବିରଜା ମନ୍ଦିର ପଣ୍ଡିତ ସଭାର ସେ ଜଣେ ବିଶିଷ୍ଟ ସଦସ୍ୟ ଭାବରେ ବିରଜା ପଞ୍ଜିକାର ପ୍ରକାଶନ ଓ ବିରଜା ମନ୍ଦିରର ନୀତିକାନ୍ତି, କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଥିଲେ। ତାଙ୍କର ବିୟୋଗରେ ଅନନ୍ୟାର ସଭାପତି ସନ୍ତୋଷ କୁମାର ନନ୍ଦ, ସଂମ୍ପାଦକ କାହ୍ନୁ ଚରଣ ମିଶ୍ର, ଉପସଭାପତି ବିଭୂତି ଭୂଷଣ ମହାପାତ୍ର, ସଂଗଠକ ସମ୍ପାଦକ ହୃଷିକେଶ ପତି, ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ, ଅଧ୍ୟାପକ ପୂର୍ଣ୍ଣ ଚନ୍ଦ୍ର ସାମଲ, ପ୍ରାକ୍ତନ ଅଧ୍ୟକ୍ଷ ଉଦୟ ନାରାୟଣ ପରିଡ଼ା, ଅଧ୍ୟକ୍ଷ ଅନୀଲ କୁମାର ମହାନ୍ତି, ଅଧ୍ୟକ୍ଷ ଅଶୋକ କୁମାର ଦାଶ, ଡଃ ଜ୍ଞାନ ରଂଜନ ପତି, ଶିକ୍ଷାବିତ ଦଶରଥ ସାମଲ, ଶିକ୍ଷାବିତ ପ୍ରଫୁଲ୍ଲ ସାମଲ, କବି ଗିରିଧାରୀ ସ୍ୱାଇଁ, ଅଧ୍ୟାପକ ବଳରାମ ମହାନ୍ତି, ଅଧ୍ୟକ୍ଷ ବିନୋଦ ବିହାରୀ ନାୟକ, ଅଧ୍ୟାପକ ମଳୟ କୁମାର ଜେନା, ଅଧ୍ୟାପକ ସୁଧାଂଶୁ ରଥ, ଆଡଭୋକେଟ ସମରେନ୍ଦ୍ର ଦାସ, ଆଡଭୋକେଟ୍ ମନୋଜ ନାଥ, କବି ଅଖିଳ ମୋହନ ଦାଶ, କବି ଜିତେନ୍ଦ୍ର ବେହେରା, କବି ବିଷ୍ଣୁ ମୋହନ ଦଳାଇ, ବ୍ୟଙ୍ଗ କବି ଓମ୍ ପଣ୍ଡା, ବ୍ୟଙ୍ଗ କବି ବାଇଧର ମାଝୀ, ଚିରନ୍ତନୀ ସାଂପାଦକ ସଂଯୁକ୍ତା ମହାପାତ୍ର, କବୟତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ, ପ୍ରଭାକର ମିଶ୍ର, ଶ୍ରୀନିବାସ ମହାନ୍ତି, ମନ୍ମଥ ରାୟ, ଅଧ୍ୟାପିକା ବିଜୟ ଲକ୍ଷ୍ମୀ ଜେନା, ଅଧିକାରୀ ନବକିଶୋର ଦାସ, ନିର୍ମଳା ବାଳା ମିଶ୍ର, ରବି ଶତପଥି, ଆଦିତ୍ୟ ମହାନ୍ତି, କାର୍ତ୍ତିକ ସ୍ୱାଇଁ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିବା ସହିତ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା ସଙ୍ଗେ ସଙ୍ଗେ ତାଙ୍କର ପରିବାର ବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି।

# ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ




ଭୁବନେଶ୍ୱର (ପିଏନ୍)- ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଂଗ୍ରେସ ଭବନଠାରେ ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ଯୁବ କଂଗ୍ରେସ ରାଷ୍ଟ୍ରୀୟ ସମ୍ପାଦକ ତଥା ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମିଲିନ୍ଦ ଗୌତମ ଓ ସହ ପ୍ରଭାରୀ ଅଭିନବ ସିଦ୍ଧାର୍ଥ ଭଗତ ଯୋଗ ଦେଇଥିଲେ। ସର୍ବପ୍ରଥମେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ଜନ୍ମ ଜୟନ୍ତୀ ଅବସରରେ କଂଗ୍ରେସ ଭବନସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ପରେ ଶତାଧିକ ଯୁବ କଂଗ୍ରେସ କର୍ମୀଙ୍କୁ ନେଇ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟତଃ କେନ୍ଦ୍ରରେ ଭାରତୀୟ ଜନତା ପାର୍ଟି ଓ ରାଜ୍ୟରେ ବିଜୁ ଜନତା ଦଳର ସ୍ୱେଚ୍ଛାଚାରୀ ଶାସନ ଏବଂ ଯୁବ ବିରୋଧୀ ନୀତି ବିରୋଧରେ ଲଢ଼େଇ ଜୋରଦାର କରିବାକୁ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ସଂକଳ୍ପ ନେଇଥିଲେ। ସେହିପରି ଆସନ୍ତା ପଦ୍ମପୁର ଉପନିର୍ବାଚନରେ କିପରି ପଂଚାୟତସ୍ତରରେ ଥିବା ଯୁବ କଂଗ୍ରେସ କର୍ମୀମାନେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର ଅଭିଯାନକୁ ଜୋରଦାର କରିବେ ସେଥିପାଇଁ ବିସ୍ତୃତ ଖସଡ଼ା ପ୍ରସ୍ତୁତ ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ନୀତି ଓ ମିଥ୍ୟା ପ୍ରତିଶ୍ରୁତି ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି କରିବାକୁ କୁହାଯାଇଥିଲା। ସେହିପରି ଆଗାମୀ ଦିନରେ ଓଡ଼ିଶାରେ ଭାରତ ଯୋଡ଼ ଯାତ୍ରାକୁ ସଫଳ କରିବା ପାଇଁ ଯୁବ କଂଗ୍ରେସ କର୍ମୀମାନେ ପଂଚାୟତସ୍ତରରୁ ଜୋରଦାର କାର୍ଯ୍ୟ କରିବାକୁ କୁହାଯାଇଥିଲା।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagun Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଉଲୁଣ୍ଡା ବ୍ଲକ କାର୍ଯ୍ୟାଳୟରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ସୁବର୍ଣ୍ଣପୁର, (ପିଏନ)-** ସୁବର୍ଣ୍ଣପୁର ଜିଲ୍ଲାରେ ବ୍ଲକ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଉଲୁଣ୍ଡା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସମ୍ବଳିତ ୨୮ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୨୧ ଗୋଟି ଓ ସାମୁହିକ ଦରଖାସ୍ତ ୭ ଗୋଟି ରହିଛି। ଗ୍ରହଣ ୨୮ ଗୋଟି ଦରଖାସ୍ତ ମଧ୍ୟରୁ ଶିବିରରେ ବିଭିନ୍ନ ମାମଲାର ୮ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିବା ବେଳେ ଅନ୍ୟାନ୍ୟ ୨୦ ଟି ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଉଲୁଣ୍ଡା ହେମସାଗର ଭୋଇଙ୍କ ତତ୍ତ୍ୱାବଧାନରେ ଅଦ୍ୟ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ କୁମାର ଭୋଇ, ବ୍ଲକ ଅଧକ୍ଷା ଶ୍ରୀମତୀ ଶାନ୍ତିଲତା ମିଶ୍ର, ଅଧୀକ୍ଷଣ ଯନ୍ତ୍ରୀ ଆରଡବ୍ଲୁଏସଏସ ଇଂ. ବିଭୁ ପ୍ରସାଦ ପଣ୍ଡା, ତହସିଲଦାର ବିପିନ୍ କୁମାର ପ୍ରଧାନ, ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ବ୍ଲକ ସ୍ତରୀୟ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।

ଏହି ଶିବିରରେ ସରକାରଙ୍କ ମଧୁବାବୁ ଭତା ଯୋଜନାରେ ବ୍ଲକ ଅନ୍ତର୍ଗତ କୋଟସମଲେଇ ପଂଚାୟତ ମହୁଖଣ୍ଡି ଗ୍ରାମର ନିରାଶା ମୁଣ୍ଡା, ମୁଣ୍ଡୋଘାଟ ପଂଚାୟତ ବିଜେପୁର ନିବାସୀ କସ୍ତୁରୀ ମହାନ୍ତି, ଉଲୁଣ୍ଡା ଗ୍ରା. ପ. ଅନ୍ତର୍ଗତ ପୁଟୁରୁପାଲି ନିବାସୀ କସ୍ତୁରୀ ବାରିକ ଓ ବଡାଲି ଗ୍ରାମର ସସ୍ମିତା ଜାଲଙ୍କ ସହ ମହୁଲପାଲି ନିବାସୀ ସୁନିତା ପଧାନ ପ୍ରମୁଖ ପାଂଚ ଜଣଙ୍କୁ ଟଙ୍କା ୫୦୦ ଲେଖାଏଁ ଭତା ପ୍ରଦାନ କରିଛନ୍ତି ଜିଲ୍ଲାପାଳ ଶ୍ରୀମତୀ ନରୱଣେ।

ସୂଚନା ମୁତାବକ, ମହୁଖଣ୍ଡି ଗ୍ରାମ ନିବାସୀ ନିରାଶା ମୁଣ୍ଡାଙ୍କ ଭତା ହୋଇ ନଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା, ମାତ୍ର ଆଜି ମୁଣ୍ଡାଙ୍କୁ ତୁରନ୍ତ ପେନସନରେ ସାମିଲ ନିମନ୍ତେ ଜିଲ୍ଲାପାଳ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଶିବିରରେ ତାଙ୍କର ଆଧାର ତଥା ଅନ୍ୟାନ୍ୟ କାଗଜାତ ପ୍ରସ୍ତୁତ କରାଯାଇ ତୁରନ୍ତ ମଧୁବାବୁ ପେନସନ ଯୋଜନାରେ ସାମିଲ କରାଯାଇ ପେନସନ ପ୍ରଦାନ କରାଯାଇଛି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କୁଲତା ସମାଜ

## ୧ ବର୍ଷ ଭିତରେ ଶେଷ ହେବ ଧର୍ମଶାଳା

**ଭୁବନେଶ୍ୱର, (ପିଏନ)-** ଓଡିଶା କୁଲତା ସମାଜର ଏକ ପ୍ରତିନିଧି ଦଳ,ଆଜି ନବୀନ ନିବାସ ଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ସେମାନଙ୍କ ବିଭିନ୍ନ ଦାବୀ ବିଷୟରେ ଆଲୋଚନା କରିଥିଲେ।

ପ୍ରଥମେ ସେମାନଙ୍କ କୂଳ ଦେବତା ପ୍ରଭୁ ନୃସିଂହନାଥ ଙ୍କ ପୀଠର ଉନ୍ନତି ନିମନ୍ତେ ୫ -ଟି ଉପକ୍ରମ ରେ ମୁଖ୍ୟମନ୍ତ୍ରୀ ନେଇଥିବା ରୂପାନ୍ତରଣ କାର୍ଯ୍ୟକ୍ରମ ପାଇଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଆଲୋଚନା ସମୟରେ ସେମାନେ ପୁରୀଧାମରେ ଏକ ଧର୍ମଶାଳା ନିର୍ମାଣ ନିମନ୍ତେ ଜମି ଓ ଆର୍ଥିକ ଅନୁଦାନ ଯୋଗାଇ ଦେବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

କୁଲତା ସମାଜ ବହୁଳ ଗ୍ରାମ ଗୁଡିକରେ ଜଗନ୍ନାଥ ମନ୍ଦିର ସ୍ଥାପନ, ପରିଚାଳନା, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ଏହି ସମାଜ ଅଗ୍ରଣୀ ଭୂମିକା ଗ୍ରହଣ କରିଆସୁଛି। ପୁରୀ ନିକଟସ୍ଥ ରାମଚଣ୍ଡୀ ମନ୍ଦିର ମଧ୍ଯ କୁଲତା ସମାଜର ଏକ ପ୍ରସିଦ୍ଧ ଧର୍ମପୀଠ। କୁଲତା ସମାଜର ଲକ୍ଷ ଲକ୍ଷ ଭକ୍ତ ପ୍ରତିବର୍ଷ ପୁରୀଧାମକୁ ଯାଇଥାନ୍ତି । ତେଣୁ ପୁରୀରେ କୁଲତା ସମାଜକୁ ଧର୍ମଶାଳା ନିମନ୍ତେ ଏକ ଏକର ଜମି ଓ ଆର୍ଥିକ ଅନୁଦାନ ଯୋଗାଇ ଦେବା ପାଇଁ ସେମାନେ ଅନୁରୋଧ କରିଥିଲେ। ଏହାଦ୍ୱାରା କୁଲତା ସମାଜର ଭକ୍ତମାନେ ସୁବିଧାରେ ପୁରୀ ଧାମରେ ରହିବା ସହ ବିଭିନ୍ନ ଧାର୍ମିକ ଅନୁଷ୍ଠାନ ମଧ୍ୟ ସୁରୁଖୁରୁରେ ଆୟୋଜନ କରିପାରିବେ।



ସେମାନଙ୍କର ଅନୁରୋଧକୁ ଗ୍ରହଣ କରି ପୁରୀରେ ଉପଯୁକ୍ତ ସ୍ଥାନରେ ଏକ ସପ୍ତାହ ମଧ୍ୟରେ ଜମି ଚିହ୍ନଟ ପାଇଁ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ଏହାସହିତ ସରକାରଙ୍କ ତରଫରୁ ଧର୍ମଶାଳା ନିର୍ମାଣ ନିମନ୍ତେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏକ ବର୍ଷ ମଧ୍ୟରେ ଏହି ଧର୍ମଶାଳା ଯେପରି ସଂପୂର୍ଣ୍ଣ ହୋଇପାରିବ, ସେ ଦିଗରେ ପଦକ୍ଷେପ ନେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।

ସେମାନଙ୍କ ଦାବି ପ୍ରତି ସହାନୁଭୂତିଶୀଳ ମନୋଭାବ ପାଇଁ ସମାଜ ପକ୍ଷରୁ ମୁଖ୍ୟମନ୍ତ୍ରୀ ଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ବୌଦ୍ଧ ,ସୋନପୁର , ସମ୍ବଲପୁର, ଓ ବ୍ରଜରାଜନଗର ଅଞ୍ଚଳର କୁଲତା ସମାଜର , ବନ୍ଧୁ ମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଥିଲେ।

# ଘରେ ପୂରାଇଲେନି ଶାଶୂଘର ଲୋକେ, ଥାନାର ଦ୍ୱାରସ୍ଥ ହେଲେ ନବ ବିବାହିତା

**ରାଉରକେଲା, (ପିଏନ)-**ରାଉରକେଲାରେ ୨ବର୍ଷ ତଳେ ବିବାହ କରିଥିବା କେନ୍ଦ୍ରାପଡା ଅଂଚଳର ଝିଅ ଆଜି ପ୍ରାୟ ଦେଢ ବର୍ଷ ପରେ ନିଜ ମା ମାଉସି ଓ ବଡ ଭଉଣୀଙ୍କ ସହ ନିଜ ଶାଶୂଘରକୁ ଆସିବାରୁ ତାଙ୍କୁ ଘରେ ପୁରାଇ ଦିଆଗଲା ନାହିଁ। କଥା ମହିଳା ଥାନାକୁ ଯିବା ପରେ ଝିଅଟିର ସ୍ୱାମୀ ୧୫ ଦିନ ସମୟ ମାଗିବାରୁ ପୁଣି ଝିଅଟି ତାର ପରିବାର ବର୍ଗଙ୍କ ସହ ନିଜ ବାପଘର କେନ୍ଦ୍ରାପଡାକୁ ଫେରିଯାଇଥିବା ଖବର ଆଜି ସାରନଗରୀ ଅଂଚଳରେ ଚର୍ଚ୍ଚାର ବିଷୟ ହୋଇଛି । ଖବରରୁ ପ୍ରକାଶ, ୨୦୨୦ ମସିହାରେ ସାରନଗରୀ ଅଂଚଳର ଜି.ଏନ. ମଲ୍ଲିକଙ୍କ ସରକାରୀ ଚାକିରୀଆ ପୁଅ ସତ୍ୟପ୍ରିୟ ମଲ୍ଲିକ ବିବାହ କରିଥିଲେ କେନ୍ଦ୍ରାପଡା ଅଂଚଳର ପ୍ରମିଳା ମଲ୍ଲିକଙ୍କ ସାନ ଝିଅଙ୍କୁ । ଉଭୟ ପରିବାରର ଦୂର ସଂପର୍କ ମଧ୍ୟ ରହିଛି । ତେବେ ବିବାହର ୬/୭ ମାସ ଭିତରେ କେତେକ କାରଣ ଯୋଗୁ ଝିଅଟି ଶାଶୁ ଘରେ ନରହି ତାର ବାପ ଘରକୁ ଚାଲିଯାଇଥିଲା । ତେବେ ସେ କେଉଁ କାରଣ ଲାଗି ଚାଲିଗଲା ସେ ବିଷୟର ସମାଧାନ ହୋଇ ପାରିନଥିବା ବେଳେ ଏହି ସ୍ୱାମୀ ସ୍ତ୍ରୀ ପ୍ରାୟ ଦେଢ ବର୍ଷ ହେବ ଅଲଗା ହୋଇ ରହିବା ପରେ ଆଜି ସକାଳୁ ଝିଅଟି ନିଜ ପରିବାର ଲୋକଙ୍କୁ ଧରି ନିଜ ସ୍ୱାମୀଙ୍କ ସାରନଗରୀ ସ୍ଥିତ ଘରକୁ ଆସିବାରୁ ତାଙ୍କୁ ଘରକୁ ପୁରାଇ ଦିଆଯାଇନଥିଲା। ପରେ ସେ ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ । ତେବେ ମହିଳା ଥାନା ଅଧିକାରୀ ଉଭୟ ପକ୍ଷଙ୍କୁ ଡାକି ଆଲୋଚନା କରିବା ସହ ଝିଅ ପୁଅଙ୍କୁ ମଧ୍ୟ ଏକାକି ଆଲୋଚନା ଲାଗି ଛାଡିଥିଲେ । ଉଭୟ ପରସ୍ପରକୁ ଦୋଷ ଦେଉଥିଲେ ମଧ୍ୟ ଝିଅଟି ତାର ସ୍ୱାମୀଙ୍କ ସହ ରହିବାକୁ ଚାହୁଁଥିବା କଥା ତାର ବଡ ଭଉଣୀ କହିଛନ୍ତି । ତେବେ ଦୀର୍ଘ ସମୟ ଆଲୋଚନା ପରେ କୌଣସି ବାଟ ନବାହାରିବାରୁ ସ୍ୱାମୀ ସତ୍ୟପ୍ରିୟ ଏହାର ସମାଧାନ ଲାଗି ୧୫ ଦିନ ସମୟ ମାଗିବାରୁ ପୁଲିସି ଉଭୟ ପକ୍ଷଙ୍କ ସହମତିରେ ୧୫ ଦିନ ସମୟ ଦେଇ ସମସ୍ତଙ୍କୁ ଛାଡିଥିବା ଜଣାପଡିଛି ।

# କୁଶୁର୍ଲାରେ କୁରାଳ ପୁରାଣ ପାରାୟଣ ଅନୁଷ୍ଠିତ

**ଭବାନୀପାଟଣା,(ପିଏନ)-** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଯୋରାଡବରା ଗ୍ରାମପଂଚାୟତ ସ୍ଥିତ କୁଶୁର୍ଲା ଗ୍ରାମର କୁମ୍ଭକାର ସମାଜର ମିଳିତ ଆନୁକୁଲ୍ୟରେ କୁରାଳ ପଂଚମୀ ପର୍ବ ଉପଲକ୍ଷେ ଏବଂ କୁରାଲ ପଂଚମୀ କମିଟି ତରଫରୁ ତ୍ରିଦିନାତ୍ମକ କୁରାଳ ପୁରାଣ ପାରାୟଣ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ତା ୨୭/୧୧/୨୦୨୨ରିଖ ରବିବାର ଅପରାହ୍ନ ୪ଟା ସମୟରେ ନିକଟସ୍ଥ ଜୋରରୁ ମଙ୍ଗଳବାର ଶତାଧିକ କୁମ୍ଭକାର ସମାଜର ପୁରୁଷ ଓ ମହିଳାମାନେ ଘଣ୍ଟ , ଶଙ୍ଖ, ହରିବୋଲ, ହୁଳହୁଳି ଓ ସଂକୀର୍ତନର ତାଳେତାଳେ ମହା କଳସଯାତ୍ରା ସହିତ ଅଧିବାସ କର୍ମ ଆୟୋଜିତ ହୋଇଥିଲା ।୨୮ ତାରିଖ ସୋମବାର ଦିନ ସକାଳୁ ଲକ୍ଷ୍ମୀନାରାୟଣଙ୍କ ପୂଜାର୍ଚ୍ଚନା ପରେ କୁରାଳ ପୁରାଣ ପାରାୟଣ ଆରମ୍ଭ ହୋଇଥିଲା। ସଭାପତି ମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିବ ଶଙ୍କର ମିଶ୍ର ପୂଜକ ଭାବରେ ପୂଜାର୍ଚ୍ଚନା କରୁଥିବା ବେଳେ ଟିକୁ ରଣା ଓ ତାଙ୍କ ସହଧର୍ମୀଣି ଶ୍ରୀମତୀ ପୁନ୍ନୀ ରଣା କର୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି ।ବଲାଙ୍ଗୀର ଜିଲ୍ଲା ପାଟଣାଗଡ(ଦେଉଳଗାଁ)ର ପପୁନ କୁମାର ପଣ୍ଡା ବ୍ୟାସ ଭାବରେ ଯୋଗଦେଇ କୁରାଳ ପୁରାଣ ପାରାୟଣ ପଠନ କରୁଛନ୍ତି ।

# ନିମ୍ନ ଉଚ୍ଚତାରେ ବାଲିପୋଖରୀ ଏସକେପ ନିର୍ମାଣକୁ କଡା ବିରୋଧ

## ବୈଷୟିକ କମିଟିର ପୁନଃଅନୁଧ୍ୟାନ ଦାବି କଲା ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି

**ଭଦ୍ରକ, (ପିଏନ)-** ଏହି ଜିଲାର ଭଣ୍ଡାରିପୋଖରୀ ବ୍ଲକର ବୈତରଣୀ ନଦୀ ବାଲିପୋଖରୀର ଅପେକ୍ଷାକୃତ ନିମ୍ନ ଉଚ୍ଚତାରେ କଂକ୍ରିଟକରଣ କାର୍ଯ୍ୟକୁ ବିରୋଧ କରିଛି ଆ ଲିକ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି। କମିଟିର ଆବାହକ ତଥା ବାଲିପୋଖରୀ ସରପ ଅକ୍ଷୟ ତ୍ରିପାଠୀ ଓ ସଂଯୋଜକ ନାରାୟଣ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଜିଲ୍ଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, କଂଗ୍ରେସ ନେତା ଅଜୟ କୁମାର ସାହୁ, ଗୋଲକ ବେହେରା, ବିଜୟ ଶଙ୍କର ମହାନ୍ତି, ନାରାୟଣ ବେହେରା, ସନ୍ତୋଷ ସାମଲ, ଜିତୁ ମହାପାତ୍ର ପ୍ରମୁଖ ସୋମବାର ଏସକେପ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ବନ୍ଦ ରଖିବାକୁ ଚେତାବନୀ ଦେଇଛନ୍ତି। ଆଖୁଆପଦା ଆନିକଟ ଠାରୁ ମାତ୍ର ୧୬ଶହ ମିଟର ଦୂରରେ ଅବସ୍ଥିତ ଏହି ଏସକେପର କଂକିଟକରଣ ପାଇଁ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ୨୦୧୩ ମସିହାରେ ଆନ୍ଦୋଳନ କରିଥିଲା। ତତ୍‌କାଳୀନ ଜଳସମ୍ପଦ ସଚିବ ସୁରେଶ ମହାପାତ୍ର ସୁରକ୍ଷା କମିଟି ସହ ଆଲୋଚନା କରିବା ସହ ବୈଷୟୀକ କମିଟି ଗଠନ କରି ୨୦୧୬ ମସିହାରେ ଅନୁଧ୍ୟାନ ପାଇଁ ପଠାଇଥିଲେ। ଯାହାର ଫଳ ସ୍ୱରୂପ ଏବେ କଂକ୍ରିଟକରଣ କାର୍ଯ୍ୟ ପାଇଁ ବିଭାଗ ଆଗଭର ହୋଇଛି। ମାତ୍ର ୨୦୧୬ ମସିହାର ସ୍ଥିତି ଏବେ ସମ୍ପୂର୍ଣ୍ଣ ବଦଳି ଯାଇଛି। ନଦୀଶଯ୍ୟାକୁ ବଳପୂର୍ବକ ସଙ୍କୁଚିତ କରି ଦିଆଯାଇଛି। ନଦୀର ଅପରପାର୍ଶ୍ୱ ବନ୍ଧକୁ ଅତିମାତ୍ରାରେ ସୁଦୃଢ କରାଯାଇଛି। ବାଲିପୋଖରୀ ଏସକେପ ସମ୍ମୁଖ ବାଲିଶଯ୍ୟାରୁ ବାଲି ଉତୋଳନ ବହୁମାତ୍ରାରେ କରାଯାଇ ନଦୀକୁ ଏସକେପ ଆଡକୁ ଯୋଜନାବଦ୍ଧ ଭାବେ ମୁହାଁଇ ଦିଆଯାଇଛି। ଏଭଳି ପରିସ୍ଥିତିରେ ଏସକେପର ଉପସ୍ଥିତ ଉଚ୍ଚତାକୁ କମାଯାଇ ନିମ୍ନଉଚ୍ଚତାରେ କଂକ୍ରିଟକରଣ କାର୍ଯ୍ୟ ଗ୍ରହଣୀୟ ନୁହେଁ। ୧୦ ଟି ପଂଚାୟତର ଧନଜୀବନ ସୁରକ୍ଷା ପାଇଁ ଏସକେପ ଏବର ଉଚ୍ଚତାରେ କଂକ୍ରିଟକରଣ କରାଯିବା ଦରକାର। ଏଥିପାଇଁ ନୂତନ ବୈଷୟୀକ କମିଟି ଗଠନ କରାଯିବାକୁ ବନ୍ୟା ବିପର୍ଯ୍ୟସ୍ତ ସୁରକ୍ଷା କମିଟି ଜିଲ୍ଲାପାଳଙ୍କ ମାଧ୍ୟମରେ ମଇ ମାସ ୧୭ ତାରିଖରେ ରାଜ୍ୟ ସରକାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲା। ଏଠାରେ ପ୍ରକାଶ ଯୋଗ୍ୟ ଯେ ବାଲିପୋଖରୀ ଏସକେପ କଂକ୍ରିଟକରଣ ପାଇଁ ଗତ ଜୁନ ମାସ ୧ ତାରିଖରେ ଶିଳାନ୍ୟାସ ହୋଇଥିଲା। ପ୍ରାୟ ୬ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ଏହି ଏସକେପର କଂକ୍ରିଟକରଣ କାର୍ଯ୍ୟ ଆଗାମୀ ଅପ୍ରେଲ ମାସ ୨୭ ତାରିଖରେ ସମ୍ପୂର୍ଣ୍ଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୩୭୦ ମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ଏସକେପକୁ ସମ୍ପୂର୍ଣ୍ଣଭାବେ ଆର.ସି.ସି. କରାଯାଇ ସ୍ଥାୟୀ ନିର୍ମାଣ କରାଯିବ। ଏସକେପର ଉପରିଭାଗ ୫.୫ମିଟର ରହିବ କିମ୍ବା ଉପରିଭାଗ ପ୍ରସ୍ଥକୁ ୭ମିଟର କରାଯାଇ ପାରେ ଓ ଏକ ଫୁଟର ଉଚ୍ଚତାର କଂକ୍ରିଟ ଢ଼ଳେଇ ନିର୍ମାଣ କରାଯିବ ବୋଲି ବିଭାଗ ସୂତ୍ରରୁ ଜଣାଯାଇଛି। ମାତ୍ର ବିଭାଗୀୟ ନଥିପତ୍ରରେ ଥିବା ଏହି ଏସକେପର ଉଚ୍ଚତା ଠାରୁ ବାସ୍ତବ ଉଚ୍ଚତା ଢେର ଅଧିକ। ବାସ୍ତବ ଉଚ୍ଚତାକୁ ଏଡାଯାଇ ନଥିପତ୍ରରେ ଥିବା ଅପେକ୍ଷାକୃତ ନିମ୍ନଉଚ୍ଚତା ଅନୁଯାୟୀ କାର୍ଯ୍ୟ କରାଯାଉଥିବାରୁ ବିରୋଧ କରାଯାଉଛି।

# ଏସ୍‌ୟୁଡି ଲାଇଫ୍ ନିଜର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଏଚ.ଏସ.ପ୍ରଣୟଙ୍କୁ ନିଯୁକ୍ତ କଲା

ମୁମ୍ବଇ: ଭାରତର ଦୁଇ ଅଗ୍ରଣୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କ; ବ୍ୟାଙ୍କ ଅଫ ଇଣ୍ଡିଆ ଏବଂ ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଦାଇ-ଇଚି-ଲାଇଫ ହୋଲ୍‌ଡିଙ୍ଗସ୍ ଜାପାନର ଏକ ମିଳିତ ଉଦ୍ୟୋଗ ଷ୍ଟାର ୟୁନିୟନ ଦାଇ-ଇଚି ଲାଇଫ୍ ଇନସ୍ୟୁରାନ୍ସ (ଏସ୍‌ୟୁଡି ଲାଇଫ) ଅର୍ଜୁନ ପୁରସ୍କାର ପାଇଁ ନାମିତ ବ୍ୟାଡମିଣ୍ଟନ ଚମ୍ପିଆନ୍ ଏଚ.ପ୍ରଣୟଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବରେ ନିଯୁକ୍ତ କରିଛି।

ଏହି ସହଯୋଗିତା ଥୋମାସ୍ କପ୍‌ରେ ଶ୍ରୀ ପ୍ରଣୟଙ୍କ ଐତିହାସିକ ବିଜୟ ପରେ ଉକ୍ତ ବ୍ୟାଡ୍‌ମିଣ୍ଟନ ଚମ୍ପିଆନ୍‌ଙ୍କ ସହିତ ପ୍ରଥମ ବ୍ରାଣ୍ଡ ସହଭାଗିତା ଚୁକ୍ତି ହୋଇଛି।

ପରିବାରଗୁଡ଼ିକୁ ସୁରକ୍ଷିତ ରଖିବା, ଜୀବନକୁ ସମୃଦ୍ଧ କରିବା ଦୂରଦୃଷ୍ଟି ରଖୁଥିବା ଏସ୍‌ୟୁଡି ଲାଇଫ୍ ସହିତ ଏସ.ଏସ.ପ୍ରଣୟଙ୍କ ଜୀବନ ଧାରା ବେଶ୍ ମେଳଖାଉଛି। କ୍ରୀଡା ପ୍ରତି ତାଙ୍କର ଆଗ୍ରହ ଓ ଉତ୍ସର୍ଗ ଭାବ ଜରିଆରେ ସେ ନିରନ୍ତର ଉଚ୍ଚତର ମାନକ ସ୍ଥାପନ କରିଛନ୍ତି। ପ୍ରଣୟ ପ୍ରତିଯୋଗିତାମୂଳକ ବ୍ୟାଡମିଣ୍ଟନରେ ନିରବଚ୍ଛିନ୍ନ ଭାବରେ ଆଗକୁ ବଢିଛନ୍ତି ଏବଂ ତାଙ୍କ ସମୁଦାୟ କ୍ୟାରିୟରରେ ନିରନ୍ତର ପ୍ରଦର୍ଶନ କରିଛନ୍ତି। ଏସ୍‌ୟୁଡି ଲାଇଫ୍ ପକ୍ଷରୁ ତାହାର ଗ୍ରାହକଙ୍କୁ ସ୍ୱାସ୍ଥ୍ୟ ଓ ସମ୍ପତ୍ତିର ସୁରକ୍ଷା ପ୍ରତିଶ୍ରୁତି ଦେଉଥିବା ସର୍ବୋତ୍ତମ ଶ୍ରେଣୀର ଉତ୍ପାଦ ଓ କଲ୍ୟାଣକାରୀ ସମାଧାନ ଯୋଗାଣ ପ୍ରୟାସକୁ ଆଗାମୀ କିଛିବର୍ଷ ପ୍ରଣୟ ସମର୍ଥନ ଯୋଗାଇଦେବେ।

ପ୍ରଣୟଙ୍କର ଏସ୍‌ୟୁଡି ଲାଇଫ୍ ସହିତ ସହଯୋଗିତା, ପର୍ଯ୍ୟାପ୍ତ ଜୀବନ ସୁରକ୍ଷା ଏବଂ 'ଲାଇଫ୍ କେ ହର୍ ମ୍ୟାଚ୍ କେ ଲିୟେ' (ଜୀବନର ପ୍ରତିଟି ମ୍ୟାଚ୍ ପାଇଁ) ପ୍ରସ୍ତୁତ ହେବା କ୍ଷେତ୍ରରେ ତାଙ୍କର ନିଜସ୍ୱ ଅନୁଭୂତି ଓ ବୁଝିବାର ଶକ୍ତିରୁ ଅଙ୍କୁରିତ ହୋଇଛି। ତାଙ୍କର ଦୃଢ ବିଶ୍ୱାସ ଯେ ଜୀବନ ବୀମା ବ୍ୟକ୍ତିବିଶେଷଙ୍କୁ ସେମାନଙ୍କର ସୁରକ୍ଷା ସମ୍ପର୍କିତ ଆବଶ୍ୟକତା ନିମନ୍ତେ ଯୋଜନା ପ୍ରସ୍ତୁତିରେ ସହାୟତା କରିବା ସହିତ ଦୀର୍ଘାବଧି ଆକାରରେ ସମ୍ପତ୍ତି ସୃଷ୍ଟି କରେ ଏବଂ ଜଣଙ୍କର ଅବସର ପରବର୍ତ୍ତୀ ଜୀବନକୁ ସୁରକ୍ଷିତ ରଖିଥାଏ (ଯଥା ଆତ୍ମନିର୍ଭର କରାଇବା)। ଏସ୍‌ୟୁଡି ଲାଇଫ୍‌କୁ ବାଛିବା ପଛରେ ଏହା ତାଙ୍କ ପାଇଁ ମୂଳାଧାର ହୋଇଛି।

ଜଣେ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ (ପିତା) ଏବଂ ଜଣେ କେଏଫ୍ଏସ୍ଇ କର୍ମଚାରୀ (ମାତା)ଙ୍କ ପୁତ୍ର ଭାବରେ ପ୍ରଣୟ ଶୃଙ୍ଖଳା ଓ ଆର୍ଥିକ ସାକ୍ଷରତାର ଆବଶ୍ୟତକାକୁ ସର୍ବାପେକ୍ଷା ଭଲ ଭାବରେ ବୁଝିଛନ୍ତି।

# ଅନ୍ତର୍ଜାତୀୟ ନୃତ୍ୟ ମଂଚରେ ଓଡ଼ିଆ ଝିଅ ପ୍ରିୟାଂଶୀ ପ୍ରଥମ

**ଭୁବନେଶ୍ୱର,(ପିଏନ)-** ଓଡ଼ିଆ ଝିଅ ପ୍ରିୟାଂଶୀ ରାଜ୍ୟ ପାଇଁ ଆଣିଛନ୍ତି ଗୌରବ। ଅନ୍ତର୍ଜାତୀୟସ୍ତରରେ ନୃତ୍ୟ ପରିବେଷଣ କରି ପ୍ରଥମସ୍ଥାନ ହାସଲ ସହ ବେଶ୍ ପ୍ରଶଂସା ସାଉଁଟିଛନ୍ତି। ନଭେମ୍ବର ୨୬ରୁ ନୂଆଦିଲ୍ଲୀସ୍ଥିତ ଏମ୍‌ସିୟୁଆଇ ଅଡ଼ିଟୋରିୟମ ଓ କନଭେନସନ ସେ ରରେ ଅନ୍ତର୍ଜାତୀୟ ଟ୍ୟାଲେଂଟ ହଂଟ କାର୍ଯ୍ୟକ୍ରମରେ ଇଂଟରନ୍ୟାସନାଲ ଇଣ୍ଡିଆନ ଆଇକନ ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରୁ ପ୍ରାୟ ୮୨୦୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରୁ ୯୩ଜଣ ଫାଇନାଲ ରାଉଣ୍ଡକୁ ମନୋନୀତ ହୋଇଥିଲେ। ଓଡ଼ିଶାର କୁନି ପ୍ରତିଭା ପ୍ରିୟାଂଶୀ ସେମାନଙ୍କ ମଧ୍ୟରେ ସ୍ଥାନ ପାଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଓଡ଼ିଶାର ପ୍ରିୟାଂଶୀ ଜେନା ଓ ରାଜସ୍ଥାନର କୌଶିକ ଯୋଶୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଆଗାମୀ ଡ଼ିସେମ୍ବର ମାସ ୨୪ ତାରିଖରେ ଚିକାଗୋରେ ଅନୁଷ୍ଠିତ ହେବାକୁ ଥିବା ଇଂଟରନ୍ୟାସନାଲ ଇଣ୍ଡିଆନ ଆଇକନରେ ଭାଗ ନେବାପାଇଁ ପ୍ରିୟାଂଶୀ ମନୋନୀତ ହୋଇଛନ୍ତି ।ପ୍ରିୟାଂଶୀ ଜେନା ଭୁବନେଶ୍ୱରସ୍ଥିତ ଫ୍ଲେସ୍ ଡ଼୍ୟାନ୍ସ ଏକାଡ଼େମୀରେ ନୃତ୍ୟ ଶିଖୁଛନ୍ତି। ଗୁରୁ ଆଶିଷ କୁମାରଙ୍କ ତତ୍ତ୍ୱାବଧାନରେ ପ୍ରିୟାଂଶୀ ଆଜି ଉଚ୍ଚକୋଟୀର ନୃତ୍ୟ ପରିବେଷଣ କରି ରାଜ୍ୟ ପାଇଁ ଗୌରବ ଆଣିପାରିଛନ୍ତି। ଏହି ସଫଳତା ପରେ ଆଗାମୀ ଦିନରେ ଉଚ୍ଚକୋଟୀର ନୃତ୍ୟ ପରିବେଷଣ ପାଇଁ ପ୍ରିୟାଂଶୀ ଓଡ଼ିଶାର ସମସ୍ତ ଗୁରୁଜନମାନଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି।

# ଭୋଟର ସଚେତନତା ରଥ ଉଦଘାଟିତ

**ମାଲକାନଗିରି,(ପିଏନ)-**ଜିଲ୍ଲା ପ୍ରଶାସନ ପକ୍ଷରୁ ଭୋଟରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ସହ ୨୦୨୩ ବର୍ଷ ପାଇଁ ନୂତନ ଓ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି ଅଭିଯାନ ନେଇ ଆଜି ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସ୍କ୍ରିପ ରଥର ( ଭୋଟରେ ସଚେତନତା ରଥ ) ଉଦଘାଟନ ହୋଇଛି । ବ୍ରହ୍ମପୁର ଦକ୍ଷିଣାଚଂଳ ରାଜସ୍ୱ ଆୟୁକ୍ତ ସଚିବ ତଥା ମାଲକାନଗିରି ଜିଲ୍ଲା ପାଇଁ ନିଯୁକ୍ତି ସ୍ୱତନ୍ତ୍ର ରୋଲ ପର୍ଯ୍ୟବେକ୍ଷକ ଶ୍ରୀମତୀ ସୁଜାତା ସାହୁ ଏହି ସଚେତନତା ରଥ ଉଦଘାଟନ କରିଥିବାବେଳେ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକ ଏବଂ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ଅକ୍ଷୟ ଖେମୁଣ୍ଡୁ ଉପସ୍ଥିତ ଥିଲେ ।

ଏହି ଭୋଟର ସଚେତନତା ରଥ ମୁଖ୍ୟତଃ ନୂତନ ଭୋଟର ମାନଙ୍କୁ ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ, ଭୋଟର ତାଲିକାରେ ସଂଶୋଧନ ଇତ୍ୟାଦି ପାଇଁ ଏହା ସମସ୍ତଙ୍କୁ ସଚେତନ କରାଇବ । ଏହା ପରେ ଶ୍ରୀମତି ସାହୁ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ - ୨୦୨୩ ପରିପ୍ରେକ୍ଷୀରେ ଏକ ସମୀକ୍ଷା କରିଥିଲେ । ଏଠାରେ ଜିଲ୍ଲାର ସମସ୍ତ ଉପନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଅନ୍ୟାନ୍ୟ ଅଧିକାରୀଙ୍କ ସହ ଶ୍ରୀମତୀ ସାହୁ ଭୋଟର ତାଲିକା ସଂଶୋଧନ ସଂପର୍କରେ ଆଲୋଚନା କରିଥିଲେ । ଯେପରି ଅଧିକରୁ ଅଧିକ ଭୋଟର ଏବଂ ଯୁବ ଭୋଟରମାନେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଜୀକରଣ କରିବେ ସେଥିନିମନ୍ତେ ଗୁରୁତ୍ୱାରୋପ କରିଥିଲେ।




ଭୁବନେଶ୍ୱର: ତାଲିମପ୍ରାପ୍ତ ବେକାରୀ ଚକ୍ଷୁ ସହାୟକ ସଂଘ ପକ୍ଷରୁ ବିଭିନ୍ନ ଦାବିରେ ପିଏମଜିରେ ବିକ୍ଷୋଭ ପ୍ରଦର୍ଶନ

# ମେଡିକାଲ କଲେଜ ପ୍ରତିଷ୍ଠା ଓ ଭଦ୍ରକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

ଭଦ୍ରକ,(ପିଏନ)- ଜିଲ୍ଲା ଗଠନର ୩୦ରୁ ଉର୍ଦ୍ଧ୍ୱ ବର୍ଷ ବିତିଗଲାଣି। ସବୁ କ୍ଷେତ୍ରରେ ଭଦ୍ରକ ଜିଲ୍ଲାକୁ ଅଣଦେଖା କରାଯାଇ ଆସିଅଛି। ସ୍ଥାନୀୟ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଇଚ୍ଛାଶକ୍ତିର ଅଭାବ ପାଇଁ ଭଦ୍ରକ ବାସୀ ଏବେ ସେମାନଙ୍କ ହକ୍‌ରୁ ବ ିତ। ଦୀର୍ଘ ବର୍ଷ ହେଲା ଭଦ୍ରକରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ କଂଗ୍ରେସ ଦଳ ସମେତ ଭଦ୍ରକବାସୀ, ଭଦ୍ରକର ବିଭିନ୍ନ ସାମାଜିକ ସଂଗଠନ ସରକାରଙ୍କ ନିକଟରେ ବାରମ୍ବାର ଦାବି ଉପସ୍ଥାପନ କରି ଆସୁଛନ୍ତି। ଅତୀତରେ ସରକାରୀ ମେଡିକାଲ କଲେଜ ଦାବି ନେଇ କଂଗ୍ରେସ ପକ୍ଷରୁ ଭଦ୍ରକ ବନ୍ଦ ପାଳନ କରାଯାଇଥିଲା। ଉକ୍ତ ବନ୍ଦ ଡାକରାକୁ ଅଭୂତପୂର୍ବ ସଫଳତା ମିଳିଥିଲା। ଏହାପରେ ମଧ୍ୟ କଂଗ୍ରେସ ବାରମ୍ବାର ଏହି ଦାବିକୁ ଦୋହରାଇ ଚାଲିଛି। ଭୌଗଳିକ ଦୃଷ୍ଟିକୋଣରୁ ଭଦ୍ରକରେ ମେଡିକାଲ କଲେଜ ସ୍ଥାପନ ଅତ୍ୟନ୍ତ ଜରୁରୀ। ଗମନାଗମନ ସୁବିଧା ସହିତ ସମସ୍ତ ଆବଶ୍ୟକ ଭି ିଭୂମୀ ଏଠାରେ ରହିଛି। କାରଣ ଜିଲ୍ଲାର ୧୫ ଲକ୍ଷ ଲୋକଙ୍କ ସମେତ ପଡ଼ୋଶୀ ଜିଲ୍‌ଲାକୁ ମିଶାଇ ପ୍ରାୟ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଜିଲ୍ଲା ଚିକିତ୍ସାଳୟ ଉପରେ ନିର୍ଭରଶୀଳ। କିନ୍ତୁ ଏଠାରେ ସାମାନ୍ୟତମ ଚିକିତ୍ସା ସୁବିଧା ନାହିଁ। ତେଣୁ ସମସ୍ତ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଫଳରେ ଏଠାକୁ ଆସୁଥିବା ଗରୀବ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଖର୍ଚ୍ଚାନ୍ତ ହୋଇ ଚାଲିଛନ୍ତି। ନିକଟବର୍ତୀ ସମସ୍ତ ଜିଲ୍ଲାରେ ଇତିମଧ୍ୟରେ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ହୋଇ ସାରିଲାଣି। କିନ୍ତୁ ଏବେର ରାଜନୈତିକ ନେତୃମଣ୍ଡଳୀଙ୍କ ପାଇଁ ଭଦ୍ରକ ଜିଲ୍ଲା ଏଥିରୁ ବାଦ ପଡ଼ିଛି। ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ହେଉଛି ଜିଲ୍ଲାବାସୀଙ୍କ ହକ୍। ଏହି ହକ୍ ପାଇଁ କଂଗ୍ରେସ ନିଜର ସାଲିଶ ବିହୀନ ସଂଗ୍ରାମ ଜାରୀ ରଖିବ। ଅନୁରୂପ ଡ. ହରେକୃଷ୍ଣ ମହତାବଙ୍କ ସ୍ୱପ୍ନର ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ ପ୍ରତି କାହାର ନଜର ନାହିଁ। ଦୀର୍ଘ ୨ଦଶନ୍ଧି ଧରି ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ଦାବିରେ କଂଗ୍ରେସ ସ୍ୱର ଉ ୋଳନ କରି ଆସିଛି। ଭଦ୍ରକର ସମସ୍ତ ବୁଦ୍ଧିଜୀବୀ ଓ ସାମଜିକ ସଂଗଠନ ମଧ୍ୟ ଉକ୍ତ ଦାବିରେ ଆନ୍ଦୋଳନ ଚଳାଇ ଆସିଛନ୍ତି। କିନ୍ତୁ ବିଜେଡି ସରକାର ଭଦ୍ରକବାସୀଙ୍କ ଏହି ଦାବି ପ୍ରତି ମଧ୍ୟ କର୍ଣ୍ଣପାତ କରୁ ନାହିଁ। ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ ଏଥି ନେଇ ନିରବ ରହୁଛନ୍ତି। ଗତ ସାଧାରଣ ନିର୍ବାଚନ ସମୟରେ ଭଦ୍ରକରେ ମେଡିକାଲ କଲେଜ ଓ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇଁ ପ୍ରତିଶ୍ରୁତି ଦେଇଥିଲା ଶାସକ ବିଜେଡି। କିନ୍ତୁ ଏପର୍ଯ୍ୟନ୍ତ ତାହା ପୂରଣ ହୋଇ ପାରିଲା ନାହିଁ। ତେଣୁ ଜିଲ୍ଲାବାସୀଙ୍କ ଏହି୨ ହକ୍ ପାଇଁ କଂଗ୍ରେସ ଆସନ୍ତା ଡିସେମ୍ବର ୫ ତାରିଖ ୮ଘ ିଆ(ସକାଳେ ୬ରୁ ଅପରାହ୍ନ ୨ଟା))ଭଦ୍ରକ ସହର ବନ୍ଦ ଡାକରା ଦେଇଛି। ଏହି ବନ୍ଦ କରିବାକୁ ମଧ୍ୟ ଭଦ୍ରକବାସୀଙ୍କୁ ଦଳ ନିବେଦନ କରିଛି। ଏହି ମର୍ମରେ ଏକ ସ୍ମାରକପତ୍ର ଆଜି ଜିଲ୍ଲାପାଳଙ୍କୁ କଂଗ୍ରେସ ପକ୍ଷରୁ ପ୍ରଦାନ କରାଯାଇଛି।

# ଖେଳ



## ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday November 30, 2022 ଭୁବନେଶ୍ୱର, ବୁଧବାର, ନଭେମ୍ବର ୩୦,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବରଗଡ ଏସପି କଣ ବିଜେଡି ପାଇଁ କାମ କରିବା ନିଷ୍ପତି ନେଇଛନ୍ତି କି ? : ଜୟ ନାରାୟଣ ମିଶ୍ର

**ପଦମପୁର/ଭୁବନେଶ୍ୱର,(ପିଏନ):** ଲଗାତାର ତିନି ଦିନ ହେଲାଣି ଆମେ ଦେଖୁଛୁ ବରଗଡ ଏସପିଙ୍କ ନେତୃତ୍ୱରେ ବରଗଡ ଜିଲ୍ଲା ପୋଲିସ ବିଜୁ ଜନତା ଦଳକୁ ସୁହାଇଲା ଭଳି କାର୍ଯ୍ୟକଳାପ କରୁଛି । ବିଜୁ ଜନତା ଦଳ ଗୋଟିଏ ପଟରେ ଅଶାନ୍ତି, ହିଂସାତ୍ମକ କାର୍ଯ୍ୟକଳାପ କରୁଥିବାବେଳେ ଜିଲ୍ଲା ପୋଲିସ ସେମାନଙ୍କୁ ସୁହାଇଲା ଭଳି କାମକରୁଛି । ଗତକାଲି ଝାରବନ୍ଧର ଗୋଠୁଗୁଡା ଗାଁରେ ଦିଲିପ ସେନାପତି ନାମକ ଜଣେ ବିଜେପି କାର୍ଯ୍ୟକର୍ତାଙ୍କୁ ଲାଂଜିଗଡର ବିଜେପି ବିଧାୟକ ପ୍ରଦିପ ଦିଶାରିବନ୍ଧୁକ ଦେଖାଇ ଅପହରଣ କରିଥିଲେ । ଆମେ ଥାନାରେ ଅଭିଯୋଗ କରିଲୁ । ଅପହରଣର ଚାରି ଘଂଟା ପରେ ତାଙ୍କୁ ଏକ ଅଜଣା ସ୍ଥାନରୁ ପୋଲିସ ଉଦ୍ଧାର କରିଲା । ତାଙ୍କ ଉପରେ ଆକ୍ରମଣ ଏତେ ଜୋରରେ ହୋଇଛି ଯେ, ତାଙ୍କୁ ରାତା ରାତି ରାୟପୁର ସ୍ଥାନାନ୍ତରଣ କରିବାକୁ ପଡିଲା ଚିକିତ୍ସା ପାଇଁ । କାହିଁକି ଏପର୍ଯ୍ୟନ୍ତ ପୋଲିସରେ ଅଭିଯୋଗ କରାଯିବା ସତ୍ୱେ ବି ପୋଲିସ ମୁଖ୍ୟ ଅଭିଯୁକ୍ତ ପ୍ରଦିପ ଦିଶାରିଙ୍କୁ ଗିରଫ କରିନାହିଁ ? ପୋଲିସ ଦିଲିପଙ୍କୁ କେଉଁ ସ୍ଥାନରୁ ଉଦ୍ଧାର କରିଲା ତାହା ମଧ୍ୟ ଗଣମାଧ୍ୟମ ବା ଆମକୁ କହୁନାହିଁ । ବିଜେଡି ବିଧାୟକ ବୋଲି କଣ ତାଙ୍କୁ ପୋଲିସ ଛାଡିଦେବ କି ? ବରଗଡ ଏସପି ନିଜେ ଶାସକ ଦଳ ସପକ୍ଷରେ କାମ କରୁଥିବା ଭଳି ଅନୁଭବ ହେଉଛି ବୋଲି ଆଜି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପ୍ରତିକ୍ରିୟାରେ କହିଛନ୍ତି ରାଜ୍ୟର ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର ।



ଶ୍ରୀ ମିଶ୍ର କହିଛନ୍ତି ଯେ, କେନ୍ଦୁପତ୍ର ଶ୍ରମିକ ଓ ସିଜନାଲ କର୍ମଚାରୀମାନଙ୍କ ସୁଖ ଦୁଃଖରେ ଆମ ଦଳର ବିଧାୟକ ପ୍ରାର୍ଥୀ ପ୍ରଦୀପ ପୁରୋହିତ ବହୁତ ଦିନରୁ ରହି ଆସିଛନ୍ତି । ସେମାନେ କେମିତି ବିଜେପିକୁ ଭୋଟ ଦେବେ ନାହିଁ ସେଥିପାଇଁ ଶାସକ ଦଳ ପୁରା ପୋଲିସ ପ୍ରଶାସନକୁ ଲଗାଇ ଦେଇଛି । କେନ୍ଦୁପତ୍ର ଶ୍ରମିକ ଓ ସିଜନାଲ କର୍ମଚାରୀମାନଙ୍କୁ ଧମକାଇବାରେ । ବିଜେପି ପାଇଁ କାମ କରୁଥିବା କିଛି କେନ୍ଦୁପତ୍ର ଶ୍ରମିକ ଓ ସିଜନାଲ କର୍ମଚାରୀମାନଙ୍କ ଉପରେ ପୋଲିସ ଜୁଲମ କରିଛି । ପ୍ରାୟୋଜିତ ଭାବରେ ସେମାନଙ୍କ ନାଁରେ ପୋଲିସ ମିଛ ଏଫଆଇର କରିଛି । ସେହି ଏଫଆଇର ଆଧାରରେ ରବିବାର ଦିନ ଛୁଟି ଦିନ ଥାଇବି ନିଜେ ବରଗଡ ଏସପିଡିଏଫଓଙ୍କ ଅଫିସକୁ ଯାଇ ସେହି ଦୁଇ ଜଣ କର୍ମଚାରୀଙ୍କ ବିରୋଧରେ କର୍ଯ୍ୟାନୁଷ୍ଠାନ ନେବା ପାଇଁ ଡିଏଫଓଙ୍କ ଉପରେ ଚାପ ପକାଇଥିବାର ପ୍ରମାଣ ଅଛି । ଯାହା ଫଳରେ ଡିଏଫଓ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ।

ଗତକାଲି ବିଜୁ ଜନତା ଦଳର କିଛିଲୋକ ନିଜକୁ କେନ୍ଦୁପତ୍ର କର୍ମଚାରୀ ବୋଲି ପରିଚୟ ଦେଇ ବିଜେଡି ପାଇଁ ଟଙ୍କା ବାଂଟୁଥିବା ବେଳେ ତିମିରି ଗାଁରେ ଧରାପଡିଛନ୍ତି । ସେମାନେ ନିଜେ କ୍ୟାମେରା ସାମନାରେ କହିଛନ୍ତି ଯେ, ବଲାଙ୍ଗିରର ପଣ୍ଡା ବାବୁଙ୍କ ନିର୍ଦ୍ଦେଶରେ ସେମାନେ ବିଜେଡି ପାଇଁ ଟଙ୍କା ବାଂଟୁଥିଲେ । ହେଲେ ପୋଲିସ କାହିଁକି ଏପର୍ଯ୍ୟନ୍ତ ସେହି ଟଙ୍କା ବାଂଟୁଥିବା ଲୋକମାନଙ୍କୁ ଗିରଫ କରିନାହିଁ ? କିଏ ସେହି ପଣ୍ଡାବାବୁ ଯାହାଙ୍କ ନିର୍ଦ୍ଦେଶରେ ଟଙ୍କାବଂଟା ଯାଉଥିଲା ତାଙ୍କ ପରିଚୟ ସାମନାକୁ ଆଣିବା କଣ ପୋଲିସର କାମ ନୁହେଁକି ବୋଲି ଜୟନାରାୟଣ ପ୍ରଶ୍ନ କରିଛନ୍ତି ।

## ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଆମେରିକାନ୍ ଇଣ୍ଡିଆନ୍ ଫାଉଣ୍ଡେସନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର,(ପିଏନ)-** ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ଆମେରିକାନ୍ ଇଣ୍ଡିଆନ୍ ଫାଉଣ୍ଡେସନ ମଧ୍ୟରେ ଆଜି ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଶ୍ରୀ ନିତ୍ୟାନନ୍ଦ ବାରିକ ଏବଂ ଆମେରିକାନ୍ ଇଣ୍ଡିଆନ୍ ଫାଉଣ୍ଡେସନ ପକ୍ଷରୁ ଏହାର ନିର୍ଦ୍ଦେଶକ ମିଃ ମାଥ୍ୟୁ ଜୋଶେଫ୍ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ ।

ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ଯୋଗଦେଇ କହିଲେ ଯେ, ମହିଳା ଓ ଶିଶୁ ବିକାଶ ବିଭାଗ ଶିଶୁ ଖାଦ୍ୟରେ ଉତ୍କର୍ଷ ଆଣିବା ଓ ସେମାନଙ୍କ ଗୁରୁତର ପୁଷ୍ଟିହୀନତାକୁ ରୋକିବା ଉଦ୍ଦେଶ୍ୟରେ ଅନେକ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଛି । ଗୋଷ୍ଠୀ ଆଧାରିତ ପୁଷ୍ଟି ପରିଚାଳନା କାର୍ଯ୍ୟକ୍ରମରେ ବର୍ଦ୍ଧିତ ଛତୁଆର ବ୍ୟବସ୍ଥା, ୬ ବର୍ଷର କମ୍ ପିଲାମାନଙ୍କ ନିମନ୍ତେ ପରିପୂରକ ପୁଷ୍ଟି ଯୋଜନା ଅଧୀନରେ ଖାଦ୍ୟ ବିବିଧତାକୁ ପ୍ରୋତ୍ସାହନ, 'ଟିକି ମାଉସୀ' ମାସ୍କଟ ମାଧ୍ୟମରେ ପୁଷ୍ଟି ସଚେତନତା ବାର୍ତାର ପ୍ରସାର, କଳିକା ଗୋଷ୍ଠୀଗତ କ୍ରେଚ୍, ପଢ଼ାପୁଷ୍ଟି କାର୍ଯ୍ୟକ୍ରମ ଆଦି ସେଥିରେ ଅନ୍ତର୍ଭୁକ୍ତ । ମୟୁରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ଓ ଗୋପବନ୍ଧୁ ନଗର ବ୍ଲକ୍‌ରେ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟି ଓ ପ୍ରାରମ୍ଭିକ ଶିକ୍ଷା ପାଇଁ ପ୍ରସ୍ତୁତି ସମ୍ବନ୍ଧୀୟ ସମନ୍ୱିତ କାର୍ଯ୍ୟକ୍ରମରେ ଆମ ବିଭାଗ ଆମେରିକାନ୍ ଇଣ୍ଡିଆ ଫାଉଣ୍ଡେସନ ସହଯୋଗରେ ଶିଶୁମାନଙ୍କ ସାମୂହିକ ବିକାଶ ଉଦ୍ଦେଶ୍ୟରେ ଏକ ପାଇଲଟ୍ ପ୍ରୋଜେକଫ ଆରମ୍ଭ କରୁଛି । ଏହି ଦୁଇଟି ବ୍ଲକ୍‌ରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ ୬ ମାସରୁ ୩ ବର୍ଷର ପିଲାମାନଙ୍କୁ ଗରମ ରନ୍ଧାଖାଦ୍ୟ ଦିଆଯିବ । ବର୍ତମାନ ପ୍ରଚଳିତ ବ୍ୟବସ୍ଥାଠାରୁ ଏହି ପଦକ୍ଷେପ ଅଧିକ ଫଳପ୍ରଦ ହେବ । ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷା ପାଇଁ ପ୍ରସ୍ତୁତି ଓ ଯୁବପିଢ଼ିଙ୍କ ମଧ୍ୟରେ ମାନସିକ ସ୍ୱାସ୍ଥ୍ୟର ସମସ୍ୟାକୁ କମାଇବା ପାଇଁ ଏହି ପଦକ୍ଷେପ ପ୍ରଭାବୀ ଓ ଫଳପ୍ରସୂ ହେବ । ଏହି ଅଭିନବ ପଦକ୍ଷେପ ଦୁଇଟିଯାକ ବ୍ଲକ୍‌ରେ ଅପପୁଷ୍ଟି ଭୋଗୁଥିବା ଶିଶୁମାନଙ୍କ ପୁଷ୍ଟିସାଧନ ଦିଗରେ ନିର୍ଣ୍ଣାୟକ ଭୂମିକା ନେବ । ଶିଶୁମାନଙ୍କର ପ୍ରାକ୍-ବିଦ୍ୟାଳୟ ପ୍ରସ୍ତୁତିକୁ ଅଧିକ ଜୋରଦାର କରିବା ସଙ୍ଗେ ସଙ୍ଗେ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟରେ ମଧ ଉନ୍ନତି ଆଣି ପାରିବ ବୋଲି ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ ମତବ୍ୟକ୍ତ କରିଥିଲେ ।

ବିଭାଗୀୟ କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା କହିଲେ ଯେ, ମୟୁରଭଞ୍ଜର ଠାକୁରମୁଣ୍ଡା ଓ ଗୋପବନ୍ଧୁ ନଗର ବ୍ଲକ୍‌ର ଶିଶୁମାନଙ୍କ ପୁଷ୍ଟିସାଧନ, ଖାଦ୍ୟରେ ଉନ୍ନତି ଓ ସେମାନଙ୍କ ସାମୂହିକ ବିକାଶ ଉଦ୍ଦେଶ୍ୟରେ ଆମେରିକାନ୍ ଇଣ୍ଡିଆନ୍ ଫାଉଣ୍ଡେସନର ଏହି ପାଇଲଟ୍ ପ୍ରୋଜେକଫ ନିଶ୍ଚିତ ରୂପେ ସଫଳତା ହାସଲ କରିବ ।

## 'ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍ ୨୦୨୨ରେ ବୟନଶିଳ୍ପର ବିକାଶ ପାଇଁ ସ୍ୱତନ୍ତ୍ର ଆଲୋଚନା ଚକ୍ର'

**ଭୁବନେଶ୍ୱର,(ପିଏନ)-** ରାଜ୍ୟରେ ପୁଂଜିନିବେଶ ଓ ଶିଳ୍ପାୟନକୁ ପ୍ରୋତ୍ସାହନ କରିବା ପାଇଁ ଓଡ଼ିଶା ସରକାର ମେକ୍ ଇନ୍ ଓଡ଼ିଶା କନକ୍ଲେଭ୍‌ର ତୃତୀୟ ସଂସ୍କରଣ ନଭେମ୍ବର ୩୦ ତାରିଖରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ ହେବ । ଏହି କାର୍ଯ୍ୟକ୍ରମ କୋଭିଡ୍-୨୦୧୯ ମହାମାରୀ ଯୋଗୁଁ ୩ ବର୍ଷ ବ୍ୟବଧାନରେ ଆୟୋଜିତ ହେଉଅଛି । ଏହି କାର୍ଯ୍ୟକ୍ରମରେ ସାରା ବିଶ୍ୱର ଶିଳ୍ପ ଓ ବାଣିଜ୍ୟ ଜଗତର ଅନେକ ଜଣାଶୁଣା ବ୍ୟକ୍ତିତ୍ୱ ଯୋଗଦେବେ ଓ ରାଜ୍ୟରେ ପୁଂଜିନିବେଶର ସମ୍ଭାବନା ଉପରେ ଆଲୋଚନା କରିବେ ।

ଏହି କାର୍ଯ୍ୟକ୍ରମରେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ର ଉପରେ ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରାଯିବ । ଏଥିପାଇଁ ଚିହ୍ନଟ ହୋଇଥିବା ୬ ଗୋଟି ଫୋକସ ସେକଫର ମଧ୍ୟରୁ ବୟନଶିଳ୍ପ ଅନ୍ୟତମ । ବୟନଶିଳ୍ପ, ପୋଷାକ ଉପାଦନ ଓ ବୈଷୟିକ ବୟନଶିଳ୍ପ କ୍ଷେତ୍ରରେ ଓଡ଼ିଶାରେ ପୁଂଜିନିବେଶର ସୁଯୋଗ ଏବଂ ସମ୍ଭାବନା ପ୍ରଦର୍ଶନ କରିବାର ଉଦ୍ଦେଶ୍ୟ ସହିତ, ବୟନଶିଳ୍ପ ଏବଂ ପୋଷାକ ଉପାଦନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ଡିସେମ୍ବର ୨ ତାରିଖରେ ଦୁଇଟି ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହେବ । ପ୍ରଥମ ଅଧିବେଶନରେ 'ବୟନଶିଳ୍ପ ଓ ପୋଷାକ ଉପାଦନ' କ୍ଷେତ୍ରର ବିକାଶ ସହ ଓଡ଼ିଶାକୁ ପୂର୍ବ ଭାରତର ବୟନଶିଳ୍ପ 'ହବ୍' ଭାବରେ ସ୍ଥାପିତ କରିବା ଦିଗରେ ଏବଂ ଦ୍ୱିତୀୟ ଅଧିବେଶନରେ 'ହସ୍ତଶିଳ୍ପ ଓ ହସ୍ତଶିଳ୍ପ ସଂଗ୍ରହ' ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହେବ । ଏହି ଆଲୋଚନା ଚକ୍ରରେ ଓଡ଼ିଶାର ପାରମ୍ପରିକ ହସ୍ତଶିଳ୍ପ ଓ ହସ୍ତତନ୍ତର ବିକାଶ ସହ ଏହାକୁ ବିଶ୍ୱ ବଜାରରେ ଅଧିକ ଲୋକପ୍ରିୟ କରିବାର ସମ୍ଭାବନା ଖୋଜାଯିବ । ବିଭାଗୀୟ ଅଧିବେଶନ ପରେ ଡିସେମ୍ବର ୩ ତାରିଖରେ ବୟନିକା ଓ କ୍ରଊଏଞ୍ଚର ମିଳିତ ସହଯୋଗରେ ଏକ ଫ୍ୟାସନ ଶୋ ଆୟୋଜନ କରାଯିବ । ଏଥିରେ ଓଡ଼ିଶାର ହସ୍ତତନ୍ତ ଓ ଅନ୍ୟାନ୍ୟ ପୋଷାକ ପ୍ରଭୃତିକୁ ଆଦୃତ କରିବା ନିମନ୍ତେ ପ୍ରଦର୍ଶିତ କରାଯିବ ।

ଏହି ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରମୁଖ ଶାସନ ସଚିବ ଡଃ ଅରବିନ୍ଦ କୁମାର ପାଢ଼ୀ ବୈଷୟିକ ବୟନଶିଳ୍ପ ସେକଫର ସମେତ ବୟନଶିଳ୍ପ ଓ ପୋଷାକ ଉପାଦନ କ୍ଷେତ୍ରର ନିବେଶକମାନଙ୍କୁ ଓଡ଼ିଶା ଆସି ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ଉତମ ପରିବେଶ ଓ ନିବେଶକଙ୍କ ପାଇଁ ଅନୁକୂଳ ନୀତିକୁ ଆପଣେଇବା ପାଇଁ ଆମନ୍ତ୍ରଣ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡିଶା ସରକାର ସମସ୍ତ ପ୍ରକାର ଉଦ୍ୟମ ଜାରି ରହିଥିବା ପ୍ରକାଶ କରିଅଛନ୍ତି । ଏହି କାର୍ଯ୍ୟକ୍ରମ ପୂର୍ବରୁ ନିର୍ଦ୍ଦେଶକ, ବୟନଶିଳ୍ପ ଓ ହସ୍ତତନ୍ତ ଶ୍ରୀ ଶୋଭନ କୃଷ୍ଣ ସାହୁ କହିଛନ୍ତି, 'ବୟନଶିଳ୍ପ, ପୋଷାକ ଉପାଦନ ଓ ବୈଷୟିକ ବୟନଶିଳ୍ପ' କ୍ଷେତ୍ରରେ ଅଗ୍ରଣୀ ଶିଳ୍ପ ସଂସ୍ଥା ଓ ଏହି କ୍ଷେତ୍ରରେ ମୂଲ୍ୟ ଶୃଙ୍ଖଳା ବା ଭାଲ୍ୟୁଚେନ୍ ସହିତ ଜଡିତ ପ୍ରତିନିଧିମାନେ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ । ବୟନଶିଳ୍ପର ବିକାଶ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ । ଭବିଷ୍ୟତରେ ରାଜ୍ୟରେ କଂଚାମାଲ ଉପାଦନଠାରୁ ଆରମ୍ଭ କରି ଉପଭୋକ୍ତାଙ୍କ ପାଇଁ ଆବଶ୍ୟକୀୟ ବସ୍ତ୍ର ତିଆରି ପର୍ଯ୍ୟନ୍ତ ଅର୍ଥାତ୍ ଫାର୍ମ ରୁ ଫ୍ୟାଶନ୍ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏହି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ।

### ପୁଣି ଧମକାଇଲେ ପିସିବି ମୁଖ୍ୟ ରମିଜ ରାଜା

## ଭାରତ ନ ଆସିଲେ, ଆମେ ବି ଯିବୁନୁ

**ଇସଲାମାବାଦ:** ପାକିସ୍ତାନରେ ଅନୁଷ୍ଠିତ ହେବାକୁ ଥିବା ଆସନ୍ତା ଏସିଆ କପ ଖେଳିବାକୁ ଯଦି ଟିମ ଇଣ୍ଡିଆ ଆସିବ ନାହିଁ, ତା'ହେଲେ ଆମେ ମଧ୍ୟ ୨୦୨୩ ଦିନିକିଆ ବିଶ୍ୱକପ ଖେଳିବାକୁ ନୂଆଦିଲ୍ଲୀ ଯିବୁ ନାହିଁ । ଆମେ ଆମ ନିଷ୍ପତ୍ତିରେ ଅଟଳ ରହିଛୁ ବୋଲି ପୁଣିଥରେ କହିଛନ୍ତି ପାକିସ୍ତାନ କ୍ରିକେଟ ବୋର୍ଡର ଅଧକ୍ଷ ରମିଜ ରାଜା ।



୨୦୨୩ରେ ବିଶ୍ୱକପ ଭାରତରେ ଅନୁଷ୍ଠିତ ହେବାକୁ ଥିବା ବେଳେ ପାକିସ୍ତାନ ଏସିଆ କପ ହୋଷ୍ଟିଂ ଦାୟତ୍ୱ ପାଇଛି । ତେବେ ଦୁଇ ଦେଶ ମଧ୍ୟରେ ଚାଲିଥିବା ରାଜନୀତିକ ତିକ୍ତତା ଯୋଗୁ କିଛି ଦିନ ତଳେ ବିସିସିଆଇ ସମ୍ପାଦକ ଜୟ ଶାହ ବଡ ବୟାନ ଦେଇଥିଲେ । ଏସିଆ କପ ଖେଳିବାକୁ ଭାରତ କେବେ ହେଲେ ପାକିସ୍ତାନ ଯିବନି ଓ ଦରକାର ପଡିଲେ ଏସିଆ କପର ଭେନ୍ୟୁ ମଧ ବଦଳାଯିବ ବୋଲି ସେ ମତ ରଖିଥିଲେ । ଏହି ବୟାନ ପରଠାରୁ ପିସିବି ପକ୍ଷରୁ ଭାରତକୁ ବାରମ୍ବର ଏପରି ଧମକ ଦିଆଯିବା ଆରମ୍ଭ ହୋଇଛି ।

ଏସବୁ ଭିତରେ ରମିଜ ରାଜା କହିଛନ୍ତି ଯେ "ବିଗତ ୨ ବର୍ଷ ହେଲା ପାକିସ୍ତାନ ଭଲ କ୍ରିକେଟ ଖେଳି ଆସୁଛି । ପାକିସ୍ତାନ ଟିମ ଦୁଇ ଥର(୨୦୨୧ ଟି-୨୦ ବିଶ୍ୱକପ ଓ ଏସିଆ କପ ୨୦୨୨) ଭାରତକୁ ପରାସ୍ତ ମଧ କରିଛି । ପିସିବି ପୂର୍ବରୁ ମଧ କହିଛି ଓ ଏବେ ବି କହୁଛି ଯେ ଯଦି ଭାରତୀୟ ଟିମ୍ ପାକିସ୍ତାନ ନ ଆସିବାକୁ ନିଷ୍ପତ୍ତି ନିଏ, ତା'ହେଲେ ଆମେ ମଧ ସେହି ଅନୁଯାୟୀ ପଦକ୍ଷେପ ନେବୁ । ଆମର ଏକମାତ୍ର ଆଭିମୁଖ୍ୟ ହେଲା ଯେ ସେମାନେ(ଭାରତୀୟ ଟିମ) ଆସିଲେ ଆମେ ବିଶ୍ୱକପକୁ ଯିବୁ । ଯଦି ସେମାନେ ଆସିବେ ନାହିଁ, ତା'ହେଲେ ନ ଆସନ୍ତୁ । ସେମାନେ ପାକିସ୍ତାନ ବିନା ବିଶ୍ୱକପ ଖେଳନ୍ତୁ । ଯଦି ଆସନ୍ତାବର୍ଷ ପାକିସ୍ତାନ ବିଶ୍ୱକପ ଖେଳିବ ନାହିଁ, ତା'ହେଲେ କିଏ ଏହାକୁ ଦେଖିବ ? ଆମେ ଆମ ନିଷ୍ପତ୍ତିରେ କାଏମ ରହିବୁ । ଆମ ଟିମ ଭଲ ଖେଳୁଛି । ବିଶ୍ୱର ସବୁଠାରୁ ଭଲ ବ୍ୟବସାୟ କରୁଥିବା କ୍ରିକେଟ ଟିମକୁ ଆମେ ହରାଇଛୁ । ଆମେ ଟି-୨୦ ବିଶ୍ୱକପ ଫାଇନାଲ ମଧ୍ୟ ଖେଳିଛୁ । ମୁଁ ସବୁବେଳେ କହି ଆସିଛି ଯେ ଆମକୁ ପାକିସ୍ତାନ କ୍ରିକେଟର ଅର୍ଥକୁ ବ ?ାଇବାକୁ ପଡିବ । ଆଉ ଏହା ସେତେବେଳେ ସମ୍ଭବ ଯେତେବେଳେ ଆମ ଟିମ ଭଲ ଖେଳ ପ୍ରଦର୍ଶନ କରିବ । ଆମେ ଏବେ ଭଲ ଖେଳ ପ୍ରଦର୍ଶନ କରୁଛୁ । ୨୦୨୧ ଟି-୨୦ ବିଶ୍ୱକପରେ ଓ ୨୦୨୨ ଏସିଆ କପରେ ଆମେ ଭାରତକୁ ହରାଇଛୁ । ଗୋଟିଏ ବର୍ଷରେ ଆମେ କୋଟିକୋଟି ଟଙ୍କା ଆୟ କରୁଥିବା ବୋର୍ଡକୁ ଦୁଇ ଥର ହରାଇ ଆମ ଦକ୍ଷତାର ପରିଚୟ ଦେଇଛୁ ।"

୨୦୦୯ ଏସିଆ କପ ପରେ ପାକିସ୍ତାନ ଏଯାଏ କୌଣସି ପ୍ରକାରର ମଲ୍ଟି ନେଶନ ଟୁର୍ଣ୍ଣାମେଣ୍ଟ ଆୟୋଜନ କରିନାହିଁ । ୨୦୦୯ରେ ଲାହୋର ଗଦାଫି ଷ୍ଟାଡିୟମ ବାହାରେ ଶ୍ରୀଲଙ୍କା ଟିମ ଉପରେ ଆତଙ୍କବାଦୀମାନେ ଗୁଳିମାଡ କରିଥିଲେ । ସେବେଠାରୁ ଅନ୍ୟ ଦେଶଗୁଡିକ ପାକିସ୍ତାନ ଯିବାକୁ ମନା କରି ଦେଇଥିଲେ । ଦୀର୍ଘ ୬ ବର୍ଷ ପରେ ଅର୍ଥାତ ୨୦୧୫ରେ ପାକିସ୍ତାନକୁ ଅନ୍ତର୍ଜାତୀୟ କ୍ରିକେଟ ଫେରିଥିଲା । ପାକିସ୍ତାନ ଓ ଜିମ୍ବାୱେ ବିପକ୍ଷରେ ଦିନିକିଆ ସିରିଜ୍ ୨୦୧୫ରେ ଖେଳାଯାଇଥିଲା । ତେବେ ୨୦୧୭ରୁ ପର୍ଯ୍ୟାକ୍ରମେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଭଳି ଟିମ ପାକିସ୍ତାନ ଯାଇ ମ୍ୟାଚ୍ ଖେଳିଛନ୍ତି ।

## ଫିଫା ବିଶ୍ୱକପ: ଫ୍ରାନ୍ସ ପରେ ରାଉଣ୍ଡ ୧୬ରେ ବ୍ରାଜିଲ ଓ ପର୍ତ୍ତୁଗାଲ

**ଦୋହା:** କତାରରେ ଚାଲିଥିବା ଫିଫା ଫୁଟବଲ ବିଶ୍ୱକପରେ ରୋମାଞ୍ଚ ବଢିବାରେ ଲାଗିଛି । ଏକାଧିକ ବଡ ଟିମ୍ ପ୍ରଥମରୁ ଝୁଣ୍ଟିଥିବା ବେଳେ ଆଉ କିଛି ଦଳ ଅପ୍ରତ୍ୟାଶିତ ବିଜୟ ସହ ନକଆଉଟ ପର୍ଯ୍ୟାୟରେ ପହଞ୍ଚିବା ଦ୍ୱାରଦେଶରେ ରହିଛନ୍ତି । ତେବେ ବିଶ୍ୱକପର ୯ମ ଦିନର ଖେଳ ଶେଷ ସୁଦ୍ଧା ବିଶ୍ୱର ୩ ଶକ୍ତିଶାଳୀ ଫୁଟବଲ ଟିମ୍ ରାଉଣ୍ଡ ୧୬ ବା ନକଆଉଟ ଷ୍ଟେଜରେ ପହଞ୍ଚି ଯାଇଛନ୍ତି ।



ପ୍ରଥମେ ଫ୍ରାନ୍ସ ରାଉଣ୍ଡ ୧୬ରେ ପହଞ୍ଚିଥିବା ବେଳେ ଏବେ ବ୍ରାଜିଲ ଓ ପର୍ତ୍ତୁଗାଲ ନକଆଉଟ ଷ୍ଟେଜକୁ ଯାଇଛନ୍ତି । ଏହି ୩ ଦଳ ପାଖରେ ଗୋଟିଏ ଲେଖାଏ ମ୍ୟାଚ୍ ବି ଖେଳିବାକୁ ବାକି ରହିଛି ।

ସୋମବାର ବିଳମ୍ବିତ ରାତିରେ ଖେଳା ଯାଇଥିବା ଗ୍ରୁପ ଏଚ୍‌ର ଗୋଟିଏ ମୁକାବିଲାରେ ପର୍ତ୍ତୁଗାଲ ୨-୦ରେ ଉରୁଗୁଏକୁ ହରାଇ ଦେଇଛି । କ୍ରିଷ୍ଟିଆନୋ ରୋନାଲ୍ଡଙ୍କ ଏହି ଟିମ୍ ଆରମ୍ଭରୁ ନିଜର ଜଲୱା ଦେଖାଇ ଶେଷରେ ଉରୁଗୁଏକୁ ହରାଇଛି । ଦଳ ପକ୍ଷରୁ ଅନ୍ୟତମ ଷ୍ଟାର ଖେଳାଳି ବ୍ରୁର୍ଣ୍ଣ ଫର୍ଣ୍ଣାଣ୍ଡେସ ଦୁଇଟି ଯାକ ଗୋଲ ସ୍କୋର କରିଛନ୍ତି । ଏହି ବିଜୟ ସହ ଗ୍ରୁପ ଏଚ୍‌ର ପ୍ରଥମ ସ୍ଥାନରେ ପହଞ୍ଚି ପର୍ତ୍ତୁଗାଲ ରାଉଣ୍ଡ ୧୬କୁ ଯାଇଛି । ଦଳ ଶେଷ ମ୍ୟାଚ୍‌ରେ ଦକ୍ଷିଣ କୋରିଆକୁ ଭେଟିବ । ଏହାପୂର୍ବରୁ ପର୍ତ୍ତୁଗଲା ତା'ର ପ୍ରଥମ ମ୍ୟାଚ୍‌ରେ ଘାନାକୁ ୩-୨ରେ ହରାଇଥିଲା ।

ପର୍ତ୍ତୁଗାଲ ପୂର୍ବରୁ ବ୍ରାଜିଲ ମଧ୍ୟ ସ୍ୱିଜରଲ୍ୟାଣ୍ଡ ବିପକ୍ଷରେ ୧-୦ରେ ଜିତି ରାଉଣ୍ଡ ୧୬ରେ ପ୍ରବେଶ କରିଥିଲା । ଆହତ ସମସ୍ୟା ଯୋଗୁ ସ୍ୱିଜରଲ୍ୟାଣ୍ଡ ବିପକ୍ଷରେ ବ୍ରାଜିଲର ଷ୍ଟାର ନେମାର ଖେଳି ନଥିଲେ । ତଥାପି ଦଳ ୧-୦ରେ ମ୍ୟାଚ୍‌କୁ ଜିତି ରାଉଣ୍ଡ ୧୬ରେ ପହଞ୍ଚିଛି । ପ୍ରଥମ ମ୍ୟାଚ୍‌ରେ ବ୍ରାଜିଲ ୨-୦ରେ ସର୍ବିୟାକୁ ହରାଇଥିଲା ।

ଅନ୍ୟପକ୍ଷରେ ଚଳିତ ବିଶ୍ୱକପରେ ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସ ପ୍ରଥମ ଦଳ ଭାବେ ଗ୍ରୁପ୍ ଡି'ରୁ ରାଉଣ୍ଡ ୧୬ରେ ପ୍ରବେଶ କରିଥିଲା । ଫ୍ରାନ୍ସ ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୪-୧ ଓ ଦ୍ୱିତୀୟ ମ୍ୟାଚ୍‌ରେ ଡେନମାର୍କକୁ ୨-୧ରେ ହରାଇ ୬ ପଏଣ୍ଟ ସହ ନକଆଉଟରେ ପହଞ୍ଚିଥିଲା ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray